RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-13 ◆TUESDAY ◆07 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୩ ◆ମଙ୍ଗଳବାର ◆୦୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଭଉଣୀ ଖୋଲିଲେ ଗୁମର

**ସୁଜେନ ନେଇ ନାହାନ୍ତି ୪୦୦ କୋଟି**

▶ପୃଷ୍ଠା ୧୧ ଦେଖନ୍ତୁ...

## ଶ୍ରୀଲଙ୍କା ଜେଲ୍‌ରେ କଏଦୀଙ୍କ ମଧ୍ୟରେ ହଣାକଟା; ୨୫ ମୃତ



■ କଲମ୍ବୋ, ୬।୭(ଏଜେନ୍ସି): ଶ୍ରୀଲଙ୍କାର ପଶ୍ଚିମ ଉପକୂଳ ସହର ନେଗୋମ୍ବୋ କାରାଗାରରେ ବନ୍ଦୀମାନଙ୍କ ମଧ୍ୟରେ ଘଟିଥିବା ଭୟଙ୍କର ସଂଘର୍ଷରେ ୨୫ ଜଣ କଏଦୀ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ୧୦୦ରୁ ଅଧିକ ବନ୍ଦୀ ଓ ଅନ୍ୟମାନେ ଆହତ ହୋଇଛନ୍ତି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅତ୍ୟଧିକ ଭିଡ଼ ଥିବା ଏହି କାରାଗାରରେ ଗତାଲି ଦୁଇ ବନ୍ଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ପରେ ପରିସ୍ଥିତି ଅଧିକ ଉଗ୍ର ହୋଇ ବନ୍ଦୀମାନେ କାରାଗାରରୁ ଅସ୍ତ୍ର ଛଡ଼ାଇ ନେଇଥିଲେ ଏବଂ ପରସ୍ପର ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, କାରାଗାର ଭିତରେ ଚାଲିଥିବା ବେଆଇନ ମାଦକ ଚୋରାଚାଲାଣକୁ ସମର୍ଥନ କରୁଥିବା ଏକ ଗୋଷ୍ଠୀ ଓ ଏହାକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦରୁ ଏହି ହିଂସା ଆରମ୍ଭ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ସ୍ପେଶାଲ ଟାସ୍କ ଫୋର୍ସ ଏବଂ ଦଙ୍ଗା ନିୟନ୍ତ୍ରଣ ବାହିନୀକୁ ମୁତୟନ କରାଯାଇଛି। ଅଧିକ ହିଂସା ରୋକିବା ପାଇଁ ଅନେକ ବନ୍ଦୀଙ୍କୁ ପାଲାନସେନା କାରାଶିବିରକୁ ସ୍ଥାନାନ୍ତର କରାଯାଇଛି। କାରାଗାର ବିଭାଗର ମୁଖପାତ୍ର ଏସି ଗଜନାୟକେ କହିଛନ୍ତି ▶ପୃଷ୍ଠା-୧୦

## ଆବେଦନ ଖାରଜ, ନୀରବ ମୋଦୀ ପ୍ରତ୍ୟର୍ପଣ ଶୀଘ୍ର



■ ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ମହାଘୋଟାଲା ଏବଂ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦୀଙ୍କୁ ଭାରତକୁ ପ୍ରତ୍ୟାର୍ପଣ ହେବା ବର୍ତ୍ତମାନ ସୁନିଶ୍ଚିତ ହୋଇଯାଇଛି। ଫ୍ରାନ୍ସର ଷ୍ଟ୍ରାସବର୍ଗସ୍ଥିତ ୟୁରୋପୀୟ ମାନବାଧିକାର ଅଦାଲତ (ଇସିଏଚଆର)ରେ ନୀରବ ମୋଦୀ କରିଥିବା ଶେଷ ଆଇନଗତ ଅପିଲ୍ ଖାରଜ ହୋଇଯାଇଛି। ବ୍ରିଟେନରେ ତାଙ୍କ ପାଇଁ ଥିବା ସମସ୍ତ ଆଇନଗତ ବିକଳ୍ପ ଏବେ ଶେଷ ହୋଇଛି ଏବଂ ବ୍ରିଟେନ ସରକାର ବର୍ତ୍ତମାନ ତାଙ୍କ ପ୍ରତ୍ୟାର୍ପଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇ ପାରିବେ।

୨୦୧୯ ମାର୍ଚ୍ଚ ମାସରୁ ଲଣ୍ଡନର ୱାଣ୍ଡସୱର୍ଥ କାରାଗାରରେ ବନ୍ଦୀ ଥିବା ନୀରବ ମୋଦୀଙ୍କୁ ଭାରତ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରମାଗତ ଭାବେ ପ୍ରୟାସ କରୁଛନ୍ତି। ପୂର୍ବରୁ ବ୍ରିଟେନ ହାଇକୋର୍ଟ ମଧ୍ୟ ଭାରତର ଜେଲ୍ ସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉପଯୁକ୍ତ ଦର୍ଶାଇ ପ୍ରତ୍ୟାର୍ପଣକୁ ଅନୁମତି ଦେଇଥିଲେ। ଏହା ବିରୋଧରେ ନୀରବ ମୋଦୀ ଗତ ଏପ୍ରିଲ ୨୦୨୬ରେ ଇସିଏଚଆରର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେଠାରୁ ମଧ୍ୟ ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ। ଗତ ମାର୍ଚ୍ଚ ମାସରେ ଲଣ୍ଡନର କିଙ୍ଗସ୍ ବେଞ୍ଚ ▶ପୃଷ୍ଠା-୧୦

# ବଢୁଛି ଏସ୍‌ଆଇଆର୍ ଅଡୁଆ

## କର୍ଣ୍ଣାଟକରେ ସିଇଓଙ୍କୁ ଭେଟିଲେ ତିନି କେନ୍ଦ୍ର ମନ୍ତ୍ରୀ



■ ବେଙ୍ଗାଲୁରୁ, ୬।୭(ଏଜେନ୍ସି): ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ବା ଏସଆଇଆରକୁ ନେଇ ବିରୋଧୀ ମେଣ୍ଟ ନିର୍ବାଚନ କମିସନଙ୍କ ଠାରୁ ଆରମ୍ଭ କରି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇ ଗୁହାରି କରିବାରେ ଲାଗିଛନ୍ତି। ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଛି ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଟାର୍ଗେଟ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଏସଆଇଆର ଯୋଗୁଁ ପଶ୍ଚିମ ବଙ୍ଗରେ ମମତା ସରକାର କ୍ଷମତାଚ୍ୟୁତ ହେଲେ ବୋଲି ଟିଏମସି ଅଭିଯୋଗ କରିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ସବୁ ଅଭିଯୋଗକୁ ଖଣ୍ଡନ କରି ଚାଲିଥିବା ବିଜେପି ଆଜି ପ୍ରଥମ ଥର ଲାଗି ଏସ୍‌ଆଇଆର୍‌କୁ ନେଇ ଆପତ୍ତି ଉଠାଇଛି। କର୍ଣ୍ଣାଟକରେ ଏହି ଘଟଣା ସାମନାକୁ ଆସିଛି। ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ବିଜେପି ନେତୃତ୍ୱରେ ଏନଡିଏର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି। ଏହି ପ୍ରତିନିଧି ଦଳରେ ତିନି ଜଣ କେନ୍ଦ୍ର ମନ୍ତ୍ରୀ ରହିଥିଲେ। ସେମାନେ ହେଲେ ଏଚ୍‌ଡି କୁମାରସ୍ୱାମୀ, ପ୍ରହ୍ଲାଦ ଯୋଶୀ ଏବଂ ଶୋଭା କରନ୍ଦଲାଜେ। ସେମାନେ ଅଭିଯୋଗ କରିଛନ୍ତି ଯେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ଲୋକଙ୍କ ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ ▶ପୃଷ୍ଠା-୧୦

## ଓଡ଼ିଶାରେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩,୬୯୧ ଭୋଟର ବାଦ୍

**ଗଞ୍ଜାମରୁ ୨.୭୬ ଲକ୍ଷ, କଟକରୁ ୧.୫୫ ଲକ୍ଷ ଭୋଟର କଟିଛନ୍ତି**

**ଯାଜପୁରରେ କଟିଲେ ୧.୦୫ ଲକ୍ଷ, ମୟୂରଭଞ୍ଜରେ ୧.୧୧ ଲକ୍ଷ**

**ଚିଠାରେ ଦୁଇ ପୁଅ, ସ୍ତ୍ରୀଙ୍କର ନାମ; ଜୀବିତ ସ୍ୱାମୀଙ୍କ ନାମ ନାହିଁ**

■ ଭୁବନେଶ୍ୱର,୬।୭(ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ ହଜାରରୁ ଅଧିକ ଭୋଟର ବାଦ୍ ପଡ଼ିଥିବା ସମୟରେ କେବଳ ଚିଠା ତାଲିକାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ ଲକ୍ଷ ୭ ହଜର ୬୨୪ ଜଣ ଲୋକଙ୍କ ନାମ ବାଦ ପଡ଼ିଛନ୍ତି। ଅନ୍ୟପକ୍ଷରେ ଦେବଗଡ଼ରେ ସର୍ବନିମ୍ନ ୧୧୦୦୪ ଜଣ ଲୋକଙ୍କ ନାମ କଟିଥିବା ସୂଚନା ମିଳିଛି। ସାଧାରଣ ଭାବରେ ଦେଖିଲେ ନିର୍ବାଚନମଣ୍ଡଳୀ ପିଛା ହାରାହାରି ୧୩୬୯୧ ନାମ ବାଦ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ କଟକରେ ଦ୍ୱିତୀୟ ସର୍ବାଧିକ ୧ ଲକ୍ଷ ୫୫ ହଜାର ୧୬୪ ଜଣ ଲୋକଙ୍କ ନାମ କଟିଛି। ସେହିପରି ▶ପୃଷ୍ଠା-୧୦

### ରାମ ମନ୍ଦିର ଚାନ୍ଦା ଚୋରି

## ହଟିଲେ ଚମ୍ପତ ରାୟ, ଅନିଲ ମିଶ୍ର



ଚମ୍ପତ ରାୟ | କ୍ରିଷ୍ଣ ମୋହନ

■ ଅଯୋଧ୍ୟା, ୬।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଫସିଥିବା ମନ୍ଦିର ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଇସ୍ତଫା ଶେଷରେ ଗ୍ରହଣ କରି ନିଆଯାଇଛି। ଆଜି ଏଠାରେ ଅନୁଷ୍ଠିତ ରାମ ମନ୍ଦିର ଟ୍ରଷ୍ଟ ବୈଠକରେ ଅନ୍ୟତମ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫାକୁ ମଧ୍ୟ ଗ୍ରହଣ କରି ନିଆଯାଇଛି। ଚମ୍ପତ ରାୟଙ୍କ ସ୍ଥାନରେ ବର୍ତ୍ତମାନ ପାଇଁ କ୍ରିଷ୍ଣା ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ ଚାନ୍ଦା ଚୋରି ମାମଲାରେ ଯେତେ ବଡ଼ ଲୋକ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସରକାରଙ୍କୁ ପରାମର୍ଶ ଦିଆଯାଇଛି।

**କ୍ରିଷ୍ଣ ମୋହନଙ୍କୁ ଅସ୍ଥାୟୀ ଦାୟିତ୍ୱ**

ଟ୍ରଷ୍ଟର ଏଭଳି ଆଭିମୁଖ୍ୟ ପରେ ଉଭୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ଚାନ୍ଦା ଚୋରି ମାମଲାରେ ଏହି ଦୁଇ ନେତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ସମସ୍ତେ ଚମ୍ପତ ଓ ଅନିଲଙ୍କ ଅତି ଘନିଷ୍ଠ ରୂପେ ପରିଚିତ। ସେମାନେ ଚୋରି କରୁଥିବା ନେଇ ଚମ୍ପତ ଜାଣିଥିଲେ ମଧ୍ୟ ଏହାକୁ ଘୋଡ଼ାଇବାକୁ ଉଦ୍ୟମ ଚଳାଇଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅନିଲ ମିଶ୍ର ମଧ୍ୟ ଅଟକାଇଥିଲେ ବୋଲି କୁହାଯାଉଛି। ଏହି ଦୁଇ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାରିଆଡୁ ଚାପ ପଡୁଛି। ଉଭୟ ଚମ୍ପତ ଓ ଅନିଲଙ୍କୁ ଏସ୍‌ଆଇଟି ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି ଏଫ୍‌ଆଇଆର ହୋଇନାହିଁ। ଟ୍ରଷ୍ଟର କଠୋର ଆଭିମୁଖ୍ୟ ପରିପ୍ରେକ୍ଷୀରେ ସେମାନଙ୍କ ବିରୋଧରେ ▶ପୃଷ୍ଠା-୧୦

### ତ୍ରୁଟିଶୂନ୍ୟ ରଥଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## କେବଳ ଅଧିକୃତ ସେବକଙ୍କୁ ଭିତର କର୍ଡନ ପାସ୍



■ ପୁରୀ,୬।୭(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ। ରଥଯାତ୍ରାର ସୁପରିଚାଳନା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ।

ଗତବର୍ଷ ରଥଟଣାରେ ଢେର୍ ବିଳମ୍ବ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ କେବଳ ଚକେ ଗଡ଼ିଥିଲେ। ବଳଗଣ୍ଡିରେ ତାଳଧ୍ୱଜ ଏବଂ ମରିଚୀକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ। ରଥଟଣା ବିଳମ୍ବ ପାଇଁ କର୍ଡନ ପାସ୍‌କୁ ଦାୟୀ କରିଥିଲେ ସମସ୍ତେ। ଅତ୍ୟଧିକ କର୍ଡନ ପାସ୍ ବଣ୍ଟାଯାଇଥିବାରୁ ଭିତରେ ବିଶୃଙ୍ଖଳା ହେଲା, ଯେଉଁଥିପାଇଁ ରଥଟଣାରେ ସମସ୍ୟା ହେଲା ବୋଲି କୁହାଗଲା। ତେଣୁ ଏ ବର୍ଷ ଯେପରି କର୍ଡନ ପାସ୍ ମନଇଚ୍ଛା ବଣ୍ଟା ନ ଯାଏ ତା' ଉପରେ ଗୁରୁତ୍ୱାରୋପ ▶ପୃଷ୍ଠା-୧୦

### ବିପର୍ଯ୍ୟୟ ପରିଚାଳନା

## ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିଲା ଭେନେଜୁଏଲା

### ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ସ୍ୱୀକୃତିରେ ଆଉ ଏକ ସ୍ୱାକ୍ଷର

**ଭେନେଜୁଏଲା ରାଷ୍ଟ୍ରପତିଙ୍କ ଆଗ୍ରହ କ୍ରମେ ପହଞ୍ଚିଲେ ପାଣ୍ଡିଆନ**

**ରାଷ୍ଟ୍ରପତିଙ୍କ ସହ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଆଲୋଚନା**

**ବିପର୍ଯ୍ୟୟ ପ୍ରବଣରୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ ହୋଇଛି ଓଡ଼ିଶା**



■ ଭୁବନେଶ୍ୱର, ୬।୭ (ସମିସ): ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲକୁ ଅନ୍ତର୍ଜାତୀୟସ୍ତରରେ ତଥା ବିଶ୍ୱ ଜାତିସଂଘ ପ୍ରଶଂସା କରିଥିଲା। ଆନ୍ତର୍ଜାତୀୟ ଗଣମାଧ୍ୟମରେ ନବୀନ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥିଲା। ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ପ୍ରବୀଣ କରିବାରେ ସକ୍ଷମ ହୋଇଥିବା ନବୀନ ନକ୍ସା କେବଳ ଭାରତ ନୁହେଁ, ଆନ୍ତର୍ଜାତୀୟସ୍ତରରେ ବି ଗ୍ରହଣୀୟ ହୋଇଥିଲା। ସେହି ନକ୍ସା ଆଧାରରେ ଏବେ ରାଜ୍ୟ ଓ ଦେଶରେ ବିପର୍ଯ୍ୟୟ ପରିଚାଳନା ନୀତି ପ୍ରସ୍ତୁତ ହେଉଛି। ତେବେ ସଦ୍ୟ ଭୂକମ୍ପ ପ୍ରଭାବିତ ଭେନେଜୁଏଲା ସମ୍ପ୍ରତି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗୀ ତଥା ତତ୍‌କାଳୀନ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ସହଯୋଗ ଲୋଡ଼ିବା ▶ପୃଷ୍ଠା-୧୦

### କ୍ଷମତା ଅଳିନ୍ଦରେ ଆଲୋଡ଼ନ

## ଇସ୍ତଫା ଦେଲେ ଭୁବନେଶ୍ୱର ଡିସିପି




**ବିଭାଗ ହଜମ କରିପାରୁନି 'ବ୍ୟକ୍ତିଗତ' କାରଣ**

■ ଭୁବନେଶ୍ୱର, ୬।୭ (ସମିସ): ଇସ୍ତଫା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ତାଙ୍କ ଇସ୍ତଫା ଦେବା ଖବର ଏବେ କ୍ଷମତା ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଛି। କେଉଁ କାରଣରୁ ସେ ଇସ୍ତଫା ଦେଲେ ତାହା ବାହାରର ଲୋକ ତ ଦୂରର କଥା, ତାଙ୍କ ବିରାଦରୀ ଆଇପିଏସ୍‌ମାନେ ଓ ତାଙ୍କ ସହ କାମ କରୁଥିବା ପୁଲିସ ଅଧିକାରୀମାନେ ବି ବୁଝି ପାରୁନାହାନ୍ତି। 'ବ୍ୟକ୍ତିଗତ' କାରଣରୁ ସେ ଇସ୍ତଫା ଦେଇଥିବା କୁହାଯାଉଥିଲେ ହେଁ ବିଭାଗ ଏହି ସଂକ୍ଷିପ୍ତ ଓ ସହଜ ▶ପୃଷ୍ଠା-୧୦

## ଶୋଇଥିବା କକାକୁ ଟାଙ୍ଗିଆରେ ହାଣିଦେଲା

■ କିଶୋରନଗର,୬।୭(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅଞ୍ଚଳରେ ସୋମବାର



ଭୋର୍ ୫ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଶୋଇଥିବା ଅବସ୍ଥାରେ କକାଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛି ପୁତୁରା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

**ପାରିବାରିକ କଳହରୁ ପୁତୁରାର ଉନ୍ମତ୍ତ କାଣ୍ଡ**

ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ କଳଚିକଟା ଗ୍ରାମର କାଶୀନାଥ ନାୟକ ଭୋର୍ ୫ଟାରେ ନିଜ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ପୁତୁରା ଧେରେନ ନାୟକ ଏକ ▶ପୃଷ୍ଠା-୧୦

### ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ

# ବୈତରଣୀରେ ଛୋଟ ବନ୍ୟା ଆଶଙ୍କା



■ ଭୁବନେଶ୍ୱର,୬।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଝାଡ଼ଖଣ୍ଡ ମୁହାଁ ହୋଇଛି। ଯଦିଓ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଛି, ମାତ୍ର ଏହି ଲଘୁଚାପ ପ୍ରଭାବରେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆଜି ମଧ୍ୟ ଭାରି ବର୍ଷା ରେକର୍ଡ ହୋଇଛି। ସୋମବାର ସନ୍ଧ୍ୟା ୫ ଟା ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ୫୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବରଗଡ଼ରେ ୫୨, ସମ୍ବଲପୁର ୪୪, ସୁନ୍ଦରଗଡ଼ ୪୦ ଓ ନୂଆପଡ଼ାରେ ୩୪ ମିମି ବର୍ଷା ରେକର୍ଡ ହୋଇଛି। ବର୍ତ୍ତମାନ ଏହି ଅବପାତ ଦକ୍ଷିଣ ଝାଡ଼ଖଣ୍ଡ ପାର୍ଶ୍ୱବର୍ତ୍ତୀ ଉତ୍ତର-ଆଭ୍ୟନ୍ତରୀଣ ଓଡିଶା ଉପରେ ସକ୍ରିୟ ରହିଛି। ▶ପୃଷ୍ଠା-୧୦

### ୯ରେ ହୀରାକୁଦ ଛାଡ଼ିବ ବନ୍ୟାଜଳ

■ ଭୁବନେଶ୍ୱର,୬।୭(ସମିସ): ଅବପାତ ଛତିଶଗଡ଼ମୁହାଁ ହେଉଥିବାରୁ ସେଠାରେ ଆହୁରି ଅଧିକ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ତାରିଖରେ ହୀରାକୁଦରେ ପ୍ରଥମ ବନ୍ୟା ▶ପୃଷ୍ଠା-୧୦

## ଲଗାଣ ବର୍ଷାରେ କାନ୍ଥ ପଡ଼ି ଶିଶୁକନ୍ୟା ମୃତ, ମାଆ ଆହତ



■ ଠାକୁରମୁଣ୍ଡା/ମହୁଲଡିହା, ୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଲଗାଣ ବର୍ଷା ହୋଇଛି। ଫଳରେ ଠାକୁରମୁଣ୍ଡାରେ ଧନ ଜୀବନ ନଷ୍ଟ ହୋଇଛି। ମହୁଲଡିହା ପଞ୍ଚାୟତର ମହୁଲଡିହା ଗ୍ରାମରେ ୫ ତାରିଖ ରାତିରେ ଘର କାନ୍ଥ ପଡ଼ିବାରୁ ଜଣେ ୨ ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଥିବାବେଳେ ମାଆ ଆହତ ହୋଇଥିବା ଜଣାପଡ଼ିଛି। ମୃତ ଶିଶୁକନ୍ୟା ଚାନ୍ଦିନୀ (ଜେମା) ମୁଣ୍ଡା। ଏକ ପୁରୁଣା ଘର ଭିତରେ ମାଆ ଶାନ୍ତି ସିଂ (୨୬) ଦୁଇଝିଅ ବୁଦୁନୀ (୪) ଓ ସାନ ଚାନ୍ଦିନୀ ସହ ଶୋଇଥିଲେ। ଘର କାନ୍ଥ ଖସି ପଡିବା ଶବ୍ଦରେ ପଡୋଶୀ ଆସି କାନ୍ଥ ତଳୁ ମାଆ ଓ ୨ ଝିଅଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସାନଝିଅ ▶ପୃଷ୍ଠା-୧୦

# ଟ୍ରମ୍ପଙ୍କ ଭୟରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟିରୁ ଓହରିଲେ ୧୩ଟି ଦେଶ



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ନହେବା ପାଇଁ ଆମେରିକା ବିଶ୍ୱର ବିଭିନ୍ନ ଦେଶ ଉପରେ କୂଟନୈତିକ ଚାପ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ଇରାନ ଗଣମାଧ୍ୟମ 'ତସନିମ୍ ନ୍ୟୁଜ୍ ଏଜେନ୍ସି'ର ରିପୋର୍ଟ ଅନୁସାରେ, ଆମେରିକାର ଏହି ଚେତାବନୀ ପରେ ଅତିକମରେ ୧୩ଟି ଦେଶ ତେହେରାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରୁ ନିଜର ପ୍ରତିନିଧିତ୍ୱ ପ୍ରତ୍ୟାହାର କରିଛନ୍ତି କିମ୍ବା ଅଂଶଗ୍ରହଣ ସୀମିତ କରିଦେଇଛନ୍ତି। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ବିଶ୍ୱବ୍ୟାପୀ ଥିବା ଆମେରିକୀୟ ଦୂତମାନେ ଏହି କୂଟନୈତିକ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଶୋକସଭାରେ ଯୋଗଦେବାକୁ 'ବନ୍ଧୁତ୍ୱହୀନ କାର୍ଯ୍ୟ' ଭାବେ ଗ୍ରହଣ କରାଯିବ ଏବଂ ଏହା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆମେରିକା ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଥିଲା। ବିଶେଷ କରି ଆଫ୍ରିକୀୟ ଦେଶଗୁଡ଼ିକୁ ଆମେରିକା ତରଫରୁ ଦିଆଯାଉଥିବା ଆର୍ଥିକ ଅନୁଦାନ ବନ୍ଦ କରିବାକୁ ଧମକ ଦିଆଯାଇଥିବା ବେଳେ ପ୍ରାୟ ୫ଟି ଆରବ ଦେଶକୁ ମଧ୍ୟ ସିଧାସଳଖ ସତର୍କ କରାଯାଇଥିଲା। ଏହି ଚାପ ଯୋଗୁଁ ପୂର୍ବ ୟୁରୋପର ୩ଟି, ଆଫ୍ରିକାର ୫ଟି, ପାରସ୍ୟ ଉପସାଗରୀୟ ଅଞ୍ଚଳର ୨ଟି ଏବଂ ପୂର୍ବ ଏସିଆର ୨ଟି ପ୍ରମୁଖ ଦେଶ ଏହି କାର୍ଯ୍ୟକ୍ରମରୁ ଓହରି ଯାଇଛନ୍ତି। ଅପରପକ୍ଷରେ, ଆମେରିକାର ଏହି କଟକଣା ଓ ଚାପ ସତ୍ତ୍ୱେ ତେହେରାନର ଇମାମ ଖୋମେନି ମସଜିଦ ସମ୍ମୁଖରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ଶୋକ ସନ୍ତପ୍ତ ପରିବେଶରେ ଖାମେନେଇଙ୍କୁ ଶେଷ ବିଦାୟ ଜଣାଇଛନ୍ତି। ଗତ ଫେବୃଆରୀ ୨୮ ଆକ୍ରମଣରେ ପ୍ରାଣ ହରାଇଥିବା ୮୬ ବର୍ଷୀୟ ଏହି ଜନନାୟକଙ୍କ ସ୍ମୃତି ଚାରଣ କରିବା ସହ ସେଠାରେ ଉପସ୍ଥିତ ଜନତା ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧମୂଳକ ସ୍ଲୋଗାନ ଦେଇ ପ୍ରଦର୍ଶନ କରିଛନ୍ତି।

## ଭାରତକୁ ଇରାନର ଧନ୍ୟବାଦ

ତେହେରାନ/ନୂଆଦିଲ୍ଲୀ: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖାମେନେଇଙ୍କ ରାଜକୀୟ ଶେଷକୃତ୍ୟରେ ଭାରତର ଅଂଶଗ୍ରହଣ ପାଇଁ ଇରାନ ଭାରତ ସରକାର ଓ ଜନସାଧାରଣଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛି। ଭାରତସ୍ଥିତ ଇରାନ ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏକ ବାର୍ତ୍ତା ପୋଷ୍ଟ କରି କୃତଜ୍ଞତା ପ୍ରକାଶ କରିଛି। ଭାରତ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶେଷକୃତ୍ୟରେ ଯୋଗ ଦେଇଥିଲା। ଏଥିରେ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ (ଅବସରପ୍ରାପ୍ତ) ସୟଦ ଅତା ହସନୈନ୍, ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ରହି ଖାମେନେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ନେତା ସଲମାନ ଖୁର୍ଶିଦ, ପିଡିପି ନେତ୍ରୀ ମେହବୁବା ମୁଫ୍ତି, ଏବଂ ଭାରତର ଶିଖ, ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ୍ ଧର୍ମଗୁରୁମାନେ ମଧ୍ୟ ଶେଷକୃତ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ରୁଷର ମିସାଇଲ୍ ମାଡ଼; କିଭ୍‌ରେ ୮ ମୃତ

କିଭ୍, ୬।୭(ଏଜେନ୍ସି): ତୁର୍କୀରେ ଆୟୋଜିତ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ପୂର୍ବରୁ ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ସୋମବାର ବାଲିଷ୍ଟିକ୍ ମିସାଇଲ୍ ଦ୍ୱାରା ପ୍ରବଳ ଆକ୍ରମଣ କରାଯାଇଛି। ଏହି ଭୟାବହ ଆକ୍ରମଣରେ ଅତିକମରେ ୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୪ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ୟୁକ୍ରେନ ରାଜଧାନୀ ଉପରେ ଏହା ରୁଷର ଦ୍ୱିତୀୟ ବଡ଼ ଆକ୍ରମଣ, ଯାହା ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧର ଭୟାବହତାକୁ ଆହୁରି ବଢ଼ାଇ ଦେଇଛି। କିଭ୍‌ର ସ୍ଥାନୀୟ ପ୍ରଶାସନ ଅନୁସାରେ, ରୁଷର ଏହି କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ସହରର ୪ଟି ଆବାସିକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା, ଯେଉଁ ସମୟରେ ଲୋକମାନେ ଶୋଇଥିଲେ। ମୃତକଙ୍କ ମଧ୍ୟରୁ ୭ ଜଣ କିଭ୍‌ର ଏବଂ ଜଣେ ବୁଚା ଜିଲ୍ଲାର ବୋଲି ଜଣାପଡ଼ିଛି। କିଭ୍ ମେୟର ବିଟାଲି କ୍ଲିଚ୍‌କୋ ସହରରେ ଆକାଶମାର୍ଗୀୟ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡିଫେନ୍ସ) ସକ୍ରିୟ ଥିବା ସୂଚନା ଦେବା ସହ ଜନସାଧାରଣଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରହିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ, ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷ ନିୟନ୍ତ୍ରିତ କ୍ରିମିଆର ସେଭାସ୍ତୋପୋଲ୍ ଶକ୍ତି ପ୍ରକଳ୍ପ ଏବଂ ମସ୍କୋ ଉପରେ ଡ୍ରୋନ୍ ମାଡ଼ କରାଯାଇଥିବା ଦାବି କରାଯାଇଛି। ଏହି ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ଆସନ୍ତା ବୁଧବାର ତୁର୍କୀର ରାଜଧାନୀ ଅଙ୍କାରାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଦୁଇ ନେତା ଯୁଦ୍ଧର ସମାପ୍ତି ଏବଂ ଶାନ୍ତି ପ୍ରକ୍ରିୟା ଉପରେ ଆଲୋଚନା କରିବେ। ଏହାପରେ ଟ୍ରମ୍ପ ରୁଷର ନେତା ଭ୍ଲାଦିମିର ପୁଟିନଙ୍କ ସହ ମଧ୍ୟ କଥା ହେବାର କାର୍ଯ୍ୟକ୍ରମ ରହିଛି।

# ପହଲଗାମ୍ ଆତଙ୍କବାଦୀ ଆକ୍ରମଣ; ହାଫିଜ୍ ସୟିଦ୍ ବିରୋଧରେ ଏନ୍‌ଆଇଏର ଚାର୍ଜସିଟ୍



ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ସୋମବାର ଜମ୍ମୁର ସ୍ୱତନ୍ତ୍ର ଅଦାଲତରେ ଏକ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍‌ଏଫ)ର ମୁଖ୍ୟ ହାଫିଜ୍ ସୟିଦ୍‌କୁ ମୁଖ୍ୟ ଅଭିଯୁକ୍ତ ଭାବେ ନାମିତ କରାଯାଇଛି। ସୀମା ପାର୍ଶ୍ୱରୁ ଭାରତ ବିରୋଧରେ ଯୁଦ୍ଧ ଘୋଷଣା ଏବଂ ଆତଙ୍କବାଦୀ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଏନଆଇଏ ତା' ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ) ଏବଂ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ର ବିଭିନ୍ନ ଧାରା ଲଗାଇଛି। ଗତ ବର୍ଷ ଡିସେମ୍ବର ମାସରେ ଦାଖଲ ହୋଇଥିବା ୧, ୫୯୭ ପୃଷ୍ଠାର ମୂଳ ଚାର୍ଜସିଟ୍‌ରେ ୭ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଡିଜିଟାଲ୍ ପ୍ଲାଟଫର୍ମରେ ଆକ୍ରମଣର ଦାୟିତ୍ୱ ନେଇଥିବା ବାର୍ତ୍ତାଗୁଡ଼ିକର ଉତ୍ସ ପାକିସ୍ତାନ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ସ୍ପଷ୍ଟ ହେବା ପରେ ଏଥିରେ ହାଫିଜ୍ ସୟିଦ୍‌ର ସମ୍ପୃକ୍ତି ପ୍ରମାଣିତ ହୋଇଛି। ଏହି ମାମଲାଟି ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମର ବୈସାରନ ଉପତ୍ୟକାରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ଆକ୍ରମଣ ସହ ଜଡ଼ିତ, ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହି ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ପକ୍ଷରୁ ୨୦୨୫ ମେ ୭ ତାରିଖରେ 'ଅପରେସନ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅପରେସନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକର ୯ଟି ପ୍ରମୁଖ ଘାଟିକୁ ସେନା ଧ୍ୱଂସ କରିଦେଇଥିଲା। ଏହା ସହିତ ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସହ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ମଧ୍ୟ ବନ୍ଦ କରିଦେଇଥିଲେ। ଆଗାମୀ ଦିନରେ ଏହି ଆତଙ୍କବାଦୀ ନେଟୱର୍କର ସମୂଳ ବିନାଶ ପାଇଁ ଏନଆଇଏ ନିଜର ତଦନ୍ତ ଜାରି ରଖିଛି।

# ଭେନେଜୁଏଲାରେ ଏବେ ବି ୫୦ ହଜାର ନିଖୋଜ



କାରାକାସ, ୬।୭(ଏଜେନ୍ସି): ଭେନେଜୁଏଲାରେ ଗତ ଜୁନ୍ ୨୪ରେ ଆସିଥିବା ଦୁଇଟି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ମୃତ୍ୟୁ ସଂଖ୍ୟା ୩, ୩୪୨କୁ ବୃଦ୍ଧି ପାଇଛି। ଏହି ବିପର୍ଯ୍ୟୟର ୧୧ ଦିନ ପରେ ବିଲ୍ଡିଂ ଧ୍ୱଂସାବଶେଷ ତଳୁ ମିଳୁଥିବା ଅଜ୍ଞାତ ଶବଗୁଡ଼ିକୁ ପ୍ରଶାସନ ପକ୍ଷରୁ ଗଣସମାଧି ଦିଆଯାଉଛି। ଏହି ଭୂକମ୍ପରେ ପ୍ରାୟ ୧୬, ୭୦୦ ଲୋକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜାତିସଂଘର ଆକଳନ ଅନୁସାରେ ଦେଶରେ ଏବେ ମଧ୍ୟ ପ୍ରାୟ ୫୦, ୦୦୦ ଲୋକ ନିଖୋଜ ଅଛନ୍ତି। ଲା ଗୁଏରା ଉପକୂଳ ଅଞ୍ଚଳରେ ଶତାଧିକ ବହୁତଳ ପ୍ରାସାଦ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀମାନେ ଚିହ୍ନଟ ହୋଇପାରିନଥିବା ୧୫୦ରୁ ଅଧିକ ମୃତଦେହକୁ ଲା ଇସପେରାଞ୍ଜା ଶ୍ମଶାନରେ ସମ୍ମାନର ସହ ସମାଧି ଦେଇଛନ୍ତି। ଭୂକମ୍ପ ଯୋଗୁଁ ୨୦୦ରୁ ଅଧିକ ବଡ଼ ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବାରୁ ୧୭, ୦୦୦ରୁ ଅଧିକ ଲୋକ ବେଘର ହୋଇ ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

# ନୌସେନାରେ ସାମିଲ ହେବ ଯୁଦ୍ଧପୋତ 'ମହେନ୍ଦ୍ରଗିରି'

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବା ପାଇଁ ଆସନ୍ତା ଶନିବାର (ଜୁଲାଇ ୧୧) ବିଶାଖାପାଟଣାଠାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରକଳ୍ପ ୧୭ଏ ଶ୍ରେଣୀର ଷଷ୍ଠ ଷ୍ଟିଲ୍‌ଥ୍ ଯୁଦ୍ଧପୋତ (ଫ୍ରିଗେଟ୍) 'ମହେନ୍ଦ୍ରଗିରି' (ଏଫ୩୮) ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ ହେବାକୁ ଯାଉଛି। ଓଡ଼ିଶାର ପୂର୍ବଘାଟ ପର୍ବତମାଳାର ଗୌରବ 'ମହେନ୍ଦ୍ରଗିରି' ପର୍ବତ ଶୃଙ୍ଗ ଅନୁସାରେ ଏହାର ନାମକରଣ କରାଯାଇଛି। ଏହି ଯୁଦ୍ଧପୋତର ନକ୍ସା ଭାରତୀୟ ନୌସେନାର 'ୱାରସିପ୍ ଡିଜାଇନ୍ ବ୍ୟୁରୋ' ପ୍ରସ୍ତୁତ କରିଥିବା ବେଳେ ଏହାକୁ ମୁମ୍ବାଇର 'ମାଝାଗାଓଁ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍' ନିର୍ମାଣ କରିଛି। ଏହି ଅତ୍ୟାଧୁନିକ ଯୁଦ୍ଧପୋତରେ ଭାରତୀୟ ପ୍ରତିରକ୍ଷା ଶିଳ୍ପ ଦ୍ୱାରା ନିର୍ମିତ ଶକ୍ତିଶାଳୀ ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ୍ ଏବଂ ବାରାକ-୮ ଭୂପୃଷ୍ଠରୁ ଆକାଶକୁ ମାଡ଼ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ଖଞ୍ଜାଯାଇଛି। ଏହାଫଳରେ ଏହି ଯୁଦ୍ଧପୋତ ଶତ୍ରୁପକ୍ଷର ଜାହାଜ, ଡ୍ରୋନ୍, ମିସାଇଲ୍ ଏବଂ ସ୍ଥଳଭାଗର ଲକ୍ଷ୍ୟଭେଦକୁ ଦୂରରୁ ଧ୍ୱଂସ କରିପାରିବ। ଏହା ବ୍ୟତୀତ ବୁଡ଼ାଜାହାଜ ବିରୋଧୀ ଅଭିଯାନ ପାଇଁ ଏଥିରେ ଟର୍ପିଡୋ, ରକେଟ୍ ଲଞ୍ଚର୍ ଏବଂ ଶତ୍ରୁର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଶକ୍ତିଶାଳୀ ଏଇଏସଏ ରାଡାର୍ ବ୍ୟବସ୍ଥା ରହିଛି।

# ସ୍ତ୍ରୀକୁ ଗୁଳି କରି ହତ୍ୟା: ସ୍ୱାମୀ, ପ୍ରେମିକା ଗିରଫ

ଗୁରୁଗ୍ରାମ, ୬।୭(ଏଜେନ୍ସି): ହରିଆଣାର ଗୁରୁଗ୍ରାମ ଅନ୍ତର୍ଗତ ମାନେସର ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ୨୫ ବର୍ଷୀୟ ଯୁବକ ନିଜ ପ୍ରେମିକା ସହ ମିଶି ବିବାହର ମାତ୍ର ୩ ମାସ ପରେ ନିଜ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀ ଅଙ୍କିତ ଏବଂ ତାଙ୍କର ୩୮ ବର୍ଷୀୟା ପ୍ରେମିକା ରଜନୀ ଦେବୀଙ୍କୁ ଗିରଫ କରିଛି। ଗତ ୩ ବର୍ଷ ଧରି ଚାଲିଥିବା ପ୍ରେମ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ଦୁହେଁ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ। ଗତ ମେ ୨୧ ତାରିଖରେ ୨୨ ବର୍ଷୀୟା ପୀଡ଼ିତା ନିଖୋଜ ହେବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପରଦିନ ମେ ୨୨ରେ ପ୍ରେମିକାର ଭଡ଼ା ଘରୁ ମହିଳାଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ଅଙ୍କିତ ନିଜ ସ୍ତ୍ରୀକୁ ପ୍ରେମିକାର ଘରକୁ ନେଇ ସେଠାରେ ଦୁହେଁ ମିଶି ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏଥିପାଇଁ ଦୁଇ ମାସ ପୂର୍ବରୁ ଉତ୍ତର ପ୍ରଦେଶରୁ ଏକ ବେଆଇନ ପିସ୍ତଲ କିଣାଯାଇଥିଲା। ହତ୍ୟା ପରେ ଦୁହେଁ ହରିଦ୍ୱାର ଦେଇ ନେପାଳ ଫେରାର ହୋଇଯାଇଥିଲେ। ଜୁନ୍ ୩୦ରେ ଭାରତ ଫେରିବା ପରେ କ୍ରାଇମ ବ୍ରାଞ୍ଚ ସେମାନଙ୍କୁ ଗିରଫ କରି ୫ ଦିନିଆ ପୁଲିସ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ଟିସିଏସ ଯୌନ ନିର୍ଯାତନା, ଧର୍ମାନ୍ତରୀକରଣ ମାମଲା
# ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ନାସିକ, ୬।୭(ଏଜେନ୍ସି): ନାସିକସ୍ଥିତ ଟାଟା କନସଲଟେନ୍ସି ସର୍ଭିସେସ (ଟିସିଏସ) ଶାଖାରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଏବଂ ଜବରଦସ୍ତ ଧର୍ମାନ୍ତରୀକରଣ ଉଦ୍ୟମ ଅଭିଯୋଗ ମାମଲାରେ ସ୍ଥାନୀୟ ଅଦାଲତ ମୁଖ୍ୟ ମହିଳା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନାସିକ ରୋଡ୍ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ କେଜି ଜୋଶୀ ମହିଳାଙ୍କ ଗର୍ଭାବସ୍ଥା ଆଧାରରେ ତାଙ୍କର ଜାମିନ ଆବେଦନ ମଞ୍ଜୁର କରିଥିବା ବେଳେ ଏହି ମାମଲାର ସହ-ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ଏହି ଘଟଣାରେ ଦେଓଲାଲି କ୍ୟାମ୍ପ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଏବଂ ଏସସି-ଏସଟି ଅତ୍ୟାଚାର ନିରୋଧୀ ଆଇନର ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ ହୋଇଛି। ନାସିକ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଏହି ଟିସିଏସ ୟୁନିଟ୍‌ରେ ମହିଳା କର୍ମଚାରୀଙ୍କ ଉପରେ ହୋଇଥିବା ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କିତ ପ୍ରାୟ ୯ଟି ମାମଲାର ଯାଞ୍ଚ କରୁଛି।



# ପ୍ରବଳ ବର୍ଷା: ମୁମ୍ବାଇରେ ରେଡ୍ ଆଲର୍ଟ

- ଟ୍ରେନ ଓ ବିମାନ ସେବା ପ୍ରଭାବିତ
- ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ 'ମିସିଂ ଲିଙ୍କ୍' ବନ୍ଦ
- ମହାବଳେଶ୍ୱରରେ ପୋଲ ଭୁଶୁଡ଼ିଲା

ମୁମ୍ବାଇ, ୬।୭(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି। ଆରବ ସାଗରରୁ ସୃଷ୍ଟି ହୋଇଥିବା ପ୍ରବଳ ମୌସୁମୀ ବାୟୁ ପ୍ରଭାବରେ ମୁମ୍ବାଇ ମହାନଗର ସମେତ ଥାଣେ, ପାଲଘର ଏବଂ ରାୟଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଜୋରଦାର ପବନ ବୋହିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହା ସହିତ ସମୁଦ୍ରରେ ବଡ଼ ଜୁଆର ଆସିବା କାରଣରୁ ତଳିଆ ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଅଧିକ ଗମ୍ଭୀର ହେବାର ସମ୍ଭାବନା ରହିଛି। ବିପର୍ଯ୍ୟସ୍ତ ପାଣିପାଗକୁ ଦୃଷ୍ଟିରେ ରଖି ମହାନଗର ନିଗମ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ପ୍ରଶାସନ ତରଫରୁ ଲୋକଙ୍କୁ ଅତି ଜରୁରୀ କାମ ନଥିଲେ ଘରୁ ବାହାରକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଲଗାତାର ବର୍ଷା ଯୋଗୁଁ ସହରର ବିଭିନ୍ନ ମୁଖ୍ୟ ରାସ୍ତା ବୁଡ଼ିଯାଇଛି, ସ୍ଥାନୀୟ ରେଳ ସେବା ବାଧାପ୍ରାପ୍ତ ହୋଇଛି ଏବଂ ଅନେକ ବିମାନ ଯାତ୍ରାରେ ବିଳମ୍ବ ଘଟିଛି। ଏହା ସହିତ ମୁମ୍ବାଇ-ପୁଣେ ରେଳପଥରେ ଭୂସ୍ଖଳନ ଘଟିବା ସହ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଏହି ବର୍ଷା ଜନିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ନୂତନ ଭାବେ ଉଦ୍ଘାଟିତ 'ମିସିଂ ଲିଙ୍କ୍'ରେ ଭୂସ୍ଖଳନ ହେବା ଫଳରେ ପୁଣେରୁ ମୁମ୍ବାଇ ଯାଉଥିବା ରାସ୍ତାକୁ ସୋମବାର ସକାଳୁ ବନ୍ଦ କରି ଦିଆଯାଇଛି। ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ମାର୍ଗ ସୁରକ୍ଷା ପୁଲିସ ମିଳିତ ଭାବେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସକାଳ ୪ଟାରୁ ଗାଡ଼ିଗୁଡ଼ିକୁ ଅନ୍ୟ ପଥ ଦେଇ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରଣରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମରେ ଫସି ରହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ଏକ୍ସପ୍ରେସୱେର ଦ୍ୱିତୀୟ ସୁଡ଼ଙ୍ଗ ନିକଟରେ ମାଟି ଅତଡ଼ା ଖସିବା ସହ ଖଣ୍ଡାଲା ଘାଟି ଅଞ୍ଚଳରେ ପାଣି ଜମି ରହିବା ଯୋଗୁଁ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ରେଳ ସେବା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରାୟ ୧୬ଟି ଟ୍ରେନ ବାତିଲ କରାଯାଇଥିବା ବେଳେ ୯ଟି ଟ୍ରେନର ଗତିପଥ ବଦଳାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଏବଂ ପୁଣେ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମହାବଳେଶ୍ୱରରେ ବର୍ଷା ଯୋଗୁଁ ଏକ ପୋଲ ଭୁଶୁଡ଼ି ପଡ଼ିଛି, ଯେଉଁଥିପାଇଁ ସେଠାରେ ଅନେକ ପର୍ଯ୍ୟଟକ ଫସି ରହିଥିଲେ। ସେହିପରି ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ବିମାନ ବନ୍ଦରର ରନୱେ କାର୍ଯ୍ୟ ପ୍ରାୟ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା। ସହରର କେତେକ ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୦ ରୁ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି।

# ଜଳୁଛି ପିଓକେ; ଭାରତର ସାହାଯ୍ୟ ଲୋଡ଼ିଲେ ନେତା

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ପିଓକେରେ ପ୍ରଶାସନର ଦମନଲୀଳା ଓ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ପିଓକେର ଜନତା ଏବେ ପାକିସ୍ତାନ ବିରୋଧରେ ମେଳି ବାନ୍ଧିବା ସହ ଭାରତର ସହାୟତା ଲୋଡ଼ିଛନ୍ତି। ମିଳିତ ଆୱାମୀ ଆକ୍ସନ କମିଟିର ପ୍ରମୁଖ ନେତା ସର୍ଦ୍ଦାର ଅମାନ ଖାନ ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜରିଆରେ ନୂଆଦିଲ୍ଲୀକୁ ମାନବୀୟ ସହାୟତା ଯୋଗାଇଦେବା ସହ ନିୟନ୍ତ୍ରଣ ରେଖା ବା ଏଲଓସି ସୀମାକୁ ଖୋଲିବା ପାଇଁ ନିବେଦନ କରିଛନ୍ତି। ପିଓକେରେ ଆନ୍ଦୋଳନକୁ ଦବାଇବା ପାଇଁ ପାକିସ୍ତାନୀ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ପାକିସ୍ତାନ ସରକାର ଏହି ଅଞ୍ଚଳରେ ଆର୍ଥିକ ଅବରୋଧ ଲଗାଇଥିବାରୁ ଏବେ ସେଠାରେ ଖାଦ୍ୟ ସାମଗ୍ରୀ, ଚାଉଳ ଏବଂ ଔଷଧର ଘୋର ଅଭାବ ଦେଖାଦେଇଛି। ରାୱାଲାକୋଟର ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ଅମାନ ଖାନ କହିଛନ୍ତି ଯେ ଯଦି ପାକିସ୍ତାନୀ ପ୍ରଶାସନ ଜନତାଙ୍କ ଦାବିକୁ ଗୁଳିରେ ଉଡ଼ାଇବାକୁ ଚେଷ୍ଟା କରିବ, ତେବେ ସେମାନଙ୍କ ପାଖରେ ଅନ୍ୟ ରାସ୍ତା ମଧ୍ୟ ରହିଛି। ସେ ସେଠାକାର



ନାଗରିକମାନଙ୍କୁ ଭାରତ ସୀମା ଆଡ଼କୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି। ତ ଜୁନ୍ ୫ ତାରିଖରେ ପାକିସ୍ତାନ ସରକାର ଏହି ଜନ ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗଠନକୁ ଏକ ସନ୍ତ୍ରାସବାଦୀ ସଂଗଠନ ବୋଲି ଘୋଷଣା କରି ପ୍ରତିବନ୍ଧକ ଲଗାଇଥିଲେ। ଏହା ପରେ ସ୍ଥିତି ଆହୁରି ବିଗିଡ଼ିବାରେ ଲାଗିଛି।

## ୨ ଆସାମ ରାଇଫଲ୍ସ ଯବାନ ସହିଦ

ଇମ୍ଫାଲ, ୬।୭(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ସୋମବାର ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଗରିଲା ଆକ୍ରମଣରେ ଆସାମ ରାଇଫଲ୍ସର ଦୁଇ ଜଣ ଯବାନ ସହିଦ ହୋଇଛନ୍ତି। ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଅନ୍ୟ କେତେକ ଯବାନ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଯବାନମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ପୂର୍ବରୁ ଛପି ରହିଥିବା ଉଗ୍ରବାଦୀମାନେ ସେମାନଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିଥିଲେ। ମଣିପୁର ରାଜ୍ୟପାଳ ଏହି ବର୍ବରୋଚିତ ହିଂସାକାଣ୍ଡକୁ ତୀବ୍ର ନିନ୍ଦା କରିଛନ୍ତି।

# ପ୍ରବଳ ବର୍ଷାରେ ସୁଧୁରିଲା ନିଅଣ୍ଟିଆ ସ୍ଥିତି; ୪୫ରୁ ୨୮%କୁ ହ୍ରାସ

ନୂଆଦିଲ୍ଲୀ, ୬।୭(ଏଜେନ୍ସି): ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଉଠିଛି। ବିଗତ କିଛି ସପ୍ତାହର ମନ୍ଥର ଗତି ପରେ ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ଜାରି ରହିଛି। ଏହା ଫଳରେ ଦେଶରେ ଦେଖାଦେଇଥିବା ଋତୁଭିତ୍ତିକ ନିଅଣ୍ଟିଆ ବର୍ଷାର ପରିମାଣରେ ବଡ଼ ହ୍ରାସ ଘଟିଛି। ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ଷାର ନିଅଣ୍ଟ ପରିମାଣ ୪୫ ପ୍ରତିଶତରୁ କମି ଏବେ ୨୮ ପ୍ରତିଶତରେ ପହଞ୍ଚିଛି, ଯାହା ଚାଷ କାର୍ଯ୍ୟ ପାଇଁ ଏକ ଶୁଭ ସଙ୍କେତ ଆଣିଦେଇଛି। କିଛି ଦିନର ଶୁଷ୍କ ପାଗ ପରେ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଭାରତରେ ଘନ ମେଘମାଳା ସୃଷ୍ଟି ହୋଇଛି। ଆରବ ସାଗର ଓ ବଙ୍ଗୋପସାଗରରୁ ଆସୁଥିବା ପ୍ରଚୁର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଯୋଗୁଁ ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ବ୍ୟାପକ ବର୍ଷା ରେକର୍ଡ କରାଯାଇଛି। ।ଦିଲ୍ଲୀ, ଉତ୍ତର ପ୍ରଦେଶ, ବିହାର, ଗୁଜରାଟ ଏବଂ ପଞ୍ଜାବ ପରି ରାଜ୍ୟରେ ଏବେ ମଧ୍ୟ ସ୍ୱାଭାବିକ ଠାରୁ ବହୁତ କମ୍ ବର୍ଷା ହୋଇଛି। ସବୁଠାରୁ ଚିନ୍ତାଜନକ ସ୍ଥିତି ପୂର୍ବୋତ୍ତର ଭାରତର ମେଘାଳୟ, ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ଦେଖାଦେଇଛି, ଯେଉଁଠାରେ ବର୍ଷାର ଅଭାବ ଅଧିକ ରହିଛି। ଅପରପକ୍ଷରେ ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଜମ୍ମୁ-କାଶ୍ମୀରରେ ସ୍ୱାଭାବିକ କିମ୍ବା ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି।



## ବାରୁଇପୁରରେ ଉତ୍ତେଜନା
# ନାବାଳିକାକୁ ଦୁଷ୍କର୍ମ କରି ନଦୀରେ ଫିଙ୍ଗିଦେଇଥିଲେ

- ଅଭିଯୁକ୍ତକୁ ଧରାଇଲା ସିସିଟିଭି ଫୁଟେଜ
- ବିଜେପି-ଟିଏମ୍‌ସି ମୁହାଁମୁହିଁ

କୋଲକାତା, ୬।୭(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରଠାରେ ଜଣେ ୧୧ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅପରପକ୍ଷରେ, ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ରବିବାର ଏକ ଉତ୍ତ୍ୟକ୍ତ ଜନତା ସମୂହ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ଦୋଷୀମାନଙ୍କୁ ଫାଶୀ ଦଣ୍ଡ ଦେବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହା ସହିତ ଘଟଣାକୁ ସାମ୍ପ୍ରଦାୟିକ ରୂପ ନ ଦେବାକୁ ସେ ବିରୋଧୀଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୀଡ଼ିତାଙ୍କ ପରିବାରକୁ ଭେଟିବେ। ମାମଲାରେ ପୁଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ



ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଶନିବାରରୁ ନିଖୋଜ ଥିବା ନାବାଳିକାର ମୃତଦେହ ରବିବାର ଏକ ପୋଖରୀରୁ ମିଳିଥିଲା। ଫଳର ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପୁଲିସ ଗାଡ଼ି ଜାଳିଦେବା ସହ ରେଳପଥ ଅବରୋଧ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାରୁଇପୁର ସମେତ ସୋନାରପୁର ଏବଂ ନରେନ୍ଦ୍ରପୁର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ପୁଲିସ ଏହି ଘଟଣାରେ ଜଣେ ବିଜେପି କର୍ମୀଙ୍କୁ ଗିରଫ କରିବା ସହିତ ପ୍ରଭାଷ ମଣ୍ଡଳ, ଦିବାକର ସର୍ଦ୍ଦାର ଏବଂ ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସରକାରଙ୍କୁ ଗିରଫ କରିଛି। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ସନ୍ଧାନ ମିଳିଥିବା ଜଣାପଡ଼ିଛି। ଏବେ ଏସ୍‌ଆଇଟି ଦଳ ପକ୍ସୋ ଆଇନରେ ମାମଲାର ଯାଞ୍ଚ କରୁଛି। ତୃଣମୂଳ କଂଗ୍ରେସ ଓ ସିପିଏମ୍ ଭଳି ବିରୋଧୀ ଦଳର ନେତାମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଘଟଣା ବଙ୍ଗଳା ରାଜନୀତିର ତାତିକୁ ହାୱା ଦେଇଛି। ବିରୋଧୀ ଏହି ଘଟଣାରୁ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଥିବା ବେଳେ ସରକାର ଅଭିଯୁକ୍ତଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହୋଇଛି।

# କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସ୍‌କୁ ଏନ୍‌କାଉଣ୍ଟର

ଚମ୍ପୁଆ,୬।୭ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ପତଳା ଜଙ୍ଗଲରେ ସୋମବାର ଭୋର ସମୟରେ ଚମ୍ପୁଆ ପୁଲିସ କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀ ଏମ୍‌ଡି ନାଫିସ୍‌କୁ ଏନ୍‌କାଉଣ୍ଟର କରିଛି। ଏଥିରେ ନାଫିସ୍‌ର ଡାହାଣ ଗୋଡ଼ର ଆଣ୍ଠୁରେ ଗୁଳି ବାଜି ସେ ଆହତ ହୋଇଛି। ପୁଲିସ ସୂଚନା ଅନୁସାରେ, ଏମ୍‌ଡି ନାଫିସ୍ ବିରୋଧରେ କେନ୍ଦୁଝର, ମୟୂରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରେ ୩୦ରୁ ଅଧିକ ଚୋରି ମାମଲା ରହିଛି। ଗତ ରବିବାର ତାକୁ ମୟୂରଭଞ୍ଜ ଜିଲ୍ଲାର ବହଳଦା ଅଞ୍ଚଳରୁ ଚମ୍ପୁଆ ପୁଲିସ ଗିରଫ କରିଥିଲା। ତଦନ୍ତ ସମୟରେ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ନାଫିସ୍‌କୁ ପତଳା ଜଙ୍ଗଲକୁ ନେଇଥିଲା। ସେଠାରେ ଲୁଚାଇ ରଖିଥିବା ସାମଗ୍ରୀ ଦେଖାଇବା ବେଳେ ସେ ହଠାତ୍ ଏକ ଦେଶୀ ପିସ୍ତଲରେ ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା। ଯେଉଁଥିରେ ନାଫିସ୍‌ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଆହତ ନାଫିସ୍‌କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ସେଠାରୁ ସୁନା ଓ ରୁପା ଅଳଙ୍କାର ସହ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ଚମ୍ପୁଆ ଥାନାରେ କେସ୍ ନଂ୨୫୭/୨୬ ରୁଜୁ କରାଯାଇଛି। ଅନ୍ୟପକ୍ଷରେ ନାଫିସ୍‌ର ଅନ୍ୟ ସହଯୋଗୀ ଏବଂ ତାହାର ଆନ୍ତଃରାଜ୍ୟ ଅପରାଧିକ ନେଟୱର୍କର ସନ୍ଧାନ ପାଇଁ ତଦନ୍ତକୁ ଅଧିକ ଜୋରଦାର କରାଯାଇଥିବା ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।



## ପୁରୀ-କୋରାପୁଟ ଏକ୍ସପ୍ରେସର ଶୁଭାରମ୍ଭ

# ଶ୍ରୀକ୍ଷେତ୍ର ସହ ଯୋଡ଼ିହେଲା ଶାବର ଶ୍ରୀକ୍ଷେତ୍ର



ପୁରୀ,୬।୭ (ସମିସ): ଶ୍ରୀକ୍ଷେତ୍ର ସହ ଯୋଡ଼ି ହୋଇଛି ଶାବର ଶ୍ରୀକ୍ଷେତ୍ର। ପୂର୍ବରୁ ଶାବର ଶ୍ରୀକ୍ଷେତ୍ର ବା କୋରାପୁଟକୁ ଭୁବନେଶ୍ୱରରୁ ଗୋଟିଏ ଟ୍ରେନ୍ ଚଳାଚଳ କରୁଥିଲା। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ସୋମବାର ପୁରୀରୁ କୋରାପୁଟ ଗଡ଼ିଛି ନୂଆ ଟ୍ରେନ୍। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସବୁଜ ପତାକା ଦେଖାଇ ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୂଚନା ଦେଇ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ରେଳ ବିଭାଗ ଉପକୂଳ ଓଡ଼ିଶାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଟ୍ରେନ୍ ଚଳାଚଳ କରିବ। ଓଡ଼ିଶାର ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୯୭ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିଣତ ହୋଇଛି। ରାଜ୍ୟରେ ୫୦ଟି ଷ୍ଟେସନର ପୁନଃନିର୍ମାଣ ଓ ନବୀକରଣ କରାଯାଉଛି। ସେ ପୁରୀ ରେଳ ଷ୍ଟେସନ ସହ ନବୀକରଣ ଓ ପୁନଃନିର୍ମିତ ହେବାକୁ ଥିବା ରାଜ୍ୟର ପ୍ରମୁଖ ଷ୍ଟେସନଗୁଡ଼ିକର ଫଟୋଚିତ୍ର ଦେଖାଇଥିଲେ। ଓଡ଼ିଶାରେ ଅଧିକ ରେଳ ଲାଇନ୍ କରାଯାଉଛି। ଏହା ଫଳରେ ଓଡ଼ିଶାର ରେଳ ମ୍ୟାପ୍ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେବ। ମୁଖ୍ୟମନ୍ତ୍ରୀ ଉତ୍ତର ଓଡ଼ିଶାକୁ ଯୋଗାଯୋଗ କରିବା ପାଇଁ ଏକ ଟ୍ରେନ୍ ଚଳାଚଳ କରିବା ଲାଗି ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ରେଳ ମନ୍ତ୍ରୀ ତୁରନ୍ତ ଏହି ପ୍ରସ୍ତାବ ଗ୍ରହଣ କରି ଉତ୍ତର ଓଡ଼ିଶାକୁ ମଧ୍ୟ ଖୁବ୍‌ଶୀଘ୍ର ରେଳ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ପୁରୀ-କୋରାପୁଟ ଏକ୍ସପ୍ରେସ ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଥିଲେ। ଏହି ନୂତନ ଟ୍ରେନ୍ ଶୁଭାରମ୍ଭ ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ, ବ୍ରହ୍ମଗିରି ଓ ପିପିଲି ବିଧାୟକଙ୍କ ସହ ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର, ଡିଭିଜନାଲ୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ପୁରୀ-କୋରାପୁଟ ଏକ୍ସପ୍ରେସ୍ ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା ଓ ଦାମନଯୋଡ଼ି ଦେଇ କୋରାପୁଟକୁ ସଂଯୋଗ କରିବ। ଏହି ନୂତନ ରେଳ ସେବା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ରୋଗୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆଶା କରାଯାଉଛି।

## ଟାର୍ଗେଟ୍‌ରୁ କମ୍ ଧାନ ସଂଗ୍ରହ

# ଟୋକନ ଅଛି ଧାନ କିଣିଲେନି ସରକାର

ଭବାନୀପାଟଣା,୬।୭ (ସମିସ): ଟୋକନ ଅଛି କିନ୍ତୁ ଦାନ କିଣିଲେନି ସରକାର। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ମାସ ୩ ତାରିଖରୁ ଧାନ ମଣ୍ଡି ବନ୍ଦ ହୋଇଯାଇଛି। ଫଳରେ କଳାହାଣ୍ଡି ଜିଲ୍ଲାର ସମସ୍ତ ମଣ୍ଡିରୁ ଧାନ କ୍ରୟ ପ୍ରକ୍ରିୟାକୁ ବନ୍ଦ କରିଦିଆଗଲା। ପ୍ରାୟ ୨ଲକ୍ଷ ୬୯ହଜାର କ୍ୱିଣ୍ଟାଲ ଧାନ ବିକ୍ରି ନହୋଇ ଚାଷୀଙ୍କ ନିକଟରେ ରହିଯାଇଛି।

ଖରିଫ ଧାନ ସଂଗ୍ରହ ଠାରୁ ରବିରେ ସରକାରଙ୍କ ଧାନ କିଣା ବ୍ୟବସ୍ଥା, ମଣ୍ଡିରେ ନାହିଁ ନ ଥିବା ସମସ୍ୟା ଏବଂ ୭ କେଜି କଟ୍‌ନୀ ଛଟ୍‌ନୀ ଚାଷୀଙ୍କୁ ଅସ୍ତବ୍ୟସ୍ତ କରିଛି। ବିଶେଷଭାବେ ଦଲାଲଙ୍କ ଦୌରାତ୍ମ୍ୟ ପୂର୍ବବର୍ଷମାନଙ୍କଠାରୁ ବଳିପଡ଼ିଛି। ଏଥର ସବୁଠାରୁ ରୋଚକପୂର୍ଣ୍ଣ ବିଷୟ ଏହା ଯେ, ସରକାର ଚାଷୀଙ୍କ ସ୍ୱାର୍ଥ ପ୍ରତି ଆଦୌ ବ୍ୟସ୍ତ ବିବ୍ରତ ନୁହନ୍ତି। ବରଂ ମିଲର୍ସମାନଙ୍କ ସହିତ ଉତ୍ତମ ବୁଝାମଣା ଭିତରେ ସବୁ ଚାଲିଥିବା ଅନେକ ଚାଷୀ କହିଛନ୍ତି। ରାଜ୍ୟରେ ବିଜେପି ସରକାର ଚାଷୀ କଥା କହି ଶାସନକୁ ଆସିଲେ ସତ କିନ୍ତୁ ଧାନ ସଂଗ୍ରହରେ ନୀତି ନୈତିକତାକୁ ଦଳି ମକଚି ଦେଲେ। ବିଭିନ୍ନ ଅଞ୍ଚଳରେ ଚାଷୀ ସରକାରଙ୍କୁ ନିନ୍ଦିବା ସହ ରାଜରାସ୍ତାକୁ ଓହ୍ଲାଇଲେ ଓ କେତେକ ସ୍ଥାନରେ ଜୀବନ ବି ହାରିଲେ। କାରଣ ଚଳିତ ରବି ଋତୁରେ ତରବରିଆ ଧାନ ସଂଗ୍ରହ ନୀତି ଭିତରେ ରବି ଧାନ ସଂଗ୍ରହ ଟାର୍ଗେଟ ତ ପୂରଣ ହେଲାନାହିଁ ଏବେ ଜିଲ୍ଲାରେ ୩୮ଲକ୍ଷ ୭୧ ହଜାର ୨୧୨ କୁଇଣ୍ଟାଲ ଧାନ ବିକ୍ରି ପରେ ମଣ୍ଡି ବନ୍ଦ। ଅନ୍ୟପକ୍ଷରେ ମଣ୍ଡିମାନଙ୍କରେ ଚାଷୀଙ୍କ ପ୍ରାୟ ୨ ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ବଳକା ରହିଲା। ସେ ଧାନ ଚାଷୀ ଶାଗ ମାଛ ଦରରେ ଦଲାଲ ହାତକୁ ଟେକିଦେବା ଛଡ଼ା ଅନ୍ୟଗତି ନାହିଁ।

■ ବଳକା ୨ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ଦଲାଲକୁ ଟେକିଦେବେ ଚାଷୀ
■ କ୍ରୟ ପରେ ମଣ୍ଡିରେ ପଡ଼ିଛି ୮ ଲକ୍ଷ ୮୬ହଜାର ୮୫୩ କ୍ୱିଇଣ୍ଟାଲ ଧାନ

ଜିଲ୍ଲାରେ ଚଳିତ ରବିରେ ଧାନ ସଂଗ୍ରହ ପାଇଁ ୪୦ଲକ୍ଷ ୬୧ ହଜାର ୫ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ଶୁକ୍ରବାର ସୁଦ୍ଧା ୫୯ ହଜାର ୨୬୫ ଚାଷୀଙ୍କ ୩୮ ଲକ୍ଷ ୭୧ହଜାର ୨୧୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଜିଲ୍ଲାର ୪୬ହଜାର ୧୯୯ ଚାଷୀଙ୍କୁ ୨୯ ଲକ୍ଷ ୮୪ ହଜାର ୩୫୭ କୁଇଣ୍ଟାଲ ଧାନ ପାଇଁ ୬୮୯ କୋଟି ୮୨ ଲକ୍ଷ ୨୭ ହଜାର ୭୦୯ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ କ୍ରୟ ହୋଇଥିବା ସମୁଦାୟ ଧାନରୁ ଆଉ ୮ ଲକ୍ଷ ୮୬ହଜାର ୮୫୩ ଧାନ ବିକ୍ରି ପ୍ରାପ୍ୟ ଚାଷୀଙ୍କୁ କେବେ ମିଳିବ? ଆଇ ସ୍କାନ କରି ଧାନ କ୍ରୟ କାର୍ଯ୍ୟକୁ ତରବରିଆ ହୋଇ ସାରିଦେଲେ। ଚାଷୀ ଟଙ୍କା ପାଇଁ ଅପେକ୍ଷା କରିଛି ଘରେ ସେପଟେ ଖୋଲା ଆକାଶ ତଳେ ଧାନ ପଡ଼ିଛି ମଣ୍ଡିରେ।

ଅନ୍ୟପକ୍ଷରେ ଗତ ୫ ଦିନ ହେବ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମଣ୍ଡି ଗୁଡ଼ିକରେ ଥିବା ଧାନ ଗଜା ହେବାକୁ ଯାଉଛି। ଯଦିଓ ଧାନ ବିକ୍ରି କରି ଚାଷୀ ନିଶ୍ଚିନ୍ତରେ ଅଛି; ଏବେ ଯୋଗାଣ ବିଭାଗ ତଥା ପ୍ରଶାସନ ଆଦ୍ରତା ପ୍ରତିଶତ ଅଧିକ ଥିବା ଧାନକୁ ମିଲର୍ସଙ୍କୁ ଧରାଇବେ କେମିତି। ଯଦି ସେହି ଧାନକୁ ଗ୍ରହଣ କରିବାରେ ମିଲର୍ସ ବିନାଦ୍ୱିଧାରେ ରାଜି ହେଉଛନ୍ତି ତାହାହେଲେ ପ୍ରଥମରୁ ଚାଷୀଙ୍କ ଧାନ ଦେଖି ନାକଟେକି କଟନି ଛଟନି ପାଇଁ ମୂଳଚାଲ କରିବାରେ ମୂଲ୍ୟ କଣ ? ଏବେ ସ୍ପଷ୍ଟ ହୋଇଛି ଯେ, ମିଲର୍ସ ଓ ସରକାରଙ୍କ ଭିତରେ ଭିତିରି ବୁଝାମଣା ପ୍ରବଳ କାମ କରୁଛି। ଚାଷୀ କେବଳ ସବୁ ପ୍ରକାର ସମସ୍ୟାକୁ ମୁଣ୍ଡାଇ ଘାଣ୍ଟି ହେଉଛି।

■ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ

# ୪୭୫ ସିସିଟିଭି ନଜରରେ ରହିବ ରଥଯାତ୍ରା

ପୁରୀ,୬।୭ (ସମିସ): ଏଥର ରଥଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହି ଭିଡ଼ ଭିତରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ସୋମବାର ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ଉପରେ ପୁଲିସର ପ୍ରାଥମିକତା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀରେ ପ୍ରାୟ ୧୨ ହଜାର ପୁଲିସ କର୍ମଚାରୀ ମୁତୟନ ହେଉଥିବାବେଳେ ୪୭୫ ସିସିଟିଭି କ୍ୟାମେରା ନଜରରେ ରହିବ ରଥଯାତ୍ରା।

**ନିୟୋଜିତ ହେବେ ୧୨ ହଜାର ପୁଲିସ ଫୋର୍ସ**

ଗତବର୍ଷ ବ୍ୟବସ୍ଥାରେ କିଛିଟା ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏଥିରେ ଆବଶ୍ୟକ ସୁଧାର ଅଣାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ବିଭାଗର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷିତ ରଥଟଣା ଉପରେ ପୁଲିସ ବିଶେଷ ଧ୍ୟାନ ଦେବ। ଚଳିତ ବର୍ଷର ସୁରକ୍ଷା ବ୍ୟବସ୍ଥାର ତଦାରଖ ସୌମେନ୍ଦ୍ର ପ୍ରିୟଦର୍ଶୀ କରୁଥିବାବେଳେ ସୁଚାରୁ ପରିଚାଳନା ପାଇଁ ଟେକ୍ନୋଲୋଜିର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର, ତିନି ରଥ, ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ରେଳ ଷ୍ଟେସନର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସମଗ୍ର ସହରକୁ ସିସିଟିଭି ନଜରରେ ରଖାଯିବ। ଏହି ବୃହତ୍ ଧାର୍ମିକ ସମାବେଶ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ, ୨୩ ଜଣ ଏସ୍‌ପି, ୪୯ ଆଡିସ୍‌ନାଲ ଏସ୍‌ପି, ୧୦୧ ଡିଏସ୍‌ପି, ୯୦୦ରୁ ଊର୍ଦ୍ଧ୍ୱ ଅଫିସର, ୧ ହଜାରରୁ ଅଧିକ କନଷ୍ଟେବଳ ନିୟୋଜିତ ହେବେ। ଭିଡ଼ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାରେ ସହାୟତା ପାଇଁ ପ୍ରାୟ ୨,୫୦୦ରୁ ଅଧିକ ହୋମ୍‌ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯିବ। ଏତଦ୍‌ବ୍ୟତୀତ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍‌ଏଏଫ୍ ସମେତ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଆଇଏସ୍‌ଏଫ୍) ମୁତୟନ ହେବେ। ଏହାଛଡ଼ା ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ଓଏଏସ୍‌ପି), ଆଇଆର୍‌ବିଏନ୍ ଏବଂ ଟ୍ରାଫିକ୍ ଫୋର୍ସର ପ୍ରାୟ ୨୨୦ ପ୍ଲାଟୁନ୍ ପୁରୀରେ ସୁରକ୍ଷା ଦାୟିତ୍ୱ ତୁଲାଇବେ।

## ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିଲା ୪-ଜି ମୋବାଇଲ ହ୍ୟାଣ୍ଡସେଟ୍

# କାମ କରୁନି ପୋଷଣ ଟ୍ରାକର୍

## ୬ ମୌଳିକ ସମସ୍ୟାକୁ ନେଇ ମୟୂରଭଞ୍ଜ ସଂଘରେ ଅସନ୍ତୋଷର ଦାନା

ବାରିପଦା, ୬।୭ (ସମିସ): ଶିଶୁ ଓ ମାଆ ମୃତ୍ୟୁହାର ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କୁ ଦିଆଯାଇଥିବା ମୋବାଇଲ ହ୍ୟାଣ୍ଡସେଟ ସମସ୍ୟା ମୟୂରଭଞ୍ଜ ଜିଲ୍ଲା ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ଅସନ୍ତୋଷ ନିଆଁରେ ଘିଅ ଢାଳିବା ଭଳି ହୋଇଛି। ସୋମବାର ସଂଘର ଶତାଧିକ ସଦସ୍ୟା ୬ ଦଫା ଦାବି ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ଦେଇ ଦାବି ଉପସ୍ଥାପନ କରିଛନ୍ତି। ଜିଲ୍ଲାର ୨୬ଟି ବ୍ଲକ୍‌ରେ ୫୧୫୩ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ସମସ୍ତ କର୍ମୀଙ୍କୁ ସରକାର ପୋଷଣ ଟ୍ରାକର୍ ମୋବାଇଲ୍ ହ୍ୟାଣ୍ଡସେଟ ପ୍ରଦାନ କରିଛନ୍ତି। ତେବେ ସେଗୁଡିକ ୪-ଜି ମୋବାଇଲ ହୋଇଥିବାରୁ ଆବଶ୍ୟକ କାର୍ଯ୍ୟ ଉକ୍ତ ହ୍ୟାଣ୍ଡସେଟ ଦ୍ୱାରା ସମ୍ପାଦିତ ହେଉନାହିଁ। ସେହିପରି ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ମୋବାଇଲ୍ ବ୍ୟକ୍ତିଗତ ବ୍ୟବହାର ନିଷିଦ୍ଧ ହୋଇଥିବା ସତ୍ତ୍ୱେ ସରକାରୀ ସିମ୍ କାର୍ଡ ଓ ନେଟ୍ ପ୍ୟାକ୍ ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ମୋବାଇଲ ଭାଙ୍ଗିଗଲେ ବା ଖରାପ ହେଲେ କର୍ମୀ ଦାୟୀ ବୋଲି ଏକ ସ୍ୱୀକାରୋକ୍ତି ଅଣ୍ଡରଟେକିଂ ଲେଖା ନିଆଯାଉଥିବାରୁ ବ୍ୟବହାର ଓ ମରାମତି ବ୍ୟବସ୍ଥା ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ କର୍ମୀ ନିଜ ବ୍ୟକ୍ତିଗତ ମୋବାଇଲ୍ ବ୍ୟବହାର କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନେଇଛନ୍ତି।



ତତ୍‌ସହିତ ଦୀର୍ଘଦିନ ଧରି ତାଙ୍କର ଅନ୍ୟ ୫ଟି ମୌଳିକ ଦାବି ନେଇ କୁହୁଳୁଥିବା ଅସନ୍ତୋଷରେ ଏହି ମୋବାଇଲ ପ୍ରସଙ୍ଗ ଇନ୍ଧନ ଯୋଗାଇଛି। ୨୦୨୨ରୁ ୨୦୨୫ ମଧ୍ୟରେ ବିଭିନ୍ନ ବ୍ଲକ୍‌ରେ ଅନେକ କର୍ମୀଙ୍କ ଦରମା ଖାତାକୁ ଆସୁନାହିଁ। ବାରମ୍ବାର ମୌଖିକ ଓ ଲିଖିତ ଅନୁରୋଧ ସତ୍ତ୍ୱେ ସମାଧାନ ହୋଇନାହିଁ। ୨୦୨୩ ନଭେମ୍ବରରୁ ମିନି ଅଙ୍ଗନବାଡ଼ି ମୁଖ୍ୟ ଅଙ୍ଗନବାଡ଼ିରେ ସାମିଲ ହୋଇଥିଲେ ମଧ୍ୟ ୨୦୨୪ ଫେବୃଆରୀରେ ହୋଇଥିବା ଭତ୍ତା ବୃଦ୍ଧି (୭,୫୦୦ରୁ ୧୦,୦୦୦ ଟଙ୍କା) ୨୦୨୩ ନଭେମ୍ବରରୁ ୨୦୨୪ ମେ' ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ। ବଜାରରେ ଅଣ୍ଡା ମୂଲ୍ୟ ୮ ଟଙ୍କାରୁ ଊର୍ଦ୍ଧ୍ୱ ଥିବାରୁ ସପ୍ତାହରେ ୫ଟି ପରିବର୍ତ୍ତେ ୪ଟି ଅଣ୍ଡା ପ୍ରଦାନ ସହିତ ଟିଏଚଆର ବକେୟା, କିଶୋରୀ ବାଳିକାଙ୍କ ପୁରୁଣା ଓ ନୂତନ ଭତ୍ତା, ଅଗ୍ରୀମ ୩ ମାସ ଏସଏନପି ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି। ୨୦୨୩ରୁ ଅବସରକାଳୀନ ଭତ୍ତା ଓ ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ପ୍ରଦାନ କରାଯାଉନାହିଁ। ଅନଲାଇନ୍ କାର୍ଯ୍ୟର ଅଧିକ ଚାପ ସହିତ ଅଫଲାଇନ୍ ୧୧ ଖଣ୍ଡ ଖାତା ରଖିବାକୁ ପଡୁଛି, ଯାହା ଅଡିଟ୍ ସମୟରେ କର୍ମୀଙ୍କୁ ଅନେକ ଅସୁବିଧାରେ ପକାଉଛି। ଅଫଲାଇନ୍ କାର୍ଯ୍ୟ ହ୍ରାସ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଅଲ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘ ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ମୟୂରଭଞ୍ଜ ଶାଖାର ସଭାନେତ୍ରୀ ସୌଭାଗ୍ୟ ମଞ୍ଜରୀ କରଣ ଓ ସମ୍ପାଦିକା ନନ୍ଦିତା ଦତ୍ତ କହିଛନ୍ତି ଯେ, ଉପରୋକ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି। ଅନ୍ୟଥା ଜିଲ୍ଲାରେ କର୍ମୀଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଆନ୍ଦୋଳନ ରୂପ ଧାରଣ କରିବାରେ ସନ୍ଦେହ ନାହିଁ। ସମସ୍ୟା ସମାଧାନ ହେଲେ ସଭିଏଁ ଆହୁରି ଉତ୍ସାହର ସହିତ ସରକାରୀ ଯୋଜନା କାର୍ଯ୍ୟକାରୀ କରିପାରିବେ। ଜିଲ୍ଲାପାଳ ଏହି ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

## ଅଚାନକ ମାଡ଼ି ଆସିଲା ବନ୍ୟାପାଣି

# ଗଛ ଉପରେ ରାତି କାଟିଲେ ୧୪ ଶ୍ରମିକ





ନୂଆପଡ଼ା/ସିନାପାଲି, ୬।୭ (ସମିସ): ମୁହୂର୍ତ୍ତକେ ପାଣି ମାଡ଼ି ଆସିଲା। ଜୀବନ ବଞ୍ଚାଇବାକୁ ଭରସା ହେଲା ଗୋଟିଏ ଗଛ। ସେହିଠାରେ ହିଁ ରାତି କଟିଲା ୧୪ ଶ୍ରମିକଙ୍କର। ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଓଡ଼ିଶା-ଛତିଶଗଡ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଛୁରା ଥାନା ଅନ୍ତର୍ଗତ ବିଜୟପାଲ ଗାଁ ନିକଟରେ।

ସୂଚନା ଅନୁଯାୟୀ, ଓଡ଼ିଶା-ଛତିଶଗଡ଼ ସୀମାନ୍ତ ବିଜୟପାଲ ଗାଁ ନିକଟ ବଗନଇ ନଦୀ ଉପରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଗରିଆବନ୍ଧ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହଠାତ୍ ବଗନଇ ନଦୀରେ ବନ୍ୟା ପାଣି ଚାଲି ଆସିଥିଲା। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ନଦୀ କୂଳରେ ରହୁଥିବା ୧୪ ଜଣ ଶ୍ରମିକଙ୍କ ଅସ୍ଥାୟୀ କୁଡ଼ିଆ ମୁହୂର୍ତ୍ତକ ମଧ୍ୟରେ ଭାସିଗଲା। ପ୍ରାଣ ଭୟରେ ଶ୍ରମିକମାନେ ନିକଟସ୍ଥ ଏକ ଉଚ୍ଚ ଗଛରେ ଚଢ଼ିଯାଇ ରାତି କଟାଇଥିଲେ। ଖାଦ୍ୟ, ପାଣି ବିନା ଅନ୍ଧାର ରାତି ସେମାନଙ୍କ ପାଇଁ ଭୟଙ୍କର ଥିଲା।

ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଗରିଆବନ୍ଧ ଜିଲ୍ଲାପାଳ ଭଗବାନ ସିଂହ ଉଇକେ ଓ ଏସ୍‌ପି ଦେବ୍ରତ ସିରମୋର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗରିଆବନ୍ଧ ଓ ମହାସମୁନ୍ଦ ଜିଲ୍ଲାର ଏସ୍‌ଡିଆର୍‌ଏଫ୍ ଟିମକୁ ଡକାଯାଇଥିଲା। ଯବାନମାନେ ଉଦ୍ଧାରକାରୀ ନୌକା ସହାୟତାରେ ଗଛ ଉପରେ ଅଟକି ରହିଥିବା ସମସ୍ତ ୧୪ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସମସ୍ତ ୧୪ ଜଣ ଶ୍ରମିକ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି ବୋଲି ଗରିଆବନ୍ଧ ଅତିରିକ୍ତ ପୁଲିସ ଅଧୀକ୍ଷକ ଲିତେଶ ସିଂହ ସ୍ପଷ୍ଟ କରିଛନ୍ତି। ଉଦ୍ଧାର ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଓ ଖାଦ୍ୟ ଯୋଗାଇ ଦିଆଯାଇଛି। ଘଟଣା ପରେ ପ୍ରଶାସନ ପକ୍ଷରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୪୯୪ଟି ସହରାଞ୍ଚଳ ବିକାଶ ପ୍ରକଳ୍ପର ଶୁଭାରମ୍ଭ

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାଁରେ ଓଡ଼ିଶାର ୭ଟି ପାର୍କ ଓ ରାସ୍ତା ଉତ୍ସର୍ଗୀକୃତ

ପୁରୀ,୬।୭ (ସମିସ): ଓଡ଼ିଶାର ସହରଗୁଡ଼ିକରେ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକଙ୍କ ଜୀବନଧାରଣର ମାନରେ ସୁଧାର ଆଣିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'(ଏମ୍‌ଏସ୍‌ବିୱାଇ) ଅଧୀନରେ ୩୭ଟି ପୌରାଞ୍ଚଳରେ ୪୯୪ଟି ନଗର ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପୁରୀ ଜିଲ୍ଲା ଓସ୍ୱାନ ହଲ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ, ଦେଶ ଗଠନରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅବଦାନ ଓ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟର ୭ଟି ପାର୍କ ଏବଂ ରାସ୍ତାକୁ ତାଙ୍କ ନାମରେ ଉତ୍ସର୍ଗ କରାଯାଇଛି। ମନ୍ତ୍ରୀଙ୍କ ଦ୍ୱାରା ଏହି ୪୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହିତ ସେହି ୭ଟି ପାର୍କ ଏବଂ ରାସ୍ତାର ନାମକରଣ କରାଯାଇଥିଲା। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବେହେରା ସାହି ରାସ୍ତାର ଉନ୍ନତୀକରଣ, ବାରିପଦାର ଫରେଷ୍ଟ କଲୋନୀ ପାର୍କ, କଟକର ଟାଉନ୍ ହଲ୍ ନିକଟସ୍ଥ ପାର୍କ, ବ୍ରହ୍ମପୁର ନୀଳକଣ୍ଠ ନଗରର ପ୍ରେମ ନଗରରୁ ମାଙ୍ଗୋ ମାର୍କେଟ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ରାଉରକେଲାର ସିଭିଲ୍ ଟାଉନସିପ୍ ପାର୍କ, ଢେଙ୍କାନାଳ ବସ୍‌ଷ୍ଟାଣ୍ଡରୁ କୋର୍ଟ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଏବଂ ଜଟଣୀର ସରସ୍ୱତୀ ଶିଶୁମନ୍ଦିରରୁ ଶ୍ରୀହରି ବିହାର ପର୍ଯ୍ୟନ୍ତ ରାସ୍ତା ସାମିଲ୍ ରହିଛି।

ଏହି ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଡ. ମହାପାତ୍ର ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସହରାଞ୍ଚଳର ନାଗରିକମାନଙ୍କ ପାଖରେ ଉନ୍ନତ ଭିତ୍ତିଭୂମି ଓ ନାଗରିକ ସୁବିଧାସୁଯୋଗ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ସ୍ଥାନୀୟ ଭିତ୍ତିଭୂମିର ଆବଶ୍ୟକତା ପୂରଣ କରିବା ଏବଂ ସହରାଞ୍ଚଳରେ ଉନ୍ନତ ଜନସାଧାରଣଙ୍କ ସୁବିଧା ସୁଯୋଗ ସୃଷ୍ଟି କରିବାରେ ଏମ୍‌ଏସ୍‌ବିୱାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ନାଗରିକଙ୍କ ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ଏହି ବିକାଶମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓଡ଼ିଶାର ସହରଗୁଡ଼ିକୁ ଅଧିକ ବାସୋପଯୋଗୀ, ସମାବେଶୀ ଏବଂ ସ୍ଥାୟୀ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପୌରସଂସ୍ଥାଗୁଡ଼ିକୁ ପ୍ରସ୍ତୁତ ରହିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ ଓ ବିଭିନ୍ନ ପୌରସଂସ୍ଥାର ଅଧ୍ୟକ୍ଷ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବିକାଶର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର କୁମାର ସାହୁ ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ଏବଂ ପ୍ରଗତି ସମ୍ପର୍କରେ ଏକ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଭିନ୍ନ ପୌରାଞ୍ଚଳରୁ ଆସିଥିବା ପ୍ରତିନିଧିମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଥିଲା। ୩୭ଟି ପୌରାଞ୍ଚଳରେ ୪୯୪ଟି ପ୍ରକଳ୍ପର ଶୁଭାରମ୍ଭ ସହରାଞ୍ଚଳ ଭିତ୍ତିଭୂମିକୁ ମଜଭୁତ କରିବା ଏବଂ ନାଗରିକମାନଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶାରେ ଗୁଣାତ୍ମକ ସାର୍ବଜନୀନ ଭିତ୍ତିଭୂମିର ବିକାଶ ଏବଂ ସମୃଦ୍ଧ, ସମାବେଶୀ ତଥା ଜନକଲ୍ୟାଣକାରୀ ସହରାଞ୍ଚଳ ସୃଷ୍ଟି କରିବା ଉପରେ ଲଗାତାର ଧ୍ୟାନ କେନ୍ଦ୍ରୀଭୂତ କରୁଛି। କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଳା ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯୋଜନାର ରୂପରେଖ ଓ ସହରାଞ୍ଚଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀରେ ୨ ହଜାର ସଂଖ୍ୟା ବିଶିଷ୍ଟ ଏକ ବହୁମୁଖୀ ଅଡିଟୋରିୟମ୍ କରାଯିବା ସହ ଅଠରନଳାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦେଇଥିଲେ। ଶେଷରେ ପୁରୀ ପୌରପାଳିକାର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷାପାଣିରେ ଉବୁଟୁବୁ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର

# ଆଣ୍ଠୁଏ ପାଣିରେ ଓଦାହୋଇ ଗଲେ ଛାତ୍ରଛାତ୍ରୀ

**ଜଗନ୍ନାଥ ପ୍ରସାଦ,୬/୭ (ସମିସ)**



ବର୍ଷାଜଳରେ ଉବୁଟୁବୁ କାଦୁଆ ପ୍ରାଥମିକ ସରକାରୀ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର। ତିନିଦିନର ଲଗୁଚାପ ବର୍ଷାରେ ହେଉଛି ବିଦ୍ୟାଳୟ ପରିସର, ରୋଷେଇ ଗୃହ, ଶ୍ରେଣୀକକ୍ଷ ଓ ଖେଳ ପଡିଆ। ଯାହାତେ ଚାରିଟୁ ଚାରିଆଡେ ଜଳମଗ୍ନ ପରିବେଶ। କେବେ ପାଣି ସୁଖିବ, ଅଭିଭାବକ ଓ ପରିଚାଳନା କମିଟିଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅଭିଯୋଗ କଲେ କେହି କର୍ଣ୍ଣପାତ କରୁନଥିବା ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। କେତେକ ଛାତ୍ରଛାତ୍ରୀ ଘର ମୁହାଁ ହେଲେଣି ତ ଆଉ କେତେ ଅସାବଧାନତାରେ ପାଣି ପାରହୋଇ ବିଦ୍ୟାଳୟ ଯାଉଛନ୍ତି। ଡ୍ରେସ ଓଦା ହେଲେ ପାଠ ପଢୁଥିବା କହିଛନ୍ତି ଛାତ୍ରଛାତ୍ରୀ। ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ନାହିଁ।

ତିନିଦିନର ଲଘୁଚାପ ବର୍ଷା ଜଳରେ ବୁଡି ଯାଇଛିଜଗନ୍ନାଥ ପ୍ରସାଦ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ କାଦୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର(ଫ)। କୁନିକୁନି ଛାତ୍ରଛାତ୍ରୀ ଶ୍ରେଣୀ ଗୃହକୁ ଯିବାରେ ବାଧା ଉପୁଜିଛି। ଫଳରେ ଅନେକ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସର ଦେଖି ଦୂରରେ ଘରକୁ ଫେରିଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପରିଚାଳନା ସଭାପତି ସରୋଜ କୁମାର ଷଡ଼ଙ୍ଗୀଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶରତ ଚନ୍ଦ୍ର ସାହୁ, ଗ୍ରାମବାସୀଙ୍କ ମଧ୍ୟ ନାୟକ, ସନ୍ତୋଷ ନାୟକ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, କୁନା ଦୁଆରୀ, ରୋହିତ ନାୟକ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଏତେ ପରିମାଣର ବର୍ଷାଜଳ ଦେଖି ମୁହଁ ଫେଡେଇଛନ୍ତି। ବିଦ୍ୟାଳୟର ଟୟଲେଟ, ରୋଷେଇ ଗୃହ, ଖେଳ ପଡିଆ ଓ ଶ୍ରେଣୀଗୃହ ଆଗରେ ପାଣି ଜମି ରହିଛି। ଫଳରେ ଏନେକ ଛାତ୍ରଛାତ୍ରୀ ଫେରି ଯାଉଥିବା ବେଳେ ଅଫିସ ଗୃହ ଥରେ ୮ ରୁ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପାଠ ପଢା ହେଉଛି ଏବଂ ସିଡ଼ି କଣରେ ରୋଷେଇ କାର୍ଯ୍ୟ ଚାଲୁରହି ଥିବା ନଜର ରହିଛି। ବିଦ୍ୟାଳୟ ପରିସରରେ ଶୋଚନୀୟ ପରିବେଶ ଦେଖି ସମସ୍ୟାର ସମାଧାନ ଦିଗରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ବର୍ଷାଜଳ ଅନେକ ଦିନଧରି ଏକାସ୍ଥାନରେ ରହିଲେ ଦୁର୍ଗନ୍ଧ ବାହାରିବା ସହ ବିଷାକ୍ତ ସରୀସୃପଙ୍କ ଭୟ

### ଡ୍ରେନେଜ ବ୍ୟବସ୍ଥା ଦାବିକଲେ ଗ୍ରାମବାସୀ

ମଶାମାଛି ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ଭୟ ରହିଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପ୍ରତି ବର୍ଷ ବର୍ଷାଋତୁରେ ଏଭଳି ସମସ୍ୟା ଉପୁଜୁଛି। ସ୍କୁଲ କର୍ତ୍ତୃପକ୍ଷ ଏ ନେଇ ପୂର୍ବରୁ ଅନେକ ଥର ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଏ ନେଇ ସ୍ଥାନୀୟ ବିଡ଼ିଓ ମନ୍ମଥନାଥ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରେ ଏହା ବିଦ୍ୟାଳୟ ପରିଚାଳନା କମିଟିଙ୍କ କାମ ବୋଲି କହିଛନ୍ତି।

## ଝରପାରି ପଞ୍ଚାୟତରେ ଜନଶୁଣାଣି

**ଧରାକୋଟ,୬/୭ (ସମିସ):** ଧରାକୋଟ ବ୍ଲକର ଝରପାରି ପଞ୍ଚାୟତରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସିଡିପିଓ ସୁନୀଲ ପ୍ରଭା ରଥ, ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ମାଧୁରୀ ସ୍ୱାଇଁ, ସମିତି ସଭ୍ୟା ରଜନୀ ଗୌଡ, ପିଇଓ ଦୁର୍ଗା ପ୍ରସାଦ ସାମଲ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏବିଇଓ ସୌରି ଶଙ୍କର ବେହେରା, ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକ, ମିଶନ ଶକ୍ତି ବିପିସି ସୁଶାନ୍ତ ନାୟକ, ବିଏସଓ ସଚିନ ପାତ୍ର, ବିପିସି କୃଷ୍ଣକାନ୍ତ ପଣ୍ଡା, ଏଡିଇଓ ଶିବାନୀ ପ୍ରଧାନ, ଯୋଗାଣ ସହାୟକ ମଦନ ନାୟକ,ଏନ୍ଆର୍ଇଜିଏ ବିଭାଗର ଅମେସ ବେହେରା, ଦୀପକ ପଟ୍ଟନାୟକଙ୍କ ସମେତ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମ ୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସମାଜସେବୀ ଲିଟୁ ଭୂୟାଁ, ଭିକାରୀ ଗୌଡ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।



## ଲଭ୍, ସେକ୍ସ୍, ଧୋକା; ଦୁଷ୍କର୍ମ ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୬/୭ (ସମିସ):** ଦିଗପହଣ୍ଡି ବ୍ଲକ ଅଧିନ ଏକ ଗାଁର ଜଣେ ଯୁବତୀଙ୍କୁ ଭଲ ପାଇ ବିବାହ କରିବା ପରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ସୀମା ନାୟକ(୨୮) ତାଙ୍କ ଗାଁର ଜଣେ ୩୩ ବର୍ଷୀୟା ଯୁବତୀଙ୍କ ସହ ଲଭ୍‌ରୁ ସେକ୍ସ୍ ଓ ପରେ ତାଙ୍କୁ ବିବାହ କରିବାପରେ ପ୍ରତାରଣା କରିଥିବା ନେଇ ପୀଡ଼ିତା ଦିଗପହଣ୍ଡି ଏତଲା ଦେବା ପରେ ଆଇଆଇସି କିଶୋର କୁମାର ସାମଲ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନା ରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ରାତି ପ୍ରାୟ ୮ ଟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ପ୍ରାୟ ଦେଢ଼ ବର୍ଷ ପୂର୍ବେ ଯୁବତୀ ଙ୍କୁ ସହ ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଙ୍କ ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ତାଙ୍କୁ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନକୁ ଡାକି ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ଉଭୟେ ପରସ୍ପରଙ୍କୁ ଭଲ ପାଇ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଭିଯୁକ୍ତ ଜଣକ ଯୁବତୀ ଙ୍କୁ ସାଥିରେ ନେଇ ଗାଁରୁ ଫେରାର ହୋଇଯାଇଥିଲେ। ଉଭୟେ ତାମିଲନାଡୁର ସିତାପୁରୀ ରେ ପହଞ୍ଚିବା ସହ ସେଠାକାର ଏକ ମନ୍ଦିରରେ ବିବାହ କରି ସ୍ୱାମୀ ସ୍ତ୍ରୀ ଭାବେ ରହୁଥିଲେ। ଗତ ପ୍ରାୟ ୩ ମାସ ପୂର୍ବେ ଭୁବନେଶ୍ୱରରେ ରହୁଥିବା ଯୁବତୀ ଙ୍କ ଭଉଣୀ ର ଭୀଷଣ ଦେହ ଖରାପ ହୋଇଥିଲା। ଭଉଣୀଙ୍କୁ ଦେଖିବା ପାଇଁ ଯୁବତୀ ଜଣକ ଭୁବନେଶ୍ୱର ଯିବାକୁ କହିବାରୁ ଅଭିଯୁକ୍ତ ସୀମା ରାଜି ହୋଇଥିଲେ। ଉଭୟେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଠାରେ କିଛିଦିନ ରହିବା ପରେ ସୀମା ତାଙ୍କ ପୈତୃକ ଗାଁ କୁ ଯାଇ ବୁଲି ଆସିବାକୁ ତାଙ୍କ ସ୍ତ୍ରୀଙ୍କୁ କହିବା ପରେ ସ୍ତ୍ରୀ ରାଜି ହୋଇଥିଲେ। ପରେ ସ୍ତ୍ରୀ ସ୍ୱାମୀ ସୀମାଙ୍କୁ ଫୋନ କରିବାରୁ ସେ ଫୋନ ଉଠାଇନଥିଲେ। ଗତ ରବିବାର ସ୍ତ୍ରୀ ସ୍ୱାମୀଙ୍କ ଘରେ ପହଞ୍ଚିବାରୁ ସେ ତାଙ୍କୁ ଗ୍ରହଣ କରିବାକୁ ରାଜି ହୋଇ ନ ଥିଲେ। ସ୍ତ୍ରୀ ସ୍ୱାମୀଙ୍କ ଘର ଭିତରକୁ ଜବରଦସ୍ତ ପଶିବାକୁ ଚେଷ୍ଟା କରିବାରୁ ସ୍ୱାମୀ ଓ ତାଙ୍କ ଭଉଣୀ ତାଙ୍କୁ ଆପତ୍ତିଜନକ ଭାଷାରେ ଗାଳିକରି ମାଡ଼ମାରିବା ସହ ସେଠାରୁ ତଡ଼ି ଦେଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

### ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

## ବ୍ଲକ୍ କାର୍ଯ୍ୟାଳୟ ଆଗରେ ସୂଚନା ଅଧିକାର କର୍ମୀଙ୍କ ଧାରଣା

**ଧରାକୋଟ,୬/୭ (ସମିସ):** ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ଆଣି ଧରାକୋଟ ବ୍ଲକ କାର୍ଯ୍ୟାଳୟ ବିଡିଓଙ୍କ ପ୍ରକୋଷ୍ଠ ଆଗରେ ଧାରଣାରେ ବସିଥିଲେ ସିଙ୍ଗିପୁର ପଞ୍ଚାୟତର ପାଟପୁର ଗାଁର ଦୀପକ କୁମାର ଗୌଡ଼। ବ୍ଲକର ପ୍ରଶାସନିକ ଅଧିକାରୀମାନଙ୍କ ବିରୁଦ୍ଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଦୀପକ। ଏ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ଅଭିଯୋଗ କରିଥିଲେ। ଅନଶନକାରୀଙ୍କ କହିବା ପ୍ରକାରେ ଆବାସ ଯୋଜନା ଓ ଭତ୍ତା ବିଷୟରେ ଦୁର୍ନୀତି ହୋଇଥିବା ନେଇ ଆଲୋଚନା ବେଳେ ସଂପୃକ୍ତ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉତକ୍ଷିପ୍ତ ହୋଇ ଫୋନ ଯୋଗେ ଦୀପକଙ୍କୁ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ଦୀପକ ଅଭିଯୋଗ ଆଣିଛନ୍ତି ଯେ ସରକାରୀ ରେକର୍ଡ ରେ ନକଲି ପ୍ଲଟ ଦର୍ଶାଇ ଓ ବେଆଇନ ସ୍ଥାନରେ ଆବାସ ଗୃହ ନିର୍ମାଣ କରାଯାଇଥିବା ବେଳେ ସିଙ୍ଗିପୁର ପଞ୍ଚାୟତ ରେ ସ୍ୱଚ୍ଛଳ ଓ ଅଯୋଗ୍ୟ ଲୋକଙ୍କ ଠାରୁ ଅର୍ଥ ଆଦାୟ କରାଯାଇ ଗୃହ ବିତରଣ କରାଯାଇଛି। ଯଦି ଏହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତାହେଲେ ସେ ଉଚ୍ଚ ନ୍ୟାୟଳୟ ଓ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଦିନ ୧୦ଟାଠାରୁ ଅପରାହ୍ନ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ପ୍ରାୟ ୮ ଘଣ୍ଟା ଧରି ଦୀପକ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ସହ ଆଲୋଚନା କରିବାପାଇଁ ମଧ୍ୟ ଆସିନଥିଲେ।




### ଏସ୍ଆଇଆରକୁ ନେଇ ସମନ୍ୱୟ ବୈଠକ

## ସେପ୍ଟେମ୍ବର ୬ରେ ଚୁଡ଼ାନ୍ତ ଭୋଟର ତାଲିକା



**ଭଞ୍ଜନଗର,୬/୭ (ସମିସ):** ଏହି ଉପଖଣ୍ଡ ଅନ୍ତର୍ଗତ ୩ଟି ବିଧାନ ସଭା କ୍ଷେତ୍ର ଭଞ୍ଜନଗର, ଆସ୍କା ଏବଂ ସୋରଡ଼ା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ଇ.ଆର୍.ଓ ମାନଙ୍କ ଦ୍ୱାରା 'ଚିଠା ଭୋଟର ତାଲିକା' ପ୍ରକାଶିତ ହୋଇଛି। ଉପଖଣ୍ଡରେ ସମୁଦାୟ ୩୬,୩୪୨ ଜଣଙ୍କ ନାମ ମୃତ୍ୟୁ, ସ୍ଥାୟୀ ସ୍ଥାନାନ୍ତରଣ, ଅନ୍ୟତ୍ର ନାମ ପଞ୍ଜୀକରଣ, ଅନୁପସ୍ଥିତି ଏବଂ ଅନ୍ୟାନ୍ୟ କାରଣରୁ ଚିଠା ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏଥିମଧ୍ୟରୁ ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୩,୭୩୮, ଆସ୍କା ବିଧାନସଭା କ୍ଷେତ୍ର ରୁ ୧୨,୨୯୩ ଏବଂ ସୋରଡା ବିଧାନସଭା କ୍ଷେତ୍ର ରୁ ୧୦,୩୧୧ ଜଣଙ୍କ ନାମ ଚିଠା ଭୋଟର ତାଲିକାରୁ ବାଦ ପଡିଥିବା ସୂଚନା ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ ଓ ବିଶ୍ୱସନୀୟ କରିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଚିଠା ଭୋଟର ତାଲିକା ପ୍ରକାଶ ଅବସରରେ ରବିବାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଇଆର୍ଓ ତଥା ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ ଇଆର୍ଓ ଆସ୍କା ତଥା ଅତିରିକ୍ତ ଉପଜିଲ୍ଲାପାଳ ଭଞ୍ଜନଗର ପ୍ରଧାନ ଟୁଲିଆମା ଓଇଆର୍ଓ ସୋରଡ଼ା ବସନ୍ତ କୁମାର ବେହେରା ବୈଠକରେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଦିଗପହଣ୍ଡି,୬/୭ (ସମିସ):** ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡି ଗ୍ରାମର ଶ୍ରୀ ରଘୁନାଥ ମନ୍ଦିର ନିକଟସ୍ଥ ଏକ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ସୁନାମ ସାହୁ(୭୪)। ବୃଦ୍ଧ ଜଣକ ଅପରାହ୍ନ ପ୍ରାୟ ସାଢେ ୪ ଟାରେ ଗ୍ରାମର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ସେ ପୋଖରୀରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ପୋଖରୀ ତୁଠରେ ତାଙ୍କର ଚପଲ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଦିଗପହଣ୍ଡି ଅଗ୍ନିଶମ କର୍ମଚାରୀ ବୃନ୍ଦ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି ପରେ ସନ୍ଧ୍ୟା ପ୍ରାୟ ୭ ଟାରେ ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡଙ୍କ ସହଯୋଗ କ୍ରମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୧୨ ଘଣ୍ଟା ମଧ୍ୟରେ ୩ ଦୁର୍ଘଟଣା; ୩ ଗୁରୁତର



**ଖଲ୍ଲିକୋଟ,୬/୭ (ସମିସ)**

ଖଲ୍ଲିକୋଟ ଥାନା ଅଞ୍ଚଳରେ ଗତ ୧୨ ଘଣ୍ଟା ମଧ୍ୟରେ ତିନୋଟି ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କହ୍ନେଇପୁର ଠାରେ ଜଣେ ପଥଚାରୀଙ୍କୁ ବାଇକ ଧକ୍କା ଦେବାରୁ ଉଭୟେ ଆହତ ହୋଇଥିବା ଖବର ମିଳିଛି। ଫାସିଡ଼ି ଗ୍ରାମର କେ ସନ୍ତୋଷ ପାତ୍ର ନାମକ ଜଣେ ଯୁବକ ବାଇକରେ ନିଜ ଘର କୁ ଯାଉଥିବା ବେଳେ କହ୍ନେଇପୁର ଠାରେ ମାଣିକ୍ୟପୁର ଗ୍ରାମର ୫୦ ବର୍ଷୀୟ ଭାସ୍କର ଜେନା ନାମକ ବ୍ୟକ୍ତି ଚାଲି ଚାଲି ଯାଉଥିବା ବେଳେ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆଜି ସକାଳୁ ଏକ ମହିନ୍ଦ୍ର ପିକପ ଗାଡି ଘର ଛାତ ସେଣ୍ଟ୍ରିଙ୍ଗ ସାମଗ୍ରୀ ନେଇ ଯାଉଥିବା ବେଳେ ଚିକିଲି ନିକଟରେ ଭାରସାମ୍ୟ ହରାଇ ଗାଡିଟି ରାସ୍ତା କଡ଼କୁ ଓଲଟି ପଡିଥିଲା। କିନ୍ତୁ ଏଥିରେ କେହି ଆହତ ହୋଇ ନଥିବା ଜଣାପଡ଼ିଛି। ଦିନ ୧୧ ଟାରେ ବାଣିଆ ବାଦପଲ୍ଲୀ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ଆହତ ହୋଇଛନ୍ତି। ମଥୁରା ଗ୍ରାମର ସୁଶାନ୍ତ ନାହାକ (୪୭) ଓ ଅନ୍ୟ ଜଣେ ଯୁବକ ଗୋଟିଏ ବାଇକରେ କୋମଣ୍ଡ ଆଡକୁ ଯାଉଥିବା ବେଳେ ବାଣିଆ ବାଦପଲ୍ଲୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳ ରେ ସୁଶାନ୍ତ ନାହାକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ଦୁର୍ଘଟଣାରେ ସୁଶାନ୍ତଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି।

## ଯାତ୍ରୀବାହୀ ଅଟୋ ଧକ୍କାରେ ଚାଷୀ ମୃତ



**ଆସିକା,୬/୭ (ସମିସ):** ଆସିକା ଥାନା ଅନ୍ତର୍ଗତ ଖଡ଼ବାଗ ଗାଁ ନିକଟରେ ଯାତ୍ରୀ ବାହି ଅଟୋ ଧକ୍କାରେ ଚାଷୀ ମୃତ୍ୟୁ ହୋଇଛି। ମୃତକ ହେଲେ ତାରା ରେଡି (୬୩)। ସୂଚନା ଥାଉକି ତାରା ନିଜ ଜମିରୁ ସୋମବାର ଦିନ ଅପରାହ୍ନ ସମୟରେ ତାରା ଜମିରୁ ଘର ଖଡ଼ବାଗ ଆସୁଥିବା ବେଳେ ବ୍ରହ୍ମପୁରରୁ ଆସିକା ଅଭିମୁଖେ ଆସୁଥିବା ପାସିଞ୍ଜର ଅଟୋ ଧକ୍କାରେ ଚାଷୀ ମୃତ। ତାରାଙ୍କୁ ଗୁରୁତର ଅବସ୍ଥାରେ ରେ ସ୍ଥାନୀୟ ଲୋକେ ଆସିକା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜାତୀୟ ରାଜପଥ ୫୯ ର ଖଡଭାଗ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ବ୍ରହ୍ମପୁର ରୁ ଆସିକା ଅଭିମୁଖେ ଆସୁଥିବା ଓଡ଼ି୦୨-ଓଏ୧୬୯୯ ପାସିଞ୍ଜର ଅଟୋରେ ଗର୍ଭବତୀ ମହିଳାଙ୍କୁ ଧରି ଆସିକା ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଅଟୋ ଡ୍ରାଇଭର ଓ ଗର୍ଭବତୀ ମହିଳା ଗୌଡ଼ ପୋଲି ଗାଁର ରେଶମା ଦୋରା ଆହତ ହୋଇ ଆସିକାରୁ ବ୍ରହ୍ମପୁର ବଡ ମେଡିକଲକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ମୃତ ଚାଷୀ ତାରାଙ୍କ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବେଆଇନ୍ ବାଲି ଗୋଦାମ ଉପରେ ଚଢ଼ଉ



**ବେଲଗୁଣ୍ଠା,୬/୭ (ସମିସ):** ବେଲଗୁଣ୍ଠା ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ଗାଙ୍ଗପୁର ପୋଲିସ୍ ବାହିନୀ ପକ୍ଷରୁ ମିଳିତ ଚଢାଉ କରାଯାଇ ଏକ ବେଆଇନ୍ ବାଲି ଗୋଦାମକୁ ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନା ପ୍ରକାରେ ବେଲଗୁଣ୍ଠା ତହସିଲ୍ ଅନ୍ତର୍ଗତ ଗୋବରା ସର୍କଲ୍‌ର ବେଣୀପଲ୍ଲୀ ମୌଜାରେ ଏକ ବେଆଇନ୍ ବାଲି ଗୋଦାମ ରହିଥିବା ସ୍ଥାନୀୟ ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ଖବର ପାଇ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ,ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ଏବଂ କନିଷ୍ଠ ଖଣି ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ମିଳିତ ଭାବେ ଘଟଣା ସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ସେଠାରେ ବେଆଇନ୍ ବାଲି ଗୋଦାମ ଥିବା ଜାଣିପାରି ତାହାକୁ ଜବତ କରିଥିଲେ। ଜବତ ବାଲିର ପରିମାଣ ପାଖାପାଖି ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ ବୋଲି ବିଶେଷ ସୂତ୍ରରୁ ପ୍ରକାଶ।

## ନିଖୋଜ ନାବାଳିକାଙ୍କ ମୃତଦେହ ଉଦ୍ଧାର
## ହତ୍ୟା ଅଭିଯୋଗ, ପ୍ରେମିକ ଅଟକ

**ପାତ୍ରପୁର ୬/୭ (ସମିସ):** ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ଏସ. ନୂଆଗାଁ ଗ୍ରାମ ହରିଜନ ସାହିରୁ ସୋମବାର ଜଣେ ନାବାଳିକାଙ୍କ ମୃତଦେହ ଜରଡ଼ା ପୁଲିସ ଦ୍ୱାରା ଉଦ୍ଧାର ହୋଇଥିବା ଜଣାପଡ଼ିଛି। ମୃତ ନାବାଳିକା ହେଲେ ଉକ୍ତ ଗ୍ରାମର ଶ୍ରୀୟା ସାହୁ (ଛଦ୍ମନାମ) ବୋଲି ଜଣାପଡ଼ିଛି। ତେବେ ନାବାଳିକାର ପ୍ରେମିକ କୁହା ଯାଉଥିବା ଯୁବକ ଉକ୍ତ ଗ୍ରାମର ଅଜୟ ନାଇକକୁ ପୁଲିସ ଅଟକ ରଖି ତଦନ୍ତ ଚଳେଇଥିବା ବେଳେ ନାବାଳିକାଙ୍କ ବାପା ହତ୍ୟା ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ପରିବାର ଲୋକେ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ମୃତ ନାବାଳିକାଙ୍କ ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କିଛି ମାସ ପୂର୍ବେ ଉକ୍ତ ନାବାଳିକା ଜଣକ ଅଭିଯୁକ୍ତ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ଗାଁକୁ ଫେରିଆସି ଏକାଠି ବସବାସ କରୁଥିଲେ। ବର୍ତ୍ତମାନ ଯୁବକଙ୍କ ଘରୁ ନାବାଳିକାଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ମୃତଦେହ ମିଳିବା ପରେ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ପରିବାର ସଦସ୍ୟମାନେ ଦୃଢ଼ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଜରଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଏହି ଘଟଣାରେ ଜରଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ପ୍ରେମିକକୁ ଅଟକ ରଖି ପଚରାଉଚରା କରିବା ସହ ସ୍ଥାନୀୟ ଲୋକଙ୍କୁ ଅଧିକ ପଚରାଉଚରା କରୁଛି।



### ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ଉ
## ୫ ଜୁଆଡ଼ି ଗିରଫ; ୧୨ ହଜାର ୫୦୦ ଟଙ୍କା, ୭ ବାଇକ୍ ଓ ୫ ମୋବାଇଲ ଜବତ

**ଖଲ୍ଲିକୋଟ,୬/୭ (ସମିସ):** ଖଲ୍ଲିକୋଟ ପୁଲିସ ଜଙ୍ଗଲରେ ଚାଲୁଥିବା ଗୋଟିଏ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୫ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ନଗଦ ୧୨ ହଜାର ୫୦୦ ଟଙ୍କା, ୭ ଟି ବାଇକ ଓ ୫ ଟି ମୋବାଇଲ ଫୋନ ଜବତ କରିଥିବା ଜଣାପଡ଼ିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାନାପଲ୍ଲୀ ନିକଟସ୍ଥ ଜଙ୍ଗଲରେ ଦୀର୍ଘଦିନ ହେଲା ଏକ ଜୁଆ ଆଡ୍ଡା ଚାଲିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ, ଏଏସଆଇ ସୁଜିତ କୁମାର ପାଣିଗ୍ରାହୀଙ୍କ ସହ ପୋଲିସ ଟିମ୍ ରବିବାର ରାତିରେ ଜଙ୍ଗଲ ଭିତରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ଉ ବେଳେ ପୋଲିସ ୫ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ନଗଦ ୧୨ ହଜାର ୫୦୦ ଟଙ୍କା , ୭ଟି ବାଇକ୍ ଓ ୫ ଗୋଟି ମୋବାଇଲ ଫୋନ ଜବତ କରିବାରେ ସଫଳ ହୋଇଥିଲା। ତେବେ ପୁଲିସ ଚଢ଼ାଉ କରିବା ସମୟରେ ରାତିର ଅନ୍ଧାରର ସୁଯୋଗ ନେଇ ଆଉ କିଛି ଜୁଆଡ଼ି ଜଙ୍ଗଲ ଭିତରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଥିବା ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।




## ବଜରଙ୍ଗ ଦଳ ପକ୍ଷରୁ ବୃକ୍ଷରୋପଣ

**ବୁଗୁଡ଼ା, ୬/୭ (ସମିସ):** ଘୁମୁସର ସାଂଗଠନିକ ଜିଲ୍ଲା ବୁଗୁଡ଼ା ପ୍ରଖଣ୍ଡ ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ସୋମବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟଗଣ ଶିଶୁ ମନ୍ଦିର ହତା ମଧ୍ୟରେ ବୃକ୍ଷରୋପଣ ସାଙ୍ଗକୁ ରାସ୍ତାରେ ଯାତାୟାତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଚାରା ବଣ୍ଟନ କରିଥିଲେ।

## ନରେନ୍ଦ୍ରପୁର ହାଇସ୍କୁଲରେ ବନମହୋତ୍ସବ

**ଛତ୍ରପୁର,୬/୭ (ସମିସ):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ସରକାରୀ ହାଇ ସ୍କୁଲଠାରେ ପ୍ରଧାନ ଶିକ୍ଷକ ଦେବରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାର ଆୟୋଜନ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ରୋଟାରିଆନ କାମରାଜୁ ମହାରଣା ଏହି ଉତ୍ସବରେ ମୁଖ୍ୟଅତିଥିରୂପେ ଯୋଗଦେଇ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଛତ୍ରପୁର ଉପଖଣ୍ଡ ବନ ବିଭାଗର ଫରେଷ୍ଟର ବାବୁ ସେଠି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ପରିଚାଳନା କମିଟି ସଭ୍ୟ ଅବଦୁଲ ରହମନ, ଆଲୁମିନି ସଭ୍ୟ ଇପିଲି ଭାସ୍କର, ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରି ସ୍ୱାଗତିକା ଦାଶ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅଭିଲିପ୍ସା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଇକୋ କ୍ଲବର ସମସ୍ତ ଛାତ୍ରଛାତ୍ରୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଚାରା ରୋପଣ କରିଥିଲେ।



## ଅପରାଧୀଙ୍କ ପାଇଁ ବ୍ରହ୍ମପୁର ପୁଲିସର ନୂଆ ସ୍ଲୋଗାନ !

# ଫେରାର ହୁଅ - ବେଫିକର ରୁହ ?

ବ୍ରହ୍ମପୁର,୬।୭(ସମିସ)

ଅପରାଧୀଙ୍କ ପାଇଁ ବ୍ରହ୍ମପୁର ପୁଲିସର ଅଘୋଷିତ ତଥା ଅଲିଖିତ ସ୍ଲୋଗାନ 'ଫେରାର ହୁଅ ଆଉ ବେଫିକର ରୁହ'। ଏକଥା କାହାକୁ ଅଛପା ମଧ୍ୟ ନାହିଁ। ସହରର ଜନସାଧାରଣଙ୍କ ସମେତ ଖୋଦ୍ ପୁଲିସ ବିଭାଗ ଓ ଆଇନଜୀବୀଙ୍କ ମଧ୍ୟରେ ଏନେଇ ବେଶ ଚର୍ଚ୍ଚା ମଧ୍ୟ ହେବାରେ ଲାଗିଛି। କାରଣ ଗୋଟିଏ କିମ୍ବା ଦୁଇଟି ନୁହେଁ ଆଉ ସପ୍ତାହେ କିମ୍ବା ମାସେ ନୁହେଁ ବରଂ ମାସ ମାସ ଧରି ସହରର ଏକାଧିକ ଚର୍ଚ୍ଚିତ ଅପରାଧିକ ଘଟଣାରେ ସମ୍ପୃକ୍ତ ହାର୍ଡକୋର ଅପରାଧି ପୁଲିସ ଆଖିରେ ଧୂଳି ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଏଭଳି ପରିସ୍ଥିତିରେ ଫେରାର ଅପରାଧିଙ୍କୁ ପୁଲିସ ଧରିବାକୁ ଚେଷ୍ଟା କରୁନାହିଁ ବରଂ ପରୋକ୍ଷରେ କୋର୍ଟର ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ହାସଲ କରିବାରେ ପୁଲିସ ସହଯୋଗ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ଦିନ ବିତିବା ସହିତ ସମ୍ପୃକ୍ତ ଘଟଣା ସମ୍ପର୍କରେ ଲୋକଙ୍କ ମନରୁ ଲିଭିବା ସହଜ ହେଉଛି। ସହରରେ ଏଭଳି ଏକାଧିକ ଚର୍ଚ୍ଚିତ ଘଟଣା ରହିଛି ଯେଉଁଥିରେ ସମ୍ପୃକ୍ତ ବହୁ ହାର୍ଡକୋର ଅପରାଧିଙ୍କ ଗିରଫ କରିବାରେ ପୁଲିସ ବିଫଳ ହୋଇଛି।

ମେ ୧୮ ତାରିଖରେ ଟାଉନ ଥାନା



- ମାସ ମାସ ବିତିଲେ ସୁଦ୍ଧା ଫେରାର ଅପରାଧୀଙ୍କୁ ଧରିବାରେ ବିଫଳ ପୁଲିସ
- ପୁଲିସ ଆଖିରେ ଧୂଳି ଦେବାରେ ସକ୍ଷମ ଏକାଧିକ ଚର୍ଚ୍ଚିତ ଘଟଣାର ଅପରାଧୀ

ଅନ୍ତର୍ଗତ ଗିରିରୋଡରେ ବିଚ ରାସ୍ତାରେ ଉମେଶ ରଥ ନାମକ ଜଣେ ଯୁବକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ଇତି ମଧ୍ୟରେ ୫୦ଦିନ ବିତି ସାରିଛି। ତଥାପି ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଷଡଯନ୍ତ୍ରକାରୀ କୁହାଯାଉଥିବା ସନ୍ଦିପ ସାହୁ ଓରଫ୍ ମୋଗଲିକୁ ପୁଲିସ ଗିରଫ କରିବାରେ ବିଫଳ ରହିଛି। ସେହିଭଳି ଗତ ମେ ୨୫ତାରିଖରେ ବଡବଜାର ଥାନା ଅନ୍ତର୍ଗତ ଅମ୍ବିକା ନଗରରେ ବିଚ ରାସ୍ତା ଉପରେ ମଙ୍ଗଳା ବେହେରାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ଇତି ମଧ୍ୟରେ ବିତି ଯାଇଛି ଦିର୍ଘ ୪୫ଦିନ। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବଳରାମ ସାହୁ ଓରଫ୍ ବଳିଆକୁ ଧରିବା ତ ଦୂରର କଥା ପୁଲିସ ତାର ଟେର ମଧ୍ୟ ପାଇ ପାରିନାହିଁ। କେବଳ ଏହି ଦୁଇଟି ଘଟଣା ନୁହେଁ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟରେ ଗତ ଜାନୁଆରୀ ୧୫ତାରିଖରେ ଧାନମେରା ସାହିର ଅମିତ ମୁଖୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଘଟଣାକୁ ଇତି ମଧ୍ୟରେ ବିତିଯାଇଛି ଦିର୍ଘ ୫ମାସରୁ ଉର୍ଦ୍ଧ୍ୱ କାଳ। ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଥିଲେ ହେଁ ଆକ୍ରମଣରେ ସମ୍ପୃକ୍ତ ରହି ଫେରାର ଥିବା ଅନ୍ୟ ୩ଜଣଙ୍କୁ ପୁଲିସ ଗିରଫ କରିପାରି ନଥିବା ଜଣାପଡିଛି। ଏପରିକି ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ମଧ୍ୟ ଖାରଜ ହୋଇଯାଇଥିବା ଜଣାପଡିଛି। ଉପରୋକ୍ତ ସମସ୍ତ ଘଟଣାରେ ଆକ୍ରମଣର ଶୀକାରମାନେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସେହିଭଳି ଏକ ନାବାଳିକା ଦୁଷ୍କର୍ମ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଓ ପରବର୍ତ୍ତି ସମୟରେ ପାରୋଲରେ ଆସି ଫେରାର ହୋଇଯାଇଥିବା ବିଜେପି ନେତା ତଥା ନକଲି ଡାକ୍ତର ଭବାନୀ ଶଙ୍କର ଦାଶଙ୍କ ଫେରାର ହେବାର ଆଜକୁ ପ୍ରାୟ ୨ମାସ ବା ୬୦ଦିନରୁ ଉର୍ଦ୍ଧ୍ୱ କାଳ ବିତିସାରିଛି। ଫେରାର ସମୟରେ ସେ ପିଡିତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଚମକ ଦେଉଥିବା ଓ ମାମଲା ରଫାଦଫା କରିବାକୁ ଉଦ୍ୟମ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଛି। ଇତି ମଧ୍ୟରେ ଭବାନୀଙ୍କ ବିରୁଦ୍ଧରେ ଉଭୟ ନିମଖଣ୍ଡି ଓ ମୋହନା ଥାନାରେ ଦୁଇଟି ଅତିରିକ୍ତ ମାମଲା ରୁଜୁ ହୋଇସାରିଥିବା ଜଣାପଡିଛି। ଏଣୁ ଏକାଧିକ ମାମଲାରେ ତଥା ସମସ୍ତ ଚର୍ଚ୍ଚିତ ଘଟଣାରେ ସମ୍ପୃକ୍ତ ତଥା ଫେରାର ଥିବା ଅପରାଧିଙ୍କୁ ଧରିବାରେ ପୁଲିସ ବିଫଳ ହୋଇଥିବା ବେଳେ ଫେରାର ଅପରାଧିଙ୍କୁ ଧରିବା ପାଇଁ ଚେଷ୍ଟା କରୁଛି ନା ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫେରାର ଅପରାଧିଙ୍କୁ ଧରିବାରେ ବିଫଳ ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଏଭଳି ମାମଲା ବଢିବାରେ ଲାଗିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏଣୁ ଯେକୌଣସି ଘଟଣାରେ ତଦନ୍ତକାରୀ ପୁଲିସ ଅଧିକାରୀଙ୍କୁ ଉତ୍ତରଦାୟୀ କରିବାକୁ ଦାବି ହୋଇଛି।

## ହଜିଯାଇଥିବା ଭ୍ୟାନିଟି ବ୍ୟାଗ୍ ଫେରାଇଲା ପୁଲିସ



ବ୍ରହ୍ମପୁର,୬।୭(ସମିସ): ଟାଉନ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଅମିତ୍ କୁମାର ବିଷୋୟୀ ଫେରୁଥିବା ସମୟରେ କାଳୁ ପାତ୍ର ସାହି ଠାରେ ଗୋଟିଏ ଭେନିଟି ବ୍ୟାଗ ପାଇଥିଲେ। ସେଠାରେ ହୋମଗାର୍ଡ ଜଣକ କାହାର ଭେନିଟ ବ୍ୟାଗ ପଚାରିବା ପରେ ମଧ୍ୟ ନିଜର ବୋଲି କେହି ଦାବି କରିନଥିଲେ। ହୋମଗାର୍ଡ ଅମିତ୍ ତୁରନ୍ତ ବଡ଼ ବଜାର ଥାନାକୁ ମିଳିଥିବା ଭେନିଟ ବ୍ୟାଗକୁ ନେଇ ପହଞ୍ଚିଲେ। ଥାନାରେ ଡିସିଓ ଥିବା ଏଏସଆଇ ସୁନିଲ କୁମାର ପରିଡ଼ା ଉକ୍ତ ବ୍ୟାଗକୁ ଯାଞ୍ଚ କରି ପ୍ରକୃତ ମାଲିକଙ୍କୁ ଯୋଗଯୋଗ କରି ଥାନାକୁ ଡାକି ହଜିଯାଇଥିବା ଭେନିଟି ବ୍ୟାଗକୁ ହସ୍ତାନ୍ତର କରିଥିଲେ। ଭଞ୍ଜନଗର କୁଲାଡ଼ ଗ୍ରାମର ସଂଯୁକ୍ତା କୁମାରୀ ପାତ୍ର ନିଜ ସମ୍ପର୍କୀୟଙ୍କ ସହ କୌଣସି କାମରେ ବ୍ରହ୍ମପୁର ଆସିଥିବା ବେଳେ ବଡ଼ବଜାର ଥାନା ଅନ୍ତର୍ଗତ କାଳୁ ପାତ୍ର ସାହିରେ ନିଜର ଅସାବଧାନତା ଯୋଗୁଁ ଭେନିଟି ବ୍ୟାଗଟି ପଡିଯାଇଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ଥିବାବେଳେ ବଡ଼ବଜାର ଥାନା ପୁଲିସ ସେମାନଙ୍କୁ ଯୋଗଯୋଗ କରି ଥାନାକୁ ଆସିବାକୁ କହିଥିଲେ। ଥାନାରେ ଉକ୍ତ ବ୍ୟାଗ ଯାଞ୍ଚବେଳେ ସେଥିରେ ଥିବା ନଗଦ ୮ହଜାର ଟଙ୍କା, ସୁନାର ଅଳଙ୍କାର, କିଛି ପ୍ରମାଣପତ୍ର ଓ ମୋବାଇଲ ଥିବା ଜଣାପଡିଥିଲା।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସୁଧାରିବାରେ ବାଧକ ସାଜିଛି ପୁଲିସ କର୍ମଚାରୀଙ୍କ ମାନସିକ ଚାପ !

ବ୍ରହ୍ମପୁର,୬।୭(ସମିସ)

ଦିନକୁ ଦିନ ବିଗିଡିବାରେ ଲାଗିଛି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି। ଲୋକେ ଆଇନକୁ ହାତକୁ ନେବାକୁ ପଛାଉ ନଥିବା ବେଳେ ବଢି ଚାଲିଛି ଭିଡ ହିଂସା, ନାରୀ ନିର୍ଯାତନା ଆଉ ହତ୍ୟା ଓ ଅପହରଣ ଭଳି ଅପରାଧିକ ଘଟଣା। ଗତ କିଛିଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଘଟିଥିବା କିଛି ଚର୍ଚ୍ଚିତ ଅପରାଧିକ ଘଟଣାକୁ ନେଇ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଢି ଚାଲିଥିବା ଅପରାଧ ନିୟନ୍ତ୍ରଣ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଥିବା ଅଭିଯୋଗ କରି ସରକାରଙ୍କୁ ଘେରିଛନ୍ତି ବିରୋଧୀ। ସେପଟେ ଅପରାଧ ନିୟନ୍ତ୍ରଣରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ମାନସିକ ଚାପ ବାଧକ ସାଜିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। କେଉଁଠି ଅଧିକାରୀ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ପଛାଉ ନଥିବା ବେଳେ ବିଭିନ୍ନ କାରଣରୁ ପୁଲିସ ଚାକିରୀ ଛାଡିବାକୁ ମଧ୍ୟ ଅଣ୍ଟା ଭିଡୁଛନ୍ତି। ଆଇଆଇସି ବିଘ୍ନୁଟି ମହାନ୍ତିଙ୍କ ଆତ୍ମହତ୍ୟା ଓ କନେଷ୍ଟବଳ ଆଶୁତୋଷ ମୃଦୁଙ୍ଗିଆଙ୍କ ମୃତ୍ୟୁ ଘଟଣା। ଏପଟେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ଗୋଟିଏ ପଟେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ରହିଥିବା ବେଳେ ଅନ୍ୟପଟେ ପୁଲିସ କର୍ମଚାରୀଙ୍କ ମାନସିକ ଚାପ ଅଶାନ୍ତିର କାରଣ ହୋଇଥିବା ଦେଖିବାକୁ ମିଳିଛି। କିଛି ମାମଲାରେ ଅଭିଯୁକ୍ତ ଚିହ୍ନଟ ନହେବା ଏବଂ ଆଉ କେତେକ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ କାବୁ କରିବାରେ ବିଫଳ ହେବା ପୁଲିସର ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଏକାଧିକ ହତ୍ୟା ମାମଲାର ଅଭିଯୁକ୍ତ ଏଯାବତ ଫେରାର ରହିଥିବା ଜଣାପଡ଼ିଛି। ୨୦୨୫ ଅଗଷ୍ଟ ୯ତାରିଖରେ ବଡବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ ସାହିରେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବ ଶଙ୍କର ମାଝୀଙ୍କୁ ହତ୍ୟା ହୋଇଥିଲା। ବକେୟା ଟଙ୍କା ବିବାଦକୁ ନେଇ ତାଙ୍କୁ ଶିବଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିପାରିଥିଲା। ହରିଡ଼ାଖଣ୍ଡି ଗୌଡ଼ ସାହି ନିବାସୀ ଗୌର ବେହେରା ଓରଫ ଗୌରା ମିସ୍ତ୍ରୀ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ହତ୍ୟା କରିଥିବା ପୁଲିସ ତଦନ୍ତରେ ଜଣାପଡିଥିଲା। ଘଟଣାକୁ ଇତି ମଧ୍ୟରେ ପ୍ରାୟ ୧୦ମାସ ବିତି ଯାଇଥିଲେ ହେଁ ଏଯାବତ ପୁଲିସ ଅଭିଯୁକ୍ତ ଗୌରଙ୍କୁ ଧରିବାରେ ବିଫଳ ରହିଛି।

## ୧୪ ମାସ ଧରି ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଛାତ୍ରଙ୍କୁ ବକେୟା ପ୍ରଦାନ ଦାବି



ବ୍ରହ୍ମପୁର, ୬।୭ (ସମିସ): ହିତାଧିକାରୀଙ୍କୁ ସେମାନଙ୍କ ଭତ୍ତା ରାଶି ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି। ବିଧବା ହୁଅନ୍ତୁ ଅଥବା ବରିଷ୍ଠ ନାଗରିକ ଏପରିକି ଭିନ୍ନକ୍ଷମ ହିତାଧିକାରୀ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି। ଏଭଳି ପରିସ୍ଥିତିରେ ଗଞ୍ଜାମର ସୋରଡା ବ୍ଲକ ବାହାଡାପଦରର ମୂକ ଓ ବଧିର ଭିନ୍ନକ୍ଷମ ଛାତ୍ର ମଣ୍ଟୁ ମଲ୍ଲିକ ବିଗତ ୧୪ ମାସ ଧରି ଭତ୍ତା ପାଇ ନଥିବା ଅଭିଯୋଗ ହୋଇଛି। ଯଦ୍ୱାରା ସେ ଆର୍ଥିକ ଅନାଟନ ସହିତ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଏନେଇ କଂଗ୍ରେସ ନେତା ତଥା ସୋରଡାର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ସଂଗ୍ରାମ କେଶରୀ ମହାନ୍ତି ଚିଠି ଲେଖି ସୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ସମସ୍ୟାର ସମାଧାନ କରି ଭିନ୍ନକ୍ଷମ ତଥା ଯୋଗ୍ୟ ହିତାଧିକାରୀ ଛାତ୍ର ମଣ୍ଟୁଙ୍କୁ ତାଙ୍କର ୧୪ମାସର ବକେୟା ଭତ୍ତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି।

### ନିୟମିତ ବ୍ରହ୍ମପୁର-ଉଧନା ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ

## ଗଞ୍ଜାମ ପାଇଁ ସମୃଦ୍ଧିର ନୂଆ ରାସ୍ତା ଖୋଲୁଛି: ମୁଖ୍ୟମନ୍ତ୍ରୀ

### "ଦିଲ ମାଙ୍ଗେ ମୋର", ଗଞ୍ଜାମବାସୀଙ୍କ ସ୍ୱପ୍ନ ସାକାର ହେବ: ରେଳମନ୍ତ୍ରୀ

ବ୍ରହ୍ମପୁର,୬।୭(ସମିସ)





ବ୍ରହ୍ମପୁର-ଉଧନା ନିୟମିତ ବନ୍ଦେ ଭାରତ ଏକ୍ସପ୍ରେସ ଗଡ଼ିଛି। ଏହା ଗୁଜରାଟ ବା ସୁରଥ ସହିତ ଓଡ଼ିଶା ଓ ଗଞ୍ଜାମର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କକୁ ମଜବୂତ କରିବ। ଗଞ୍ଜାମରୁ ବିକାଶ ଯାତ୍ରାକୁ ଆଗକୁ ନେବ। ଗଞ୍ଜାମ ପାଇଁ ସମୃଦ୍ଧିର ନୂଆ ରାସ୍ତା

- ଗୋପାଳପୁର ବନ୍ଦରରେ ଉତ୍ପାଦିତ ହେବ ମିଥାଇଲ
- ନୂତନ ନିଯୁକ୍ତିର ସୁଯୋଗ ଦେବ ସୁନାପୁର ବନ୍ଦର
- ଏମ୍‌କେସିଜି ହେବ ବିଶ୍ୱସ୍ତରୀୟ, ନବକଳେବର ହେବ ବ୍ରହ୍ମପୁର ସହର
- ୬ ଲେନ୍ ହେବ ବ୍ରହ୍ମପୁର-ଜୟପୁର ରାସ୍ତା

ଖୋଲିବ ବୋଲି ଏହି ଟ୍ରେନ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନର ବିକାଶ ପାଇଁ ୩୦୦କୋଟି ଖର୍ଚ୍ଚ ହେବ। ଏହାକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଗଣିତ କରାଯିବ। ଜାପାନ୍‌ର କମ୍ପାନୀ ସହ ମିଥାଇଲ ଉତ୍ପାଦନ ଶିଳ୍ପ ଲାଗି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏଥିଦ୍ୱାରା ଓଡ଼ିଶାକୁ ୬୭ହଜାର କୋଟି ଟଙ୍କାର ନିବେଶ ଆସିବ। ୭୬୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ପାରାଦୀପ ଓ ଗୋପାଳପୁର ବନ୍ଦରରେ ସ୍ଥାପିତ ହେବ।

ଏଥିସହ ଗୋପାଳପୁର ବନ୍ଦର ସମ୍ପ୍ରସାରିତ ହେବ। ବାହୁଦାଠାରେ ୨୧ହଜାର ୫୦୦କୋଟି ବିନିଯୋଗରେ ନୂତନ ବନ୍ଦର ହେବ। ଏଥିପାଇଁ ସରକାର ସହରକୁ ନବେକଳବର କରିବାକୁ ଯୋଜନା କରିଛନ୍ତି। ୮ହଜାର କୋଟି ବିନିଯୋଗରେ ବ୍ରହ୍ମପୁର-ଜୟପୁର ରାସ୍ତା ୬ଲେନ୍ ବିଶିଷ୍ଟ ହେବ। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବାକୁ ସରକାର ପ୍ରାଧାନ୍ୟ ଦେଇଛନ୍ତି। ସେହିଭଳି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି ଟ୍ରେନ୍‌ର ଶୁଭାରମ୍ଭ କରି କହିଛନ୍ତି ଯେ, 'ଦିଲ ମାଙ୍ଗେ ମୋର'। ବ୍ରହ୍ମପୁର ଷ୍ଟେସନର ମଧ୍ୟ ରୂପରେଖ ପରିବର୍ତ୍ତନ ହେବ। ପୁରୀ ଭଳି ବ୍ରହ୍ମପୁର ଷ୍ଟେସନ ନୂଆ ରୂପରେ ଝଲସିବ। ଅତିଶୀଘ୍ର ୯୭କୋଟି ଟଙ୍କା ଏଠାରେ ବିନିଯୋଗ ହେବ। ଅଟଳ ଜୀଙ୍କ ଭଳି ମୋଦିଙ୍କ ନେତୃତ୍ୱରେ ରେଳ ଲାଇନ୍ ବି ୪ଲେନ୍ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ରେଳମନ୍ତ୍ରୀ କହିଥିଲେ। ପ୍ରାୟ ୩୦୦ କୋଟି ବ୍ୟୟରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ବ୍ରହ୍ମପୁର ରେଳ ଷ୍ଟେସନକୁ ଏକ ବିଶ୍ୱସ୍ତରୀୟ ଷ୍ଟେସନ ଭାବରେ ବିକଶିତ କରାଯିବ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଖଣି, ଇସ୍ପାତ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅତିଥିଭାବେ ଯୋଗଦାନ କରି ରେଳକ୍ଷେତ୍ରରେ ଗଞ୍ଜାମବାସୀ ଆବଶ୍ୟକ କରୁଥିବା ବିଭିନ୍ନ ଦାବି ସମ୍ପର୍କରେ ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତଟ ରେଳପଥ ମହା ପ୍ରବନ୍ଧକ ପରମେଶ୍ୱର ପଙ୍କୱାରଙ୍କ ସମେତ ରେଳ ବିଭାଗ ଓ ସରକାରଙ୍କ ବହୁ ଅଧିକାରୀ ଓ ବିଧାୟକଗଣ ଉପସ୍ଥିତ ଥିଲେ।

## କଳିଙ୍ଗ ସାହିତ୍ୟ ସମାଜର ଜୁଲାଇ ଆସର

ବ୍ରହ୍ମପୁର,୬।୭(ସମିସ): ଉତ୍କଳ ଆଶ୍ରମ ସଭାଗୃହରେ କଳିଙ୍ଗ ସାହିତ୍ୟ ସମାଜର ଜୁଲାଇର ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ଅତିଥି ମଧ୍ୟକାଳୀନ କାବ୍ୟ ସାହିତ୍ୟ ଓ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ଓ ବର୍ଷୀୟାନ୍ ସ୍ତମ୍ଭକାର ଡ. ପ୍ରଫୁଲ୍ଲ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ଭାବ ଓ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ଆମନ୍ତ୍ରିତ କବି ଅନୁପ ମିଶ୍ର 'ଆଧୁନିକ ଓଡ଼ିଆ କବିତାର କଥା ଓ ଲଥା' ଶୀର୍ଷକ ପ୍ରସଙ୍ଗ ଉତ୍ଥାପନ ପୂର୍ବକ କବିତା ସର୍ଜନାର ସ୍ନିଗ୍ଧ ଲଳିତ ଅନୁଭବ ଓ ଭାଷିକ ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ। ନବାଗତ ସ୍ରଷ୍ଟାମାନଙ୍କୁ ମାର୍ଗଦର୍ଶନ ଓ ଗୁଣାଦକ ସାହିତ୍ୟ ସୃଷ୍ଟି କଳିଙ୍ଗ ସାହିତ୍ୟ ସମାଜର ଅଭିପ୍ରାୟ ବୋଲି କୁହାଯାଇଥିଲା। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ




ଅନୁଷ୍ଠିତ ଆସରରେ ସ୍ୱର୍ଣ୍ଣମୟୀ ପାଢ଼ୀ, ନୀଳକଣ୍ଠ ସାହୁ, ଶରତ କୁମାର ଦାସ, ସୁଚେତା ପାଣିଗ୍ରାହୀ, ହରେକୃଷ୍ଣ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଦେବୀ, ଅରୁଣ କୁମାର ପାତ୍ର, ସନ୍ଧ୍ୟାରାଣୀ ଦେବୀ, ବଂଶୀଧର ସେଠୀ, ନୂର୍ ସାହିକ୍, ଡ. ସୁବ୍ରତ ସାହୁ ଓ ଡ. ହୃଷୀକେଶ ପଣ୍ଡା ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ସଭାପତି ଡ. ବନମାଳୀ ପାଣିଗ୍ରାହୀ ପଠିତ ଗଳ୍ପ ଓ କବିତାର ସମୀକ୍ଷା କରି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀ କାନ୍ତ ଗୌଡ଼ ଆସର ପରିଚାଳନାରେ ସହଯୋଗ କରିଥିଲେ।



## ଜାତୀୟ ସ୍ତର ସ୍କେଟିଂ ପ୍ରତିଯୋଗିତାରେ ଚମକିଲେ ବ୍ରହ୍ମପୁର ଦିବ୍ୟାଂଶୁ

ବ୍ରହ୍ମପୁର,୬।୭(ସମିସ)

ରୋଲର୍ ସ୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଆନ୍ଧ୍ରପ୍ରଦେଶରେ ଚଳିତ ମାସ ୩ତାରିଖ ଠାରୁ ତିନିଦିନିଆ ଜାତୀୟ ସ୍ତରରୀୟ ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର କୋଣ ଅନୁକୋଣରୁ ବହୁ ପ୍ରତିଯୋଗି ଭାଗ ନେଇଥିବା ବେଳେ ଏଥିରେ ବ୍ରହ୍ମପୁର ଦିବ୍ୟାଂଶୁ ଜେନା ଭାଗ ନେଇଥିଲେ। ଦିବ୍ୟାଂଶୁ ୧୦ରୁ ୧୨ ବର୍ଷ ବର୍ଗ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିବା ଜଣାପଡ଼ିଛି। ସେ ସହରର ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢୁ ଥିବା ବେଳେ ସ୍ପୋର୍ଟସ ଏରିନାରେ ପ୍ରଶିକ୍ଷକ ତଥା ପିତା ବିଭୂତି ଭୂଷଣ ଜେନାଙ୍କ ଠାରୁ ପ୍ରଶିକ୍ଷଣ ହେଉଛନ୍ତି। ଦିବ୍ୟାଂଶୁଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଜିଲ୍ଲାସ୍ତରୀୟ ଜନଶୁଣାଣିରେ ୧୧୩ ପଞ୍ଜିକୃତ

ବ୍ରହ୍ମପୁର,୬।୭(ସମିସ): ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଏବଂ ସିଡ଼ିଓ ଗଞ୍ଜାମ ସମୀର ଜେନା ଉପସ୍ଥିତ ରହି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଖାଉଟି କାର୍ଡ, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ, ଜମିଜମା, ସାମୁହିକ ଉନ୍ନୟନ ଏବଂ ବ୍ୟକ୍ତିଗତ ସହାୟତା ସମ୍ବନ୍ଧୀୟ ଅଭିଯୋଗ ନେଇ ବିଭିନ୍ନ ବ୍ଲକର ବ୍ୟକ୍ତିମାନେ ଯୋଗଦେଇଥିଲେ। ସୁଭଦ୍ରା ହେଲ୍ପ ଡେସ୍କ ମାଧ୍ୟମରେ ସୁଭଦ୍ରା ଯୋଜନା ସମ୍ବନ୍ଧିତ ସହାୟତାର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାସ୍ତରୀୟ ଜନଶୁଣାଣିରେ ସମୁଦାୟ ୧୧୩ଟି ଦରଖାସ୍ତ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୯୦ଟି ବ୍ୟକ୍ତିଗତ ଆବେଦନ, ୯ଟି ଗ୍ରାମ୍ୟ ସମସ୍ୟା ଥିବା ବେଳେ ୩ଟି ଦରଖାସ୍ତର ତତ୍କାଳ ସମାଧାନ ହୋଇଥିଲା। ମୋଟ ୧୧ଜଣଙ୍କୁ ୭୦ହଜାର ଟଙ୍କାର ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗ ଶୁଣି ଏହାର ତ୍ୱରିତ୍ ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ମୋବାଇଲ ଟାୱାର ହେଉନି ରକ୍ଷଣାବେକ୍ଷଣ

## ଲତାବୁଦାରେ ପରିପୂର୍ଣ୍ଣ ଟାୱାର; ନଷ୍ଟ ହେଉଛି ଯନ୍ତ୍ରାଂଶ

ବ୍ରହ୍ମପୁର,୬।୭(ସମିସ)

ବର୍ତ୍ତମାନ ସମୟରେ ବ୍ୟାଙ୍କିଂ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସରକାରୀ ସେବା, ବ୍ୟବସାୟ ଓ ଦୈନନ୍ଦିନ ଯୋଗାଯୋଗ ସମେତ ପ୍ରାୟ ସମସ୍ତ କ୍ଷେତ୍ରରେ ଇଣ୍ଟରନେଟର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ସମସ୍ତ ସେବା ସୁଚାରୁରୂପେ ଚାଲିବା ପାଇଁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ମୋବାଇଲ ଟାୱାର ଉପରେ ହଜାର ହଜାର ଗ୍ରାହକ ନିର୍ଭରଶୀଳ ରହିଛନ୍ତି। କିନ୍ତୁ ସହରର ବିଭିନ୍ନ ସ୍ଥାନରେ ଥିବା ମୋବାଇଲ ଟାୱାରଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ହେଉନଥିବାରୁ ଅନେକ ସମସ୍ୟା ଦେଖାଦେଇଛି। ବହୁ ଟାୱାର ପରିସର ଲତାବୁଦାରେ ଭରି ରହିଥିବା ବେଳେ, ଅନେକ ସ୍ଥାନରେ ଯନ୍ତ୍ରାଂଶ ମଧ୍ୟ ଅବହେଳାରେ ପଡ଼ି ରହିଛି। ଫଳରେ ବିଭିନ୍ନ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇ ମୋବାଇଲ ନେଟୱର୍କ ସେବା ବାରମ୍ବାର ପ୍ରଭାବିତ ହେଉଥିବା ଅଭିଯୋଗ ଆସୁଛି। ପାଣିଗ୍ରାହୀ ପେଣ୍ଠ ଅଞ୍ଚଳରେ ଥିବା କାଳୀ ମନ୍ଦିର ନିକଟରେ ୨ଟି ଟାୱାର ରହିଛି। ଦୀର୍ଘ ମାସ ହେବ ଟାୱାର ପରିସରରେ ଅନିୟନ୍ତ୍ରିତ ଭାବେ ଲତାବୁଦା ବଢ଼ିଯାଇଥିବାରୁ ସାପ ଓ ଅନ୍ୟାନ୍ୟ ବିଷାକ୍ତ ପ୍ରାଣୀଙ୍କ ଉପଦ୍ରବ ବଢୁଛି। ଏହା ସହ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ନ ହେବାରୁ ଟାୱାରର ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହେବାର ଆଶଙ୍କା ରହିଛି।

### ଜିଲ୍ଲାରେ ପ୍ରାୟ ୯୬ ଗ୍ରାମରେ ନାହିଁ ମୋବାଇକଲ ସେବା

ଯାନ୍ତ୍ରିକ ତ୍ରୁଟି କିମ୍ବା ବିଦ୍ୟୁତ ସମସ୍ୟା ଦେଖାଦେଲେ ଘଣ୍ଟା ଘଣ୍ଟା ଧରି ନେଟୱର୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ କଲ୍, ଇଣ୍ଟରନେଟ ଓ ଅନଲାଇନ ସେବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ କରିଛନ୍ତି। ସେହିପରି ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନଲାଇନ କାର୍ଯ୍ୟ ଉପରେ ନିର୍ଭରଶୀଳ ଲୋକମାନେ ଏହା ଦ୍ୱାରା ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିୟମିତ ଭାବେ ଟାୱାରର ସଫେଇ, ଲତାବୁଦା ସଫା କରିବା, ଯନ୍ତ୍ରାଂଶର ଯାଞ୍ଚ ଓ ଆବଶ୍ୟକ ମରାମତି କାର୍ଯ୍ୟ କରି ଗ୍ରାହକଙ୍କୁ ନିରବଚ୍ଛିନ୍ନ ମୋବାଇଲ ସେବା ଯୋଗାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ବିଧାନସଭା ତଥ୍ୟ ମୁତାବକ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଶତକଡ଼ା ୯୭ଗ୍ରାମ ଅର୍ଥାତ୍ ୩ହଜାର



୧୦୯ଟି ଗ୍ରାମରେ ୫ଜି, ୪ଜି, ୩ଜି ଓ ୨ଜି ମୋବାଇଲ ସେବା ରହିଥିବା ଜଣାପଡ଼ିଛି। କିନ୍ତୁ ଏବେ ବି ଜିଲ୍ଲାର ପ୍ରାୟ ୯୬ଟି ଗ୍ରାମରେ ମୋବାଇଲ ସେବା ନଥିବା ଜଣାପଡ଼ିଛି। ଫଳରେ ଉକ୍ତ ଗ୍ରାମରେ ବସବାସ କରୁଥିବା ବ୍ୟକ୍ତି ଇଣ୍ଟରନେଟ ବ୍ୟବହାର କରିବାରେ ବଞ୍ଚିତ ରହିଥିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରୁଛନ୍ତି।

ତେଣୁ ନିରବଚ୍ଛିନ୍ନ ମୋବାଇଲ ନେଟୱର୍କ ଓ ଇଣ୍ଟରନେଟ ସେବା ଯୋଗାଇବା ପାଇଁ ଏହି ଟାୱାରଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ, ସଫେଇ, ଯନ୍ତ୍ରାଂଶର ଯାଞ୍ଚ ଓ ଆବଶ୍ୟକ ମରାମତି କରିବା ଅତ୍ୟନ୍ତ ଜରୁରୀ ରହିଛି। ଏଥିରେ ଅବହେଳା କରୁଥିବା ନେଟୱର୍କ ସେବା ସଂସ୍ଥା ଗୁଡ଼ିକ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଗ୍ରାହକଙ୍କୁ ନିରବଚ୍ଛିନ୍ନ ମୋବାଇଲ ସେବା ଯୋଗାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା
ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

ସକାଳ
THE SAKALA

## ପ୍ରଦୂଷଣ ବନାମ ପରିବେଗ

ସାମ୍ପ୍ରତି ଭାରତରେ ଇ-୨୦ ଇନ୍ଧନ ବିତର୍କ ଓ ବିରୋଧାଭାସ ସୃଷ୍ଟି କରିଛି। ଇ-୨୦ ପେଟ୍ରୋଲ୍(୧ ଲିଟରରେ ୮୦ ଭାଗ ବା ୮୦୦ ମିଲିଲିଟର ପେଟ୍ରୋଲ୍ ଓ ୨୦ ଭାଗ ବା ୨୦୦ ମିଲିଲିଟର ଇଥାନଲ୍) ଉତ୍ପାଦନ ଓ ବିକ୍ରି ଉଦ୍ୟମର ସଫଳତା ପରେ ଇ-୧୫ ଡିଜେଲ୍(୧ ଲିଟରରେ ୮୫ ଭାଗ ଡିଜେଲ୍ ଓ ୧୫ ଭାଗ ଇଥାନଲ୍) ଉତ୍ପାଦନ ଓ ବିକ୍ରି ପାଇଁ ସରକାର ସଜବାଜ ହେଉଛନ୍ତି। ଇ-ଇନ୍ଧନ ବା ଇଥାନଲ୍ ଯୁକ୍ତ ଇନ୍ଧନ ବ୍ୟବହାର ପ୍ରକୃତି ଓ ପରିବେଶ ପାଇଁ ହିତକର ହେବା ସହିତ ମୋଟରଯାନର ଯାନ୍ତ୍ରିକ ଆୟୁବର୍ଦ୍ଧକ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏହାଦ୍ୱାରା ମାଇଲେଜ୍ ବା ପରିବେଗ ମନ୍ଥର ହେଉଛି ବୋଲି ବ୍ୟବହାରକାରୀ ଅଭିଯୋଗ କରୁଛନ୍ତି।

ଏହା ନିଃସନ୍ଦେହ ଯେ ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ବିଷାକ୍ତ ଉପାଦାନରେ ମୋଟରଯାନରୁ ନିର୍ଗତ ଧୂଆଁ ବା ଇନ୍ଧନ ଦହନ ଜନିତ ବର୍ଜ୍ୟ ବା ପ୍ରଦୂଷଣ ସର୍ବାଧିକ। ଏବେ ଆମେ ଏଭଳି ଏକ ଜଗତ ଓ ସମୟରେ ପହଞ୍ଚିସାରିଛୁ ଯେ ପରିବେଶ ସୁରକ୍ଷା ପାଇଁ ଗାଡ଼ିମୋଟର ସଂଖ୍ୟା ହ୍ରାସ କରିବା ପ୍ରାୟତଃ ଅସମ୍ଭବ। ତେଣୁ ଇନ୍ଧନରୁ ନିର୍ଗତ ବିଷାକ୍ତ ବାଷ୍ପକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ସେଥିରେ ଇଥାନଲ୍ ମିଶ୍ରଣ ସପକ୍ଷରେ ମତ ପ୍ରକାଶ ପାଉଛି। ଦୀର୍ଘବର୍ଷ ଧରି ଏ ଦିଗରେ ପରୀକ୍ଷା ନିରୀକ୍ଷା ପରେ ଏବେ ଏହାର ପରୀକ୍ଷାମୂଳକ ପ୍ରୟୋଗ ହୋଇ ସଫଳ ହୋଇଥିବା ଦାବି କରାଯାଉଛି। କିନ୍ତୁ ସତରେ କ'ଣ ଇ-ଇନ୍ଧନ ବ୍ୟବହାର ପରିବେଶ ପାଇଁ ହିତକର ଏବଂ ଆର୍ଥିକ ଦୃଷ୍ଟିରୁ ମିତବ୍ୟୟୀ? ଏହି ପ୍ରସଙ୍ଗରେ ପୁଣି ଏକ ନୂଆ ବିତର୍କ ଆରମ୍ଭ ହୋଇଛି।

ଇଥାନଲ୍ ମୁଖ୍ୟତଃ ଶ୍ୱେତସାରଯୁକ୍ତ ଶସ୍ୟ ଯଥା ଚାଉଳ, ମକା, ଆଖୁ, ସୋୟାବିନ୍ ଆଦିରୁ ପ୍ରସ୍ତୁତ ହେଉଛି। ଏ ସବୁ ଶସ୍ୟ ଜଳବହୁଳ ନିର୍ଭରଶୀଳ। ତେଣୁ ସରକାର ଏ ସବୁ ଶସ୍ୟ ମଧ୍ୟରୁ ତୁଳନାତ୍ମକ ଭାବେ କମ୍ ଜଳ ଆବଶ୍ୟକ କରୁଥିବା ଧାନ ବା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ଅଧିକରୁ ଅଧିକ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଏହା ପଛରେ କିନ୍ତୁ ସରକାରଙ୍କର ଯେଉଁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରହିଛି ରହିଛି ତାହା ସାମ୍ନାକୁ ଆସୁନାହିଁ। ଦେଶର ଇନ୍ଧନ ଚାହିଦା ପୂରଣ ପାଇଁ ଆବଶ୍ୟକ ଇଥାନଲ୍ ଉତ୍ପାଦନରେ ଆମ ଦେଶର ଚାଉଳ କେତେ ସକ୍ଷମ ଏବଂ ଏହା ଅର୍ଥନୀତି ପ୍ରତି କିଭଳି ଅନୁକୂଳ ତାହା ଦେଖାଯାଉ।

ଭାରତ ଏବେ ବିଶ୍ୱର ସର୍ବବୃହତ୍ ଧାନ ଉତ୍ପାଦନକାରୀ ଓ ରପ୍ତାନୀକାରୀ ରାଷ୍ଟ୍ର। ୨୦୨୫-୨୬ କୃଷି ବର୍ଷରେ ଭାରତ ମୋଟ ୧୫୪ ନିୟୁତ ଟନ୍ ଧାନ ଉତ୍ପାଦନ କରିଥିବା ବେଳେ ୨୪.୫ ନିୟୁତ ଟନ୍ ବା ବିଶ୍ୱ ଚାଉଳ ବାଣିଜ୍ୟର ୪୦% ଚାଉଳ ରପ୍ତାନୀ କରିଛି। ଏଥିସହିତ ଖାଦ୍ୟ ନିରାପତ୍ତା ଯୋଜନାରେ ଦେଶର ୮୦ କୋଟି ପରିବାରକୁ ମାସିକ ବ୍ୟକ୍ତି ପିଛା ୫ କେଜି ଲେଖାଏଁ ଚାଉଳ ମାଗଣାରେ ବଣ୍ଟାଯାଉଛି। ମୋଟ ଚାଉଳ ଉତ୍ପାଦନର ଏହା ଦୁଇ-ତୃତୀୟାଂଶ। ଏହାସତ୍ତ୍ୱେ ଭାରତୀୟ ଖାଦ୍ୟ ନିଗମର ଭଣ୍ଡାରରେ ବିପୁଳ ପରିମାଣର ଚାଉଳ ପଡ଼ି ରହିଛି। ଗତ ଏପ୍ରିଲ ୧ ତାରିଖ ସୁଦ୍ଧା ନିଗମ ପାଖରେ ବଫର ଷ୍ଟକ୍(ନିର୍ଦ୍ଧାରିତ ସର୍ବାଧିକ ପରିମାଣ)ଠାରୁ ପାଞ୍ଚଗୁଣ ଅଧିକ ଚାଉଳ ଗଚ୍ଛିତ ରହିଛି। ଏହାର ଭଣ୍ଡାରଣ ଓ ରକ୍ଷାବେକ୍ଷଣ ପାଇଁ ନିଗମକୁ ଅତିରିକ୍ତ ୧୦, ୭୧୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଏହି ବଳକା ଚାଉଳକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରି ଗୋଟିଏ ଗୁଳିରେ ଦୁଇଟି ଶିକାର କରିବାକୁ ସରକାର ଯୋଜନା କରିଛନ୍ତି। ଗୋଟିଏପକ୍ଷରେ ଅତିରିକ୍ତ ଭଣ୍ଡାରଣର ଖର୍ଚ୍ଚ କମିବ ଏବଂ ଅପରପକ୍ଷରେ ସରକାରଙ୍କ ଶୁଭଦୃଷ୍ଟିରେ ଥିବା ଶିଳ୍ପପତିମାନଙ୍କ ବ୍ୟବସାୟ ବଢ଼ିବ। ଏ ପର୍ଯ୍ୟନ୍ତ ଇଥାନଲ୍ ଉତ୍ପାଦନ କେବଳ ଘରୋଇ ଶିଳ୍ପାନୁଷ୍ଠାନ ଅଧୀନରେ ରହିଥିବାରୁ ଏଥିରେ କାହାର ଫାଇଦା ହେବ ତାହା ବୁଝାଇ କହିବା ଅନାବଶ୍ୟକ।

ଇ-ଇନ୍ଧନ ପରିବେଶ-ଅନୁକୂଳ ବୋଲି ସରକାର ଯୁକ୍ତି କରୁଥିବା ବେଳେ ଏଥିପାଇଁ ସରକାରୀ ରାଜକୋଷ କେତେ କ୍ଷତି ମୁଣ୍ଡାଇବ ତା'ଉପରେ ଥରେ ଦୃଷ୍ଟି ପକାଯାଉ। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ରେ ସରକାର ଧାନ କିଣିବାର ଏକ ଅଲିଖିତ ବାଧ୍ୟବାଧକତା ରହିଆସିଛି। ଏଥିସହିତ ଭୋଟ ରାଜନୀତି ଜଡ଼ିତ ଥିବାରୁ ଧାନ କିଣା ଜଞ୍ଜାଳରୁ କୌଣସି ସରକାର ବର୍ତ୍ତି ପାରିବେ ନାହିଁ। ଅଧିକନ୍ତୁ ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ପଞ୍ଜାବ, ହରିଆଣା ଆଦି କେତେକ ରାଜ୍ୟ ଏମ୍ଏସ୍ପି ବାଦ୍ କ୍ୱିଣ୍ଟାଲ୍ ପିଛା ପ୍ରାୟ ୨୦ ରୁ ୪୦ ପ୍ରତିଶତ ଯାଏଁ ବୋନସ୍ ପ୍ରଦାନ କରିଆସୁଛନ୍ତି। ଏହାବାଦ୍ ମୁକ୍ତ ବା ରିହାତିଯୁକ୍ତ ବିଜୁଳି ଶକ୍ତି, ସର୍ବାଧିକ ବ୍ୟବହୃତ ୟୁରିଆ ଖର୍ଚ୍ଚର ୯୦% ସରକାର ବହନ କରୁଛନ୍ତି। ଦେଶରେ ସର୍ବାଧିକ ଧାନ ଚାଷ ହେଉଥିବା ପଞ୍ଜାବରେ ୨୦୨୩-୨୪ରେ ହୋଇଥିବା ଏକ ଆକଳନ ଅନୁଯାୟୀ ୧ ହେକ୍ଟର ଧାନଚାଷ ପାଇଁ ବିଜୁଳି, ଜଳସେଚନ, ସାର ଆଦିକୁ ମିଶାଇ ହାରାହାରି ୪୦ ହଜାର ଟଙ୍କା ସରକାର ପରୋକ୍ଷରେ ବହନ କରୁଛନ୍ତି।

ଏ ସବୁକୁ ମିଶାଇଲେ ମିଲରଙ୍କ ଜରିଆରେ ଚାଷୀଙ୍କଠାରୁ ୧ କେଜି ଚାଉଳ ସଂଗ୍ରହ ବା କିଣିବା ପାଇଁ ନିଗମ ୪୪ ଟଙ୍କା ଖର୍ଚ୍ଚ କରୁଛି; ଅଥଚ ଇଥାନଲ୍ ପ୍ଲାଣ୍ଟକୁ କେଜି ପିଛା ୨୩ ଟଙ୍କାରେ ଚାଉଳ ବିକ୍ରି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମର ୫ ନିୟୁତ ଟନ୍ ଚାଉଳ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର ହୋଇଥିଲା। ଏଣୁ କେଜି ପିଛା ୨୧ ଟଙ୍କା କ୍ଷତିରେ ୧ ଲିଟର ଇଥାନଲ୍ ଉତ୍ପାଦନ ପାଇଁ ୩ କେଜି ଚାଉଳ ବ୍ୟବହାର କଲେ ଲାଭ କାହାର? ପୁଣି ଗୋଟିଏ କେଜି ଚାଉଳ ଉତ୍ପାଦନ ପାଇଁ ହାରାହାରି ୪ ହଜାର ଲିଟର ଜଳ ଆବଶ୍ୟକ। ହେକ୍ଟର ପିଛା ଆବଶ୍ୟକ ୨୫୦ କେଜି ରାସାୟନିକ ସାରରୁ ୫ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ବାୟୁ ଓ ଭୂତଳ ଜଳକୁ ପ୍ରଦୂଷିତ କରୁଛି। ୧ ହେକ୍ଟର ପିଛା ଧାନ କ୍ଷେତ ୫ ଟନ୍ ଅଙ୍ଗାରକାମ୍ଳ ଓ ଏହାର ୨୫ ଗୁଣ ମିଥେନ୍ ଗ୍ୟାସ୍ ନିର୍ଗମନ କରେ। ଏଣୁ ଇ-ଇନ୍ଧନ ପରିବେଶ ଓ ଆର୍ଥିକ ଅନୁକୂଳ ହେବ କେମିତି?

ଏକପକ୍ଷରେ ଇଥାନଲ୍ ଦ୍ୱାରା ପ୍ରତ୍ୟକ୍ଷ ପରିବେଗ ହ୍ରାସ ପାଉଥିବା ବେଳେ ପରୋକ୍ଷରେ ପ୍ରଦୂଷଣ ମଧ୍ୟ ବଢୁଛି। ଭାରତରେ ଇ-ଇନ୍ଧନ ପରୀକ୍ଷଣ ସ୍ତରରେ ରହିଥିବା ସତ୍ତ୍ୱେ ଏହାକୁ ବିଧିବଦ୍ଧ ଅନୁମୋଦନ କରିବା କେତେଦୂର ଯଥାର୍ଥ ତାହା ସୁଧୀ ପାଠକ ଚିନ୍ତା କରିବେ।

## ଚାଷ ତରତର ବଣିଜ ମଠ

**ବିଦ୍ୟାଧର ମହାରଣା**



ଚାଷ ତରତର, ବଣିଜ ମଠ। ଓଡ଼ିଆ କୃଷି ସଂସ୍କୃତିର ଏହି ଲୋକପ୍ରିୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରବାଦର ଅର୍ଥ ହେଉଛି ଚାଷ କାମ ସବୁବେଳେ ସମୟାନୁସାରେ ଓ ତତ୍ପରତାର ସହିତ କରିବା ଆବଶ୍ୟକ। ଅପରପକ୍ଷରେ ବ୍ୟବସାୟ କରିବା ବେଳେ ଧୈର୍ଯ୍ୟ, ବିଚାର ଓ ସତର୍କତା ଦରକାର। ଏହା ସମୟ ପରିଚାଳନା ଓ ସଠିକ ନିଷ୍ପତ୍ତିର ଗୁରୁତ୍ୱକୁ ଦର୍ଶାଏ, ଯାହା ଚାଷୀ ଓ ବ୍ୟବସାୟୀଙ୍କୁ ସଫଳତା ପ୍ରଦାନ କରିଥାଏ।

ଚାଷ କାର୍ଯ୍ୟ ପ୍ରକୃତି ଉପରେ ନିର୍ଭରଶୀଳ। ପାଗଯୋଗ ଠିକ୍ ନରହିଲେ ଫସଲର ଅଭିବୃଦ୍ଧି ଅନୁକୂଳ ହୋଇନଥାଏ। ପ୍ରତ୍ୟେକ ଫସଲର କେତେକ ନିର୍ଦ୍ଦିଷ୍ଟ ଅବସ୍ଥା ଥାଏ। ଯେପରିକି ଶସ୍ୟରେ ଅଙ୍କୁରୋଦଗମ, ତଳିରୁଆ, ପିଲ, ଗର୍ଭ ସଞ୍ଚାର, ଫୁଲ, ଦାନା ଗଠନ ଓ ଅମଳ ଇତ୍ୟାଦି। ଡାଲି ଓ ତୈଳବୀଜ ଫସଲରେ ବୁଣା, ବୀଜପତ୍ର, ଅଙ୍ଗୀୟ ବୃଦ୍ଧି, ପ୍ରଜନନ ଓ ଅମଳ ସ୍ଥିତି ଆଦି ଥାଏ। ପ୍ରତି ଅବସ୍ଥା ନିର୍ଦ୍ଦିଷ୍ଟ ଦିନରେ ସମାପନ ହୁଏ। ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣର ଜଳ, ଉତ୍ତାପ ଓ ଆର୍ଦ୍ରତା ଆବଶ୍ୟକ ହୁଏ। ସୁତରାଂ ଚାଷୀମାନେ ଅବହେଳା ନକରି ତରତର ହୋଇ କୃଷି କର୍ମ ସମ୍ପାଦନା କରିବା ଆବଶ୍ୟକ। ଫଳରେ ଫସଲରେ ରୋଗପୋକ ଆକ୍ରମଣ କମିଥାଏ ଏବଂ ଅମଳ ବୃଦ୍ଧିପାଏ। ଏହାଛଡ଼ା କୃଷି ନିମନ୍ତେ ଜମି ପ୍ରସ୍ତୁତି, ବିହନ ବୁଣା, ରୁଆ, ଘାସ ବଛା, ସାର ଓ ଔଷଧ ପ୍ରୟୋଗ ଓ ଅମଳ ସମୟରେ ବ୍ୟତିକ୍ରମ ହେଲେ ଚାଷୀ କ୍ଷତିସହିବା ନିଶ୍ଚିତ।

ଅପରପକ୍ଷରେ ବ୍ୟବସାୟ ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ଏଥିରେ ଅଧିକ ଅର୍ଥ ଲଗାଣ ଓ ବିଭିନ୍ନ ଅଂଶୀଦାର ଆବଶ୍ୟକ ହୋଇଥାଏ। ବ୍ୟବସାୟରେ କ୍ଷତିର ଆଶଙ୍କା ଅଧିକ ଥିବାରୁ ପ୍ରତି ପଦକ୍ଷେପକୁ ଭାବିଚିନ୍ତି ପରିଚାଳନା କରିବାକୁ ହୁଏ। ବ୍ୟବସାୟ ବା ବଣିଜ କରିବା ସମୟରେ ବଜାର ଦର, ଗ୍ରାହକଙ୍କ ଚାହିଦା, ଲାଭ-କ୍ଷତି ଆଦି ବିଷୟରେ ଚିନ୍ତା କରି ଧୀରେ ସୁସ୍ଥେ ପଦକ୍ଷେପ ନେବା ଉଚିତ। ତରବରିଆ ନିଷ୍ପତ୍ତି ବ୍ୟବସାୟରେ କ୍ଷତି ଘଟାଇପାରେ। ବ୍ୟବସାୟ କରିବା ପୂର୍ବରୁ ବିଶ୍ଳେଷଣ (ଶକ୍ତି, ଦୁର୍ବଳତା, ସୁଯୋଗ, ବିପଦ) ଭଲ ଭାବେ କରାଯିବା ଆବଶ୍ୟକ। ବ୍ୟବସାୟର ଅସଲ ଉଦ୍ଦେଶ୍ୟ ପ୍ରଥମରୁ ସ୍ଥିର ହେବା ଆବଶ୍ୟକ। ଏଥିପାଇଁ ସ୍ମାର୍ଟ ସୂଚୀ(ସଠିକ, ମାପଯୋଗ୍ୟ, ସଫଳତା, ବାସ୍ତବ ଓ ସମୟ ଅନୁଯୋଗୀ) ବ୍ୟବହାର କରାଗଲେ ଉଦ୍ଦେଶ୍ୟ ସଠିକ ହୋଇଥାଏ।

ଚଳିତ ବର୍ଷ ଓଡ଼ିଶାରେ ବର୍ଷାଋତୁ ସାଧାରଣଠାରୁ କିଛି କମ୍ ରହିପାରେ ବୋଲି ପ୍ରାରମ୍ଭିକ ଅନୁମାନ ଦେଖାଉଛି। ଭାରତୀୟ ପାଣିପାଗ ବିଭାଗଙ୍କ ଦୀର୍ଘମିଆଦୀ ପୂର୍ବାନୁମାନ ଅନୁସାରେ ୨୦୨୬ ରେ ଏଲ୍-ନିନୋ ପ୍ରଭାବରେ ଦେଶର କେତେକ ଅଞ୍ଚଳରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା ମଧ୍ୟ ତାହାର ପ୍ରଭାବ ଭୋଗିପାରେ। ସାଧାରଣତଃ ଓଡ଼ିଶାରେ ଜୁନ୍ ଦ୍ୱିତୀୟ ସପ୍ତାହରୁ ମୌସୁମୀ ପ୍ରବେଶ କରେ ଏବଂ ବର୍ଷର ତେଇଶ ସପ୍ତାହ ଠାରୁ ଛୟାଳିଶ ସପ୍ତାହ ପର୍ଯ୍ୟନ୍ତ ରହେ। ଏବର୍ଷ ଉପକୂଳ ଓଡ଼ିଶାରେ ସାଧାରଣ କିମ୍ବା ଭଲ ବର୍ଷା ହୋଇପାରେ। କିନ୍ତୁ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷାର ବିଚ୍ଛିନ୍ନତା ଦେଖାଯାଇପାରେ। ଏହାକୁ ବିଚାର କରି ଧାନଚାଷ ପାଇଁ ବର୍ଷା ଆଧାରିତ ଅଞ୍ଚଳରେ ଅପେକ୍ଷାକୃତ କମ୍ ଅବଧିର ବିହନ ବ୍ୟବହାର କରାଯିବା ଉଚିତ। ପାଣିପାଗ ବିଭାଗର ସାପ୍ତାହିକ ସୂଚନା ଅନୁସାରେ କୃଷି କର୍ମ କରିବା ଆବଶ୍ୟକ। କଥାରେ ଅଛି 'ହାଟୁଆ ହୁଡ଼ିଲେ ହାଟ ପାଳିଏ, ଚାଷୀ ହୁଡ଼ିଲେ ବରଷେ।'

ଏହି ପ୍ରସଙ୍ଗଟି ଉପସ୍ଥାପନ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ସରକାର କୃଷି ଓ ଶିଳ୍ପ ତଥା ପୁଞ୍ଜି ନିବେଶ ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଛନ୍ତି ତାହା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଗଭୀର ଚିନ୍ତା କରିବା ଆବଶ୍ୟକ। କୃଷି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କରାଗଲେ ନିଷ୍ପତ୍ତିଗୁଡ଼ିକ ତୁରନ୍ତ ହେବା ଆବଶ୍ୟକ। ସରକାର ଆଗତୁରା ବିହନ, ସାର ଓ ଯନ୍ତ୍ରପାତି ବିକ୍ରୟ କେନ୍ଦ୍ରଗୁଡ଼ିକରେ ଗଚ୍ଛିତ କରି ରଖିବା ଆବଶ୍ୟକ। ଅପରପକ୍ଷରେ କୃଷି ଯଦି ବ୍ୟବସାୟିକ ହିସାବରେ ବା ଉଦ୍ୟୋଗ ହିସାବରେ କରାଯାଏ, ତେବେ ଏଗୁଡ଼ିକୁ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ହେବ। ଆବଶ୍ୟକସ୍ଥଳେ ବିଶେଷଜ୍ଞମାନଙ୍କ ପରାମର୍ଶ ଗ୍ରହଣ କରିବା ଆବଶ୍ୟକ। ସେହିପରି କୃଷି ଭିତ୍ତିଭୂମି ପାଇଁ ପୁଞ୍ଜି ନିବେଶ କରିବା ପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ। ଉଦାହରଣ ସ୍ୱରୂପ ନୂତନ ଜଳସେଚନ ପ୍ରକଳ୍ପ ସ୍ଥାପନ ପୂର୍ବରୁ ଏହାର ବ୍ୟୟ ଅଟକଳ, ବିସ୍ଥାପନ ସମସ୍ୟା, ପ୍ରକଳ୍ପ ଦ୍ୱାରା ଲାଭକ୍ଷତି, ପରିବେଶ ସମସ୍ୟା ଓ ଅନ୍ୟାନ୍ୟ ବିକଳ୍ପ ବିଷୟରେ ଗଭୀର ଭାବରେ ଚିନ୍ତାକରି ନିଷ୍ପତ୍ତି ନେବାକୁ ହେବ।

କୃଷି କ୍ଷେତ୍ରରେ ହଠାତ୍ କୌଣସି ସମସ୍ୟା ଦେଖାଗଲେ ଏହାକୁ କାଳବିଳମ୍ବ ନକରି ସମାଧାନ କରିବାକୁ ହେବ। କାରଣ ଏଥିରେ ବିଳମ୍ବ କରିବା ଅର୍ଥ ସମସ୍ୟାକୁ ଅଧିକ ବଢ଼ାଇବା ସହ ସମାନ। ମନେକରାଯାଉ କ୍ଷେତ୍ରରେ ହଠାତ୍ ରୋଗପୋକ ଆକ୍ରମଣ ଦେଖାଗଲା। ତେବେ ଏପରି ପରିସ୍ଥିତିରେ ସମସ୍ତ ସମ୍ବଳ ଏକାଠି କରି ଏହାର ନିରାକରଣ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ସେହିପରି ନିର୍ମାଣ, ଭିତ୍ତିଭୂମି ସ୍ଥାପନ ଓ ବିଭିନ୍ନ ଶିଳ୍ପୋଦ୍ୟୋଗ ପାଇଁ ପୁଞ୍ଜିନିବେଶ କରିବା ପୂର୍ବରୁ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଗଭୀର ଅନୁଧ୍ୟାନ କରି ପରିବେଶ, ଜନସାଧାରଣଙ୍କ ଉପରେ ଏଗୁଡ଼ିକର ପ୍ରଭାବ ଇତ୍ୟାଦି ଉପରେ ଅନୁଶୀଳନ କରିବା ପରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। କାରଣ ତରତର ହୋଇ ପ୍ରକଳ୍ପ ସ୍ଥାପନ କଲେ ବହୁ ଅସମାହିତ ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବନାହିଁ। ଚାଷରେ ତତ୍ପରତା ଏବଂ ବ୍ୟବସାୟରେ ଧୈର୍ଯ୍ୟ ଅବଲମ୍ବନ କଲେ ସଫଳତା ଲାଭ କରାଯାଇପାରେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପଖାଳର ଅଭିସାର

**ଗୌରୀ ପ୍ରସାଦ ମହାପାତ୍ର**

ବିଗତ ଶତାବ୍ଦୀର ଷାଠିଏ ଦଶକର ଶେଷ ଓ ସତୁରୀ ଦଶକର ଆଦ୍ୟଭାଗରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ପ୍ରୌଢ଼ଶିକ୍ଷା ଅଭିଯାନ ଅନ୍ତର୍ଗତ 'କାଳିଆ ବଳଦ ଗଲା ଗଲା' ପୁସ୍ତକରେ ଉପଦେଶ ଛଳରେ ଲିଖିତ 'ଚା' ଆଉ ପଖାଳ' ଗୀତଟିକୁ ଯେଉଁମାନେ ମନେ ରଖିଥିବେ ସେମାନଙ୍କ ପାଇଁ ଆଜିର 'ପଖାଳ ପାଇଁ ୨ କୋଟି ଖର୍ଚ୍ଚ' ଶୀର୍ଷକ ସମ୍ବାଦଟି ଭାବାନ୍ତର ଆଣିଥିବ। ସଂକ୍ଷେପରେ 'ଚା' ଆଉ ପଖାଳ' ଗୀତୋପଦେଶର ସାରାଂଶ ଏହିପରି -

କୌଣସି ଏକ ପରିବାରରେ ଦିନେ ସକାଳୁ ସକାଳୁ ଟେବୁଲ୍ ଉପରେ ବସିଥିବା ଚା' ଚଟାଣରେ ଥିବା ପଖାଳକୁ ଭର୍ତ୍ସନା କରିଚାଲିଛି। ଅସୂୟା ଓ ଅହଂକାରଭରା ଶବ୍ଦରେ ଚା' କହିଛି - 'ଗୁରୁତ୍ୱ ଦୃଷ୍ଟିରୁ ଓ ଉଚ୍ଚଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସବୁବେଳେ ଟେବୁଲ୍ ଉପରେ ସମ୍ମାନିତ ସ୍ଥାନ ପାଉଛି; ମୋ ପାଖରେ ସୁନ୍ଦର ଫୁଲଦାନୀ, ଖବରକାଗଜ, ପତ୍ରିକା ଆଦି ଆଭିଜାତ୍ୟର ଉପାଦାନମାନ ରହିଛି। ଅଥଚ ମାମୁଲି ପଦବାଚ୍ୟ ହୋଇଥିବାରୁ ତୋର ସ୍ଥାନ କେବଳ ଚଟାଣ ଉପରେ।' ପ୍ରତ୍ୟୁତ୍ତରରେ ପଖାଳ ଅତି ସରଳ ଭାବରେ ନିଜର ହିତକାରୀ ଗୁଣ ଆଉ ଚା'ର ଅପକାରୀ ପ୍ରଭାବ ବଖାଣିଛି। ଶେଷରେ ପରିବାରର ସାନ ପୁଅ ଆସି ଚା' ପିଇବା ବଦଳରେ ପଖାଳ ଖାଇଛି। ଏଥିରୁ କିଏ ବଡ଼ କିଏ ଛୋଟ(ଉପକାରୀ ଓ ଅପକାରୀ) ପ୍ରମାଣିତ ହୋଇଛି।

ଏବେ ପଖାଳର ମନସ୍ତତ୍ତ୍ୱକୁ ପଢ଼ାଯାଉ। ପଖାଳ ସିନା ସେଦିନ ଚା'ଠାରୁ ତର୍କରେ ଜିତିଗଲା, କିନ୍ତୁ ତା' ମନ ଭିତରର କେଉଁ ଏକ ନିଭୃତ କୋଣରେ ନିଶ୍ଚୟ ଏକ ଅବସୋସ ରହିଯାଇଥିବ ଯେ ବିପୁଳ ପୌଷ୍ଟିକତା ଓ ହିତକାରୀ ଗୁଣ ସତ୍ତ୍ୱେ 'ଗରିବର ଖାଦ୍ୟ' ଭଳି ଅଲୋଡ଼ା ଓ ଅପରିହାର୍ଯ୍ୟ ପରିଚୟ(ଅପଖ୍ୟାତି) ଟିଏ ତା'ସହିତ ଚିରଦିନ ଯୋଡ଼ି ହୋଇଯାଇଛି। ହୁଏତ ସେଦିନ ତା'ମନରେ ମଧ୍ୟ ଟେବୁଲ୍ ଉପରେ ସ୍ଥାନ ପାଇବାର ଆକାଂକ୍ଷାଟିଏ ଜନ୍ମ ନେଇଥିବ। ଶ୍ରମଣା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଯେଭଳି ନିତିଦିନ ଅଗଣାକୁ ସଫା କରି ପାଣି ଛିଞ୍ଚି ଫୁଲ ବିଞ୍ଚି ଚାହିଁ ବସୁଥିଲା, ପଖାଳ ମଧ୍ୟ ସେଭଳି ଚାହିଁ ରହିଥିବ କେବେ କେଉଁ ସମ୍ଭ୍ରାନ୍ତର ହାତ ଓ ମୁଖ ତା'କୁ ସ୍ପର୍ଶ କରିବ! ପୁଣି ସେ ପାଷାଣୀ ଅହଲ୍ୟା ଭଳି ଅପେକ୍ଷା କରି ରହିଥିବ କେବେ କେଉଁ ଜଣେ ମର୍ଯ୍ୟାଦାପୁରୁଷଙ୍କ ସ୍ପର୍ଶରେ 'ଗରିବର ଖାଦ୍ୟ' ଅଭିଶାପରୁ ସେ ମୁକ୍ତ ହେବ!

ପଖାଳର ସେହି ଶ୍ରମଣା-ଅହଲ୍ୟା ସୁଲଭ ଆକାଂକ୍ଷା ଓ ଅପେକ୍ଷାର ଅନ୍ତ ଘଟିଛି ଏବଂ ସେହି ଅଭିସାରର ସ୍ୱପ୍ନ ବିଧିବଦ୍ଧ ଭାବେ ବାସ୍ତବ ରୂପ ନେଇଛି ୨୦୨୬ ମାର୍ଚ୍ଚ ୨୦ ତାରିଖରେ। ସେଦିନ ରାଜଧାନୀ ଭୁବନେଶ୍ୱରର କୌଣସି ଏକ ଆଭିଜାତ୍ୟସମ୍ପନ୍ନ ଆଡ଼ମ୍ବରପୂର୍ଣ୍ଣ ଭୋଜନାଳୟରେ ଜଣେ ଭୋଜନପ୍ରିୟ ଶାସନମୁଖ୍ୟ ଓ ତାଙ୍କ ଧନାଢ଼୍ୟ ସତୀର୍ଥମାନଙ୍କ କର ଓ ମୁଖ ସ୍ପର୍ଶରେ ପଖାଳ କେବଳ ଧନ୍ୟ ହୋଇନାହିଁ, 'ଗରିବର ଖାଦ୍ୟ' ଅପଖ୍ୟାତିରୁ ମୁକ୍ତି ପାଇଛି। ସତେଯେମିତି ସୀତାଙ୍କ ସନ୍ଧାନରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶ୍ରମଣାର କୁଟୀରକୁ ଆସିଛନ୍ତି ଏବଂ ଅଇଁଠା କୋଳି ଖାଇ ତା'ର ଶବରୀ ଜୀବନକୁ ଧନ୍ୟ କରିଛନ୍ତି। ଶ୍ରମଣା ଓ ପଖାଳ ଭିତରେ ତଫାତ୍ କେବଳ ଏତିକି ଯେ ସେମାନଙ୍କୁ ଉଦ୍ଧରିତ କରିଥିବା ପ୍ରଭୁମାନଙ୍କର ନାମ ଯୁଗାବତାର ଅନୁଯାୟୀ ଭିନ୍ନ। ପଖାଳ ଆହୁରି ମଧ୍ୟ ଉତ୍ଫୁଲ୍ଲିତ ହୋଇଥିବ 'ଗିନିସ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡ'ରେ ସ୍ଥାନିତ ହେବାର ଗର୍ବ ନେଇ, ଯାହାର ସାମଗ୍ରିକ ଆୟୋଜନ ପାଇଁ ଖର୍ଚ୍ଚ ହୋଇଛି ୨ କୋଟିରୁ ଅଧିକ ଟଙ୍କା।

ଗରିବ-ଓଡ଼ିଶାର ଭାତକଂସାର ସୀମା ଭିତରେ ବାନ୍ଧି ହୋଇ ରହିଥିବା ପଖାଳର ଏ ଉତ୍ତରଣରେ ଚା' ବୋଧହୁଏ ଆଜି ମ୍ରିୟମାଣ ହୋଇଯାଇଥିବ। କାରଣ ଓଡ଼ିଶା ଭଳି ଗରିବ ରାଜ୍ୟରେ ଚା'ଭୋଜିରେ ଏତେ ଟଙ୍କା ଖର୍ଚ୍ଚ ହୋଇଥିବା କେବେ ରେକର୍ଡଭୁକ୍ତ ହୋଇନାହିଁ କି ଏଭଳି ସରକାରୀ ସ୍ୱୀକୃତି ପାଇନାହିଁ। ଜାତିସଂଘରେ ଶ୍ରୀଅନ୍ନର ସ୍ୱୀକୃତି ପାଇଥିବା ଓଡ଼ିଶାର ଆଉ ଏକ ଗରିବର ଖାଦ୍ୟ ମାଣ୍ଡିଆ ମଧ୍ୟ ପଖାଳର ଏହି ଉପଲବ୍ଧିରେ ଈର୍ଷୁକ ହୋଇଯାଇଥିବ। ପୂର୍ବ ସରକାର ଅମଳରେ ରାଜ୍ୟ ଓ ଜାତୀୟସ୍ତରରେ 'ମାଣ୍ଡିଆ ଦିବସ' ପାଳନ କରି ଏହାକୁ ବିଶ୍ୱାଦୃତ କରାଯାଇଥିଲେ ମଧ୍ୟ ଏଭଳି ବହ୍ୱାଡ଼ମ୍ବର ଓ ଖର୍ଚ୍ଚବହୁଳ ଆୟୋଜନର ଅନୁପସ୍ଥିତିରେ ମାଣ୍ଡିଆ ମନରେ ହୀନମନ୍ୟତା ଜନ୍ମ ନେଇସାରିଥିବ। ଆଜିର ଦିନରେ ଯଦି 'କାଳିଆ ବଳଦ ଗଲା ଗଲା' ଶୀର୍ଷକ ବହିଟିର ସଂଶୋଧିତ ସଂସ୍କରଣ ପ୍ରକାଶିତ ହୁଅନ୍ତା(ସାମ୍ପ୍ରତିକ ଏନ୍ସିଇଆରଟି ପାଠ୍ୟକ୍ରମ ଭଳି) ତେବେ ପଖାଳ ସେଦିନର ପ୍ରତିଦ୍ୱନ୍ଦ୍ୱୀ ଚା'କୁ ଦେଖେଇ ହୋଇ କହିବାର ସୁଯୋଗଟିଏ ପାଇଯାଆନ୍ତା।

ଉପରୋକ୍ତ ବ୍ୟଙ୍ଗ-ଶ୍ଳେଷଧର୍ମୀ ଆଲୋଚନାରୁ କିଛିସମୟ ପାଇଁ ଅବ୍ୟାହତି ନେଇ ବାସ୍ତବ ଦୁନିଆକୁ ଆସିବା। ମାର୍ଚ୍ଚ ୨୦ ତାରିଖରେ 'ପଖାଳ ଦିବସ'ର ଉତ୍ଥାନ ସହିତ ସମାଜର ବିଭିନ୍ନ ସ୍ତର ଏବଂ ଅର୍ଥନୀତିର ବିଭିନ୍ନ ବର୍ଗରେ 'ପଖାଳଖିଆ ଉତ୍ସବ'ମାନ ଗତ କିଛିବର୍ଷ ହେଲା ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ଆୟୋଜନ ହୋଇଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପୂର୍ବତନ ରାଷ୍ଟ୍ରପତିଙ୍କ ପରି ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ମଧ୍ୟ ପଖାଳ ଖାଇଛନ୍ତି। ତେଣୁ ୨୦୨୬ ମାର୍ଚ୍ଚ ୨୦ ତାରିଖ ସେଭଳି ଅନନ୍ୟ ନଥିଲେ ମଧ୍ୟ ସରକାରୀ ସ୍ତରରେ 'ପଖାଳ ଦିବସ' ପାଳନ ପାଇଁ ଗରିବ ଓଡ଼ିଶାର ଲୋକଙ୍କ ଟିକସ ପଇସାରେ ଗଠିତ ରାଜ୍ୟ ରାଜକୋଷରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ଅଭୂତପୂର୍ବ ନିଶ୍ଚୟ। ଏହା ଓଡ଼ିଶାର ଗରିବ ବର୍ଗ ପ୍ରତି ଉପହାସ ନୁହେଁ ତ? ପୁଣି ଓଡ଼ିଆ ଜନଜୀବନର ପ୍ରାଣ ଓ ଜୀବଧନ ପଖାଳର ଉତ୍ତରଣ ପାଇଁ କୁଆଡ଼େ ଅଣଓଡ଼ିଆଙ୍କ ସାହଚର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ଥିଲା। ତେଣୁ ସରକାରଙ୍କ 'ପଖାଳଖିଆ କାର୍ଯ୍ୟକ୍ରମ'ରେ ଦଳଦଳ ଅଣଓଡ଼ିଆ ନିମନ୍ତ୍ରିତ ହୋଇ ପଞ୍ଚତାରକା ହୋଟେଲ୍ରେ ଆତିଥେୟ ଲଭିଲେ। ପୁଣି ଓଡ଼ିଆ ଅସ୍ମିତାର ଅନ୍ୟତମ ପରିଚୟ ପଖାଳକୁ ରାନ୍ଧିବା ଓ ପରସିବା ଦାୟିତ୍ୱ ନେଲେ ଅଣଓଡ଼ିଆ ନାମୀଦାମୀ ରୋଷେୟାମାନେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାରକୁ ବିଶ୍ୱାଦୃତ କରିବା ଲକ୍ଷ୍ୟରେ ଆମେରିକା/ରୁଷ ରାଷ୍ଟ୍ରପତିଙ୍କ ଦ୍ୱାରା ରଥରେ ଛେରାପହଁରା ଦାୟିତ୍ୱ ସମର୍ପି ଦେଲା ଭଳି କଥା ଏ ହେଲା। 'ପଖାଳ ଦିବସ'ର ଏଭଳି ଖର୍ଚ୍ଚବହୁଳ ଆୟୋଜନ ଦେଖି ଏବେ ପଖାଳ ବୋଧହୁଏ କହୁଥିବ ମୁଁ ତ ଗରିବର ଖାଦ୍ୟର ଅପଯଶ ଅର୍ଜିଛି। କିନ୍ତୁ ମନ୍ତ୍ରୀ-ନେତା-ବାବୁମାନେ ମଧ୍ୟ କ'ଣ ଏତେ ଗରିବ ଯେ ନିଜ ପକେଟ୍ରୁ ଖର୍ଚ୍ଚ କରି ପଖାଳ ଖାଇବା ପାଇଁ ସେମାନଙ୍କ ପାଖରେ ପଇସା ନ ଥିଲା!

ପଖାଳର ଆଭିଜାତ୍ୟ-ଅଭିସାରର ସ୍ୱପ୍ନ ସାକାର ହୋଇଛି ସତ; କିନ୍ତୁ ଏବେ ଯଦି ତା'ର ମନସ୍ତତ୍ତ୍ୱ ପଢ଼ି ହୁଅନ୍ତା ତେବେ ଜଣାପଡ଼ନ୍ତା - ହୁଏତ ପୁଣି ସେ ଫେରିଯିବାକୁ ଚାହୁଁଥିବ ସେହି ପୁରୁଣା ଗାଁଗହଳିର ଚାଳଛପର ଘରକୁ, ଯେଉଁଠି ଲେଖାଯାଇଥିବ ତା' ଷଠିଘର; ଯେଉଁଠି ନ ଥିବ ଆଭିଜାତ୍ୟର ଅହଂକାର; ଥିବ କେବଳ ଅନ୍ନକୁ ବ୍ରହ୍ମ ଜ୍ଞାନ କରୁଥିବା ଅପାଠୁଆ ନିପଟ ଓଡ଼ିଆଙ୍କ ଅମୂଲ୍ୟ ଆତ୍ମୀୟତା। ପଞ୍ଚତାରକାର ଅଭିସାରିଣୀ ପଖାଳ ଏବେ କହୁଥିବ - ସେହି ପତ୍ରକୁଡ଼ିଆ ମୋ ପାଇଁ ଶତଗୁଣେ ଶ୍ରେୟସ୍କର, ଯେଉଁଠି ମାଟିଖପରାରେ ଲଙ୍କା, ଲୁଣ, ତେନ୍ତୁଳି ହେଉ ପଛେ ନିଜ କଷ୍ଟାର୍ଜିତ ପଇସାରେ ଲୋକେ ପଖାଳ ଖାଉଛନ୍ତି, ରାଜସ୍ୱ ଲୁଟି ନାହାନ୍ତି। ପଖାଳ ଆଜି ପୁଣି ଆତଙ୍କିତ ହୋଇଯାଇଥିବ ଯେ ତା'ର ଟେବୁଲ୍-ଅଭିସାରର ଖର୍ଚ୍ଚବହୁଳ ଆଡ଼ମ୍ବର ପରେ ଟିକସ-ସର୍ବସ୍ୱ ଭାରତରେ ହୁଏତ 'ପଖାଳ କର' ଓ 'ଉପକର' ଆଦି ଲାଗୁ ହୋଇ ଗରିବର ପଖାଳକଂସାକୁ ଆଉ ମହଙ୍ଗା କରିଦେବ ନାହିଁ ତ! ଯଦି ସେଭଳି କେବେ ହୁଏ ତେବେ ପଖାଳର ଅଭିସାର ଅଭିଶାପ ହୋଇଯିବ ଆଉ ତା'ର ଏହି ମହାର୍ଘ ଉପଲବ୍ଧି ତା'କୁ ପଶ୍ଚାତାପ ପାଇଁ ବାଧ୍ୟ କରିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ରହସ୍ୟମୟ ଶ୍ରୀଜଗନ୍ନାଥ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

**ଡଃ ସମୀର କୁମାର ନନ୍ଦ**



ଭାରତରେ ଚାରିଧାମ ରହିଛି। ବଦ୍ରିନାଥ ଧାମରେ ବଦ୍ରିନାରାୟଣ, ଦ୍ୱାରିକାଧାମରେ ଦ୍ୱାରିକାଧୀଶ ଓ ରାମେଶ୍ୱରଧାମରେ ରାମେଶ୍ୱରମ ବିରାଜିତ ଓ ପୂଜିତ। କିନ୍ତୁ ପୁରୀ ଧାମରେ ସେ ନା ପୁରୀନାଥ, ନା ଓଡ଼ିଶାନାଥ, ନା ଭାରତନାଥ। ସେ ଜଗତରନାଥ ଜଗନ୍ନାଥ ନାମରେ ପରିଚିତ। ସମଗ୍ର ଜଗତର କଲ୍ୟାଣ ପାଇଁ ସେ ଜଗତକର୍ତ୍ତା, ଜଗତହର୍ତ୍ତା, ଜଗତବିଧାତା ଓ ଜଗତରକ୍ଷାକର୍ତ୍ତା। ଯେତେବେଳେ ଯିଏ ଜଗତପିତା ଓ ଜଗତମାତାଙ୍କୁ ଆରାଧନା କରେ ସେତେବେଳେ ସେ ହୋଇଯାଏ ଜଗତଜିତା। ବେଦର ଆଦିପୁରୁଷ ଜଗତର ନାଥ ଜଗନ୍ନାଥ। ତାଙ୍କର ଅନନ୍ତ ମସ୍ତକ, ଅନନ୍ତ ଚକ୍ଷୁ ଓ ଅନନ୍ତ ପାଦ। ଭୌତିକ ଓ ଆଦିଭୌତିକ ଜଗତରେ ପରିବ୍ୟାପ୍ତ ସେ ପରାତ୍ପର। ଚରାଚରର ସମସ୍ତ ଦୃଷ୍ଟ ଓ ଅଦୃଷ୍ଟ ସୃଷ୍ଟି ତାଙ୍କର ଚେତନାର ସୌନ୍ଦର୍ଯ୍ୟରେ ରସାଣିତ। ମହାଜାଗତିକ ସମସ୍ତ ପ୍ରକାଶର ଊର୍ଦ୍ଧ୍ୱରେ ସେ ସୀମାହୀନ କର୍ତ୍ତା, କାର୍ଯ୍ୟ ଓ କାରଣ। ସେ ସମସ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର କର୍ଣ୍ଣଧାର। ସୃଷ୍ଟି ଓ ବିବର୍ତ୍ତନର ସେ ନିୟାମକ। ଯନ୍ତ୍ରଣା-ଜର୍ଜରିତ ନିଖିଳ ମାନବର ପାର୍ଥିବ ଚେତନାର ସେ ସଦାଜାଗ୍ରତ ନିୟନ୍ତା। ସେ ସମସ୍ତ ଅସ୍ତିତ୍ୱର ରହସ୍ୟ। ସେ ଶେଷହୀନ ବାସ୍ତବତା। ସେ ତଦୈକମ୍। ସେ ବିଧାତାର ବିଧାତା। ସେ ପରିଚିତ ଅପରିଚେୟ, ନାମହୀନ ସର୍ବନାମ। ମହାଜାଗତିକ ବିବର୍ତ୍ତନରେ ସେ ଦେବମୁହୂର୍ତ୍ତମାନଙ୍କର ଉତ୍ସ। ଭଗବତ ଗୀତାର ସେ ପୁରୁଷୋତ୍ତମ। ସେ ପୂର୍ଣ୍ଣ ଚେତନାର ବାସ୍ତବତା, ସ୍ଥିର ଓ ଅସ୍ଥିର। ଭଙ୍ଗୁର ଓ ଚିରନ୍ତନର ଊର୍ଦ୍ଧ୍ୱରେ ତାଙ୍କର ଗତି। ସେ ଅନତିତମ ଦୂରତା, ପୂର୍ଣ୍ଣତମ ରହସ୍ୟ।

ସେ ସମସ୍ତଙ୍କୁ ହାତ ଦେଇଦେଇ ହସ୍ତହୀନ। ଯିଏ ତାଙ୍କୁ ହସ୍ତ ପ୍ରସାରଣ କରି ଆଲିଙ୍ଗନ କରେ ସେ ହୁଏ ନିଜର। ସେ ବିଲୀନ ହୋଇଯାଏ ଅନନ୍ତ ପିଣ୍ଡମୟ ବ୍ରହ୍ମରେ। ସେ ସମସ୍ତ କାଳକୁ ଅତିକ୍ରମ କରି କାଳାଧୀଶ। ତେଣୁ ସେ ଅପଲକ ନେତ୍ର, ସେ ଅନନ୍ତ ଗତିହୀନ ଗତିଶୀଳତା। ଏଣୁ ସେ ପାଦବିହୀନ, ସ୍ଥାଣୁ, ସେ ଅକ୍ଷର, ସେ ବାଙ୍ମୟ। ଓଡ଼ିଶାର ଆଦିବାସୀ ଶବରମାନଙ୍କ ସହିତ ତାଙ୍କର ସଂଯୋଗ ମାନବିକ ବିଭୁତିର ଏକ ମହନୀୟ ଉପାଖ୍ୟାନ। ଶବରମାନେ ତାଙ୍କ ଦେବତାକୁ ବନ୍ଧୁ ଓ ଜ୍ଞାତି ହିସାବରେ ଗ୍ରହଣ କରି ନେଇଛନ୍ତି। ସେମାନଙ୍କ ଆଖିରେ ଜଗନ୍ନାଥ ମଣିଷ, ଅତିମାତ୍ରାରେ ମଣିଷ। ଯିଏ ସେମାନଙ୍କ ସହିତ ହସନ୍ତି, ଖେଳନ୍ତି ଓ ସେମାନଙ୍କ ସୁଖ-ଦୁଃଖରେ ଭାଗ ନିଅନ୍ତି।

ଶ୍ରୀଜଗନ୍ନାଥଙ୍କ ଲୀଳା ମାନବ ସ୍ୱରୂପୀ। ଶ୍ରୀଜଗନ୍ନାଥଙ୍କ ଆଦି ଓ ଅନ୍ତ କେଉଁଠି ତାହା ରହସ୍ୟାବୃତ। ଓଡ଼ିଆଙ୍କ ଭାବମାନସରେ ସେ ମନୁଷ୍ୟ ପରି ଖାଆନ୍ତି, ଶୁଅନ୍ତି, ଧୂଳିଧୂସରିତ ହୁଅନ୍ତି। ଓଡ଼ିଆଙ୍କ ପିଠା ଓ ମିଠା ଏବଂ ମାଉସୀଙ୍କ ଘରେ ପୋଡ଼ପିଠା ମଧ୍ୟ ଖାଆନ୍ତି। ଭାବରେ ବାଇଗଣ କିଆରିରେ ଖଣ୍ଡିଆଖାବରା ହୋଇ ବୁଲନ୍ତି। ପୁଣି ବନ୍ଧୁ ବୋଲି କହି କାହାକୁ ରାତିରେ ଖାଇବାକୁ ଆଣିଦେଇ ଅତିଥି ଚର୍ଚ୍ଚା କରନ୍ତି। ଭକ୍ତଙ୍କ ସାଙ୍ଗରେ ମେଳା ମଉଛବ କରନ୍ତି। ମାନ-ଅଭିମାନ, ରାଗ-ରୁଷା ଓ ଥଟ୍ଟା-ପରିହାସରେ ନିଜକୁ ମଜାଇ ଦିଅନ୍ତି। ଆମ ପରି ପଖାଳ ଖାଆନ୍ତି। ଖାଇସାରି ପାନ ମଧ୍ୟ ଗ୍ରହଣ କରନ୍ତି। ପ୍ରାତଃରୁ ଉଠି ମୁଖ ପ୍ରକ୍ଷାଳନ, ଦନ୍ତମାର୍ଜନ, ସ୍ନାନଶୌଚ, ପୋଷାକ ପରିଧାନ କରନ୍ତି। ରାତିରେ ପହଡ଼ ପାଇଁ ଗୀତଗୋବିନ୍ଦ ଶୁଣନ୍ତି।

ଜଗନ୍ନାଥ କେବଳ ଏକ ପୂଜିତ ପ୍ରତିମୂର୍ତ୍ତି ନୁହନ୍ତି। ସେ ପୁରୁଷମାନଙ୍କ ମଧ୍ୟରେ ପୁରୁଷୋତ୍ତମ, ବେଦମାନଙ୍କ ମଧ୍ୟରେ ସାମବେଦ ଓ ଦେବତାମାନଙ୍କ ମଧ୍ୟରେ ଜଗନ୍ନାଥ।

ଦେବଗଡ଼, ମୋ: ୯୪୩୭୨୧୮୯୧୭

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତନ ବିଧାୟକ ବିକ୍ରମଙ୍କ ପରିବାର ବର୍ଗଙ୍କୁ ଭେଟିଲେ ବିଜେଡିର ବରିଷ୍ଠ ନେତୃମଣ୍ଡଳୀ

### ବରିଷ୍ଠ ନେତା ଦେବୀ ଓ ଅତନୁଙ୍କ ସହ ସାମିଲ ହେଲେ ଚନ୍ଦ୍ରଶେଖର, ଚ୍ୟାଉପଟ୍ଟନାୟକ



ବ୍ରହ୍ମପୁର,୬।୭(ସମିସ): ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ ଆଲୋଚନା କରିଛନ୍ତି ବିଜେଡିର ବରିଷ୍ଠ ନେତୃମଣ୍ଡଳୀ। ରାଜନୈତିକ ଆକ୍ରୋଶର ଶୀକାର ହୋଇଥିବା ଯୁବ ନେତା ବିକ୍ରମଙ୍କ ସହିତ ଦଳ ସଦାସର୍ବଦା ରହିଛି ଏବଂ ରହିବ ମଧ୍ୟ। ଏହି ବାର୍ତ୍ତା ଦେବା ପାଇଁ ବିଜେଡିର ନେତୃମଣ୍ଡଳୀ ତାଙ୍କ ପରିବାର ସଦସ୍ୟଙ୍କ ସହ ଭେଟି ଆଶ୍ୱାସନା ଦେଇଥିବା ଜଣାପଡିଛି। ବିଜେଡିର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକଙ୍କ ଦିନିକିଆ ଗଞ୍ଜାମ ଗସ୍ତ କାଳରେ ଏହି ସାକ୍ଷାତ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ସାଂସଦ ତଥା ବରିଷ୍ଠ ରାଜ୍ୟ ଉପ ସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବ ବିଜେଡି ଜୋନ ସଭାପତି ଜ୍ୟୋତିରଂଜନ ସାହୁଙ୍କ ସମେତ ବହୁ କର୍ପୋରେଟର ଓ ପୂର୍ବତନ କର୍ପୋରେଟର ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ନେତୃବୃନ୍ଦ ବିକ୍ରମଙ୍କ ଅନୁପସ୍ଥିତିରେ ତାଙ୍କ ବୃଦ୍ଧ ବାପା ଓ ମାଆଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗତ ଅକ୍ଟୋବର ୨୨ତାରିଖରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି।

## ବେଆଇନ ଖଣି ଖନନ ବିରୋଧରେ ପଦକ୍ଷେପ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬।୭(ସମିସ): ରାଜ୍ୟରେ ବେଆଇନ ଖଣି ଖନନ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଜିଲ୍ଲାର ପିପିଲି ତହସିଲ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମବାସୀଙ୍କ ତରଫରୁ ଦାଖଲ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ ଯେ ବେଆଇନ ଖଣି ଖନନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ ହୋଇଛି ଏବଂ ସମଗ୍ର ରାଜ୍ୟରେ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ବ୍ୟକ୍ତିଙ୍କୁ ବେଆଇନ ଖଣି ଖନନ କରିବାକୁ କଦାପି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଓଡ଼ିଶାରେ ବେଆଇନ ଖଣି ଖନନ ରୋକିବା ପାଇଁ ଏପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି ଏବଂ ଆଗାମୀ ଦିନରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ଏକ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ପରବର୍ତ୍ତୀ ଏକ ସପ୍ତାହ ମଧ୍ୟରେ ପ୍ରତିଜବାବ ଦାଖଲ କରିବାକୁ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ, ଗୋବର୍ଦ୍ଧନପୁର ନିକଟ ଦୟା ନଦୀରୁ କିଛି ଅସାମାଜିକ ଓ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିବା ନେଇ ପ୍ରଭାବିତ ଗ୍ରାମବାସୀମାନେ ଗତ ୨୦୨୫ ଡିସେମ୍ବର୨୬ ତାରିଖରେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏ ନେଇ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନଥିଲା।

### ବହୁଚର୍ଚ୍ଚିତ ପିଲାଚୋର ଭିଡ଼ହିଂସା ମାମଲା

## ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଗିରଫ

ବିଷମକଟକ/କଲ୍ୟାଣସିଂହପୁର, ୬।୭(ସମିସ): ବହୁଚର୍ଚ୍ଚିତ ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଭିଡ଼ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଭଜରାନ ନାଇକ ସହ ରାଜେଶ ଉଲ୍ଲକାକୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି। ଏଥିସହ ଗିରଫ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି। ମୁଖ୍ୟ ଅଭିଯୁକ୍ତ ଭଜରାନଙ୍କ ଘର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଦୁରିପଦର ଗ୍ରାମରେ ଏବଂ ରାଜେଶଙ୍କ ଘର ଧାମୁଣିପଙ୍ଗା ପଞ୍ଚାୟତ କଟିକିନାଳ ଗ୍ରାମରେ। ସୋମବାର ବିଷମକଟକ ଉପକାରାଗାରରେ ପୀଡ଼ିତାଙ୍କ ଉପସ୍ଥିତିରେ ଏହି ଅଭିଯୁକ୍ତମାନଙ୍କର ଟେଷ୍ଟ ଆଇଡେଣ୍ଟିଫିକେସନ୍ (ଟିଆଇ) ପ୍ୟାରେଡ୍ କରାଯାଇଛି। ସୋମବାର ସନ୍ଧ୍ୟାରେ ବିଷମକଟକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଜୈନଙ୍କ ଉପସ୍ଥିତିରେ ଟିଆଇ ପ୍ୟାରେଡ୍ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା। ଏହି ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସୂଚନା ଦେଇଥିଲେ। ଘଟଣା ଦିନ ଭିଡ଼ହିଂସାରେ ସାମିଲ ଥିବା କିଛି ଅଭିଯୁକ୍ତଙ୍କୁ ପୀଡ଼ିତା ଟିଆଇ ପ୍ୟାରେଡ୍‌ରେ ଚିହ୍ନଟ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ଜୁନ୍ ୧୬ ତାରିଖ ଫେଲୋସିପ କାର୍ଯ୍ୟରେ ଯାଉଥିବା ଦିଲ୍ଲୀ ଆଜାଦପୁର ଅଞ୍ଚଳର ସୁମନ ଝାପ ଓ ଗୁଜୁରାଟ ସୁରତର ଅର୍ପିତା ସୂତାରିଆଙ୍କୁ ପିଲାଚୋର ବୋଲି ବିଭିନ୍ନ ଗ୍ରାମରେ ଭଜରାନ ଓ ରାକେଶ ଅପପ୍ରଚାର କରିଥିଲେ। ସୁମନ ଓ ଅର୍ପିତା ଦାଣ୍ଡପଦର, ସିଲେଟ, ବଣ୍ଡେଲି, କଲ୍ୟାଣସିଂହପୁର ବ୍ଲକ ତାଡିଝୋଲା, ଧାମୁଣିପଙ୍ଗା, କଟିକିନାଳ, ଇନ୍ତାଲିଗୁଡା ଗ୍ରାମ ଦେଇ ଆସୁଥିବା ବେଳେ ସାହିନଗର ନିକଟରେ ଯୁବକ ମାନେ ସଂଘବଦ୍ଧ ଭାବେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଯୁବତୀଙ୍କୁ ବିବସ୍ତ୍ର କରି ମାଡ଼ ମାରିବା ସହ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋମବାର ସନ୍ଧ୍ୟାରେ ପୀଡ଼ିତା ବିଷମକଟକ ଥାନାରେ ପହଞ୍ଚିବା ପରେ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ବିଷମକଟକ ଉପକାରାଗାରକୁ ନିଆଯାଇଥିଲା। ସେଠାରେ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ଟିଆଇ ପ୍ୟାରେଡ୍ ସମ୍ପନ୍ନ ହୋଇଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଏହି ଟିଆଇ ପ୍ୟାରେଡ୍ ମାମଲାର ବିଚାର ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଭାବେ ବିବେଚନା କରାଯାଉଛି।

**ବିଷମକଟକ ଉପକାରାଗାରରେ ୨୪ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ**



## ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଜାମିନ ପାଇଁ ହାଇକୋର୍ଟରେ ଭୀମସେନ

କଟକ,୬।୭(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଗତ ଜୁଲାଇ ୧ରେ କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ଟୁଡୁଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଥାଉକି ଚନ୍ଦ୍ରିକାଙ୍କ ମୃତଦେହ କାଠଯୋଡ଼ି କୂଳରୁ ମିଳିବା ପରେ ଗତ ଜୁନ ୪ରେ ବାରଙ୍ଗ ଥାନାରେ ଚନ୍ଦ୍ରିକାଙ୍କ ପରିବାର ତରଫରୁ ଏତଲା ଦିଆଯାଇଥିଲା। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଅଭିଯୋଗ ଆଧାରରେ ଜୁନ ୧୩ରେ ଶ୍ରୀ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପରେ ଗତ ଜୁନ ୨୭ରେ ଶ୍ରୀ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଥିଲା। ସେ ଓଡ଼ିଶା ଟାକ୍ସେସନ ଓ ଆକାଉଣ୍ଟସ ସର୍ଭିସର ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ।


**RURAL WOMEN'S HIGHER SECONDARY SCHOOL**
At /PO.: Banpur, Dist.: Khordha, PIN-752031

**Walk-in-Interview**

Wanted Contractual Teaching Faculties for PGT ENGLISH. A walk-in-interview will be held on **21.07.2026(Tuesday)at 10.30 A.M.** in the office of the undersigned. Candidate having 55% marks in concerned subject are requested to send their resume, photo copies of original certificates and their testimonials (Having B.Ed. Preference will be given first) before **21.07.2026** through our E-mail: rwc.banpur@gmail.com. and produce all original documents at the time of Interview.

**Sd/- Principal Rural Women's Higher Secondary School, Banpur**

Office of the Principal
**KANSBAHAL HIGHER SECONDARY SCHOOL LAING, SUNDARGARH**
Mail-principalkblcollege@yahoo.in, Mobile No- 9439104355

**Walk-in-Interview**

A walk-in-interview for the selection a post of Lecturer in Odia (Management Post) will be held in the office of the undersigned on 14/07/2026 at 11:00 am. Interested candidates with 50% or above mark in the concerned subject may attend the interview with their bio-data,originals and a set of xerox copies of their educational documents. No TA/DA will be given.

Principal
Kansbahal H.S School Laing
Sundargarh

GOVERNMENT OF ODISHA 25001/659/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
L.I. No. 4605 Dt. 01.07.2026

**CANCELLATION OF TENDER**

The tender for the work Sl. No. 06 – Maintenance and Repair of R.I. Office-cum-Residence at Santoshpur in the Tender Call Notice Bid Identification No. Online-EERKL-15 of 2026-27 invited by the Executive Engineer, Rural Works Division-II, Sundargarh is hereby cancelled due to technical issues.

OIPR-25001/25193/1/26-27/0034
**Executive Engineer**
**R.W. Division-II, Sundargarh**

**AFFIDAVIT**

I, JASPAL SINGH, S/O SOHAN SINGH BHOGAL resident of At - Nua Sahi First Lane, PO/PS - Jeypore, Dist - Koraput - 764001, Odisha declare by this Affidavit No. 2994, Dated - 06/07/2026, that now onwards I shall be known as **JASPAL SINGH BHOGAL** for all future purposes.

**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: SnT_RTM_W_26_15_Signal • ତାରିଖ: 02.07.2026 • କାର୍ଯ୍ୟର ନାମ: ରତଲାମ ମଣ୍ଡଳର ନାଗଦା–ଭୋପାଳ ସେକ୍ସନ୍‌ର ୯ଟି ଷ୍ଟେସନ (ଆକୋଡିଆ, ଶୁଜାଲପୁର, କାଲାପିପାଲ, କାଛି, ପରବତୀ, ବାକାଲ, ସେହୋର, ପଞ୍ଚାୱାନ ଏବଂ ବକାନିଆନ ଭାଉରୀ) ଠାରେ ବର୍ତ୍ତମାନର PI ସିଷ୍ଟମ୍‌କୁ ନୂତନ EI ସିଷ୍ଟମ୍‌ରେ ପରିବର୍ତ୍ତନ ସହିତ ସମ୍ବନ୍ଧିତ ବାହ୍ୟ ସିଗ୍ନାଲିଂ କାର୍ଯ୍ୟ ପାଇଁ S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ। • ଟେଣ୍ଡରର ଆନୁମାନିକ ମୂଲ୍ୟ: ଟ.33,02,93,402.53/- • ବିଡ୍ ସିକ୍ୟୁରିଟି/ଅର୍ନେଷ୍ଟ ମନି: ଟ.66,05,900.00/- • ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା • ଟେକ୍ନିକାଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: 31.07.2026 ତାରିଖ ଅପରାହ୍ନ 3.30 ଘଣ୍ଟା ପରେ • କମର୍ସିଆଲ୍ ବିଡ୍ ଖୋଲିବାର ତାରିଖ ଓ ସମୟ: ଟେକ୍ନିକାଲ୍ ବିଡ୍‌ର ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚିତ କରାଯିବ। • କାର୍ଯ୍ୟ ସମାପ୍ତିର ଅବଧି: 24 ମାସ। • ଟେଣ୍ଡରିଂ ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବାର ସ୍ଥାନ: ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (କାର୍ଯ୍ୟ), ଡିଆରଏମ୍ କାର୍ଯ୍ୟାଳୟ, ରତଲାମ (ମଧ୍ୟପ୍ରଦେଶ)। ଟେଣ୍ଡରଟି www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଦେଖିହେବ ଏବଂ ଅଫର୍ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ହିଁ ଦାଖଲ କରିବାକୁ ପଡ଼ିବ। CRY/06/126

Like us on: facebook.com/WesternRly

**କବଲା ହଜିଛି**

ଏତଦ୍ୱାରା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଟକଙ୍କ ଇଜଲାସରେ ସତ୍ୟାପନ ହୋଇଥିବା ସତ୍ୟପାଠ ପ୍ରକାରେ ମୁଁ ଅମାୟିକ ଦେବାଶିଷ ପ୍ରଭୁପାଦ ସ୍ୱାଇଁ, ପିତା- ନକୁଳ ଚରଣ ସ୍ୱାଇଁ, ସା- ଜ୍ୟୋତ୍ସ୍ନା ବିହାର, ପୋ- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକ-୭୫୩୦୦୧ ଏହା ଘୋଷଣା କରେକି ମୁଁ ଅଟୋରିକ୍ସାରେ କଟକ ଯାତ୍ରା କରିବା ସମୟରେ ସୁକାନ୍ତି ଦାସଙ୍କ ନାମରେ ପଞ୍ଜୀକୃତ ପ୍ଲଟ୍ ନଂ୧୮୬୮/୪୨୭୧, ଖାତା ନଂ.୧୧୬୨/୩୫୪୦, ମୌଜା- ଭାଣପୁର, ଥାନା- କଟକ ସଦର, ଜିଲ୍ଲା- କଟକର ଅସଲ ବିକ୍ରି କବଲା ସଂ୧୦୩୯୧୮୦୩୦୩୭ କେଉଁଠାରେ ହଜାଇ ଦେଇଛି, ଯାହାର ଅଶେଷ ପ୍ରୟାସ ସତ୍ତ୍ୱେ ସନ୍ଧାନ ମିଳୁନାହିଁ। ଯଦି ସନ୍ଧାନ ମିଳେ, ତେବେ ଯୋଗାଯୋଗ କରନ୍ତୁ: ସୋମନାଥ ପଟ୍ଟନାୟକ- 8420011985

**ODISHA MINING ADARSHA VIDYALAYA**
At- Phulbad, PO-Umuri, Jeypore, Dist-Koraput (Odisha) -764002
(An English Medium Secondary School under Ministry of S & M E,
Govt. of Odisha, Sponsored by Odisha Mining Corporation)
**Phone: 7978897651 | E-mail: principalomavjeypore@gmail.com**

**SHORT TENDER CALL NOTICE No. 01/26**

Sealed tenders are invited from registered firms having GST number and Tax Clearance for the supply of Grocery Items, Daily Use Toiletries, Perishable Items, Students' TLM, School Uniforms and Sports Items. The completed tender documents must reach The Principal, Odisha Mining Adarsha Vidyalaya, At-Phulbad, PO-Umuri, Dist-Koraput, PIN-764002 by Registered/Speed Post on or before **15 July 2026 at 5.00 P.M.** The envelope should be superscribed "**TENDER SUBMITTED FOR ______ ITEM.**" The tender paper for each item along with the terms and conditions may be downloaded from the school website: https://oav.edu.in/OMAVRAY. The tenders will be opened in the presence of the tenderers or their duly authorised representatives at **11.00 A.M. on 17 July 2026.** The Principal, Odisha Mining Adarsha Vidyalaya, Jeypore, reserves the sole right to reject any or all tenders without assigning any reason and may also change the date of opening of the tender through notification on the above-mentioned website. Tenderers should not submit more than one item in a single envelope. Separate envelopes must be submitted for each item for which the tenderer wishes to apply.

**Sd/-Principal, OMAV, Jeypore**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SD/O/SER/ 2500001236: Rate Contract for General Civil Works.**
2. **TPWODL/AK/O/SU/ 2500001237: Rate Contract for MCCB With enclosure of various ratings.**
3. **TPWODL/VP/O/SU/2500001233: Rate Contract for supply of Earthing Coil and Earthing Pipe.**
4. **TPWODL/SA/O/SITC/2500001232: Supply, Installation, Testing and Commissioning of 11 KV & 33KV Single circuit towers at river crossing locations under ODSSP-IV**

Interested bidders to submit Tender Participation Fee and Authorization Letter through email **before 18th July 2026, 15:00 Hrs.** for **SL. NO. 1,3 &4** and on and **before 14th July 2026** for **SL. No. 2** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Chief-TS, Contracts & Stores**

GOVT. OF ODISHA 25001/661/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail: eerw_anandapur@yahoo.co.in
No. 5051 Date: 03.07.2026

**2nd Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 & 1st Corrigendum Notice No. 4560 dated 25.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender in: O/o the S. E.R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-Online 09/EE/RW/AND /2026-27 | 17.07.2026 at 10.00 A.M. | 27.07.2026 up to 5.00 P.M. | 24.07.2026 up to 5.00 P.M. | 28.07.2026 at 11.30 A.M. in the |

**All other contents remain unchanged.**
**Sd/- Superintending Engineer**
**R.W. Division, Anandapur**
OIPR-25001/25055/1/26-27/0012

GOVERNMENT OF ODISHA 25001/654/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**L.I. No. 4678 / Dt. 04.07.2026**
1st Corrigendum to Bid Identification No. Online – EERKL-16/2026-27

Due to some unavoidable circumstances in respect of the tender for Building Works invited in Tender Call Notice **Bid Identification No. Online – EERKL-16/2026-27** by the Executive Engineer, Rural Works Division-II, Sundargarh, the date of online bidding and opening of the tender, which was scheduled from **30.06.2026 to 07.07.2026**, is hereby extended as follows:

| Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From: | To | | Online-EERKL-16/2026-27 |
| 06.07.2026 at 10.00 A.M. | 14.07.2026 up to 5.00 P.M. | **13.07.2026 up to 5.00 P.M.** | **15.07.2026 at 11.00 A.M.** |

**Executive Engineer**
**R.W. Division-II, Sundargarh**
OIPR-25001/25193/1/26-27/0033

25001/663/2627
E.Mail – rw_sundargarh@yahoo.co.in
Ph – 06622-272280 (off)
**OFFICE OF THE SUPERINTENDING ENGINEER**
**RURAL WORKS DIVISION: SUNDARGARH**
**1st Corrigendum to Bid Identification No Online-SESNG-07 of 2026-27**

In continuation to this office bid Identification No: Online-SESNG-07 of 2026-27 invited vide this office notice no. 4445 dt. 18.06.2026 is partially modified for the work TCN has been made as follows:-

| Sl No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 29.06.2026 at 11.00 A.M to 09.07.2026 up to 06.00 P.M | Extended up to 15.07.2026 up to 5.00 P.M |
| 2 | Last date of seeking clarification | 08.07.2026 at 11.00 A.M | Extended up to 14.07.2026 up to 11.00 A.M |
| 3 | Date of Opening of Tender | 10.07.2026 at 10.00 A.M | Extended up to 15.07.2026 at 05.10 P.M |

All other terms & conditions remain unchanged.
**Superitending Engineer**
**R.W. Division, Sundargarh**
OIPR-25001/25046/1/26-27/0011

8001/187/2627
**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,ବାମରା ବନ୍ୟପ୍ରାଣୀ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER: BAMRA WILDLIFE DIVISION**
**AT/PO:** Bamra, **Dist:** Sambalpur, Odisha – 768221
**Mob. No.:** 9437960711
**E-mail ID:** dfo.bamrawl@odisha.gov.in
**EoI No. 04 Dated: 06.07.2026**

**INVITATION FOR EXPRESSION OF INTEREST (EoI)**

For engagement of scientific consultant NGO / Non-profit Organization / Agency for preparation of Zonal Master Plan of Eco Sensitive Zone (ESZ) around Khalasuni and Badrama Wildlife Sanctuaries under Bamra Wildlife Division.

The Divisional Forest Officer, Bamra Wildlife Division, Bamra, Sambalpur invites applications from NGOs / Non-profit organizations / agencies for preparation of the Zonal Master Plan of Eco Sensitive Zone (ESZ) of Khalasuni and Badrama Wildlife Sanctuaries.

NGOs / Non-profit organizations / Agencies fulfilling the eligibility requirements may submit their applications to the Divisional Forest Officer, Bamra Wildlife Division, Bamra, Sambalpur, latest by 05.00 P.M. on 30.07.2026, as per the EoI document.

The Technical Bids shall be opened on 31.07.2026 at 11.00 A.M. The detailed EoI is available on the following websites: www.sambalpur.odisha.gov.in, www.odishaforest.in

**Divisional Forest Officer**
**Bamra Wildlife Division**
OIPR-8001/8144/1/26-27/0004

**OFFICE OF THE PRINCIPAL**
**SINDHA DEVI HIGHER SECONDARY SCHOOL, NANDAPUR**
DIST.- KORAPUT, PIN: -764037
PH. NO.: 06868-273554, MOB.: 08763240445, Email: sdm.ndp@gmail.com
Letter No. 242/SDHSS/2026 Date: 06.07.2026

**ADVERTISEMENT**

Application with Bio-Data is invited from interested candidates along with relevant certificates and a passport size recent coloured photo by registered/speed post/in person for appointment for the academic session **2026-27**. Age as per the Govt. of Odisha norms. The last date of receipt of application is **Dt. 21.07.2026.** Applications received after the last date of application shall be summarily rejected. The candidates are requested to remain present at **11.00 A.M. on 29.07.2026** at **SDHSS, Nandapur, Dist.- Koraput** along with all the original certificates for verification & interview. **No TA/DA will be paid for attending the interview.**

| Post | Essential Qualification | Consolidated Remuneration per month |
|---|---|---|
| **Guest Faculty in Odia, History and Commerce** | Master's Degree in the subject concerned with at least **55% marks** or equivalent Grade. | **Rs. 13,500/- (Thirteen Thousand Five Hundred)** |
| **Assistant Librarian (Contractual)** | Graduation in Arts/Commerce/Science with Bachelor Degree in Library and Information Science. | **Rs. 11,000/- (Eleven Thousand)** |

**Principal-cum-Secretary**
Sindha Devi Higher Secondary School
Nandapur, Dist. Koraput
Odisha, Pin - 764037

32001/503/2627
**OFFICE OF THE SUPERINTENDING ENGINEER**
**EARTH DAM DIVISION, CHITRAKONDA**
**DISTRICT: MALKANGIRI**
**E-mail ID:** executiveengineereddckd@gmail.com
**e-Procurement Notice No. SE-EDD-CKD-03/2026-27**

1. **Type of Works:** River Bank Flood Protection Work
2. **Total No. of Works:** One (01) No.
3. **Estimated Cost:** Rs. 98.63 Lakh
4. **Period of Completion:** Six (6) Calendar Months
5. **Class of Contractor:** 'B' Class

| Procurement Officer | Bid Identification No. | Availability & Submission of Bids online | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Earth Dam Division, Chitrakonda | SE-EDD-CKD-03(1)/2026-27 | 10.07.2026 at 10.00 A.M. | 24.07.2026 up to 5.00 P.M. |

**Date of Opening of Tender/Bid: 27.07.2026 at 10.30 A.M.** in the office of the **Superintending Engineer, Earth Dam Division, Chitrakonda.**
**Further details can be seen from the Government Website:** www.tendersodisha.gov.in

**(Er. K. C. Sheti)**
**Superintending Engineer**
OIPR-32001/32019/1/26-27/0005 Earth Dam Division, Chitrakonda, Malkangiri (Odisha)

**AFFIDAVIT**

By virtue of an affidavit sworn before the Notary Public, Rayagada, No. 7147 dated 06.07.2026, I, Kamala Kanta Dandasena, S/o- Nalini Ranjan Dandasena, At-Paiko Street, Kashipur, PO/PS-Kashipur, Dist-Rayagada, Odisha-765015, declare that my father's name is wrongly recorded as Nalini Dandasena instead of Nalini Ranjan Dandasena in my Passport. Henceforth, my father shall be known as **Nalini Ranjan Dandasena** for all purposes.

**AFFIDAVIT**

I, Sandhyarani Dash, D/o. Late Umesh Chandra Dash, W/o. Manas Ranjan Mahapatra, resident of at 40/B, BDA HIG Duplex, Baramunda, Bhubaneswar, Ps- Bharatpur, Dist-Khurda, Odisha, hereby declare that, I have changed my name from **Sandhyarani Dash to Sandhyarani Mahapatra** is one and same person for all purpose, by way of vide affidavit No.20/ 18.02.2026 at Executive Magistrate Bhubaneswar.

**AFFIDAVIT**

By Virtue of an Affidavit before the Executive Magistrate, Bhadrak, vide Affidavit No.-7949, on dtd. 03.07.2026, I Sk. Hedatulla, aged 50 years, S/o Sk. Baraktulla, At-Bankamohalla, P.O./P.S.-Purunabazar, Dist- Bhadrak, Odisha, on behalf of my minor son SK. MAHEMOOD, in his Birth Certificate but wrongly it has been mentioned as SK. MAHIUDDIN in Aadhaar Card bearing No. 3205 2157 8158. SK. MAHEMOOD & SK. MAHIUDDIN is one and same. This Affidavit is for Aadhaar Correction.

**AFFIDAVIT**

By virtue of an affidavit sworn before Notary Public: Bargarh vide no.386 dtd.04.07.2026, I, Sabnam Khatun, W/o- Mohammad Jilani, D/o- Resau Chandra Behera, resident of At- Barahaguda Canal, Po.- Barahaguda, Ps.- Rural, Dist.- Bargarh state that, my father's original name is **Resau Chandra Behera** but in my Pass Port I.D.Card bearing no. L3220083 my father's name has been wrongly mentioned as Keshab Behera, whereas in my Voter's ID no. ACU1622745 my father's name reflected as Subal Sahu. That **Resau Chandra Behera, Keshab Behera** and **Subal Sahu** belongs to same and one person.

**AFFIDAVIT**

By virtue of an affidavit CF No. 46, dtd- 02.07.2026 sworn before The Executive Magistrate, Bhubaneswar. I, **Manas Kumar Mallik,** S/o Late Bira Kishore Mallik, resident of AT/PO-Khujenpali, PS: Balangir, Odisha, PIN: 767002 have changed my name & my wife name from **(M.K. Mallik** to **Manas Kumar Mallik)** & **(Janki Mallik** to **Janaki Mallik)** in my daughter's **(Arpita Mallik)** birth certificate vide Regd. No. 137, dtd- 28.02.2009.

## ଲୋପ ପାଉନି କୁତ୍ସିତ ମାନସିକତା

# ପ୍ରେମ ବିବାହ ପାଇଁ ପରିବାର ବାସନ୍ଦ

ପାରଳାଖେମୁଣ୍ଡି, ୬।୭ (ସମିସ)

ସମାଜରୁ ବାସନ୍ଦ ଭଳି ଗୁରୁତର ଅଭିଯୋଗ ଆସିଛି ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଡାଲିମ୍ବପୁର ଗ୍ରାମରୁ। ପ୍ରେମ କଲା ବୋଲି ଗ୍ରାମର ଜନୈକ ପରିବାରକୁ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି ଗାଁର କଥାକଥିତ ମୁଖିଆଙ୍କ ସହ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି। ଗ୍ରାମରେ ବୈଠକ କରି ଆର୍ଥିକ ଦଣ୍ଡାଦେଶ ଦିଆଯାଇଛି ତାହା ଭରଣ ନ କରିପାରି ଗାଁରୁ ହୋଇଛନ୍ତି ବାସନ୍ଦ। ସାମୁହିକ ନଳକୂପ ବ୍ୟବହାରକୁ ବାରଣ କରିଥିବା ବେଳେ, ଚାଷ ଜମିକୁ ପାଣି ଛାଡିବା ମନା, ଏପରିକି ଚାଷ ଜମିରେ ଚାଷ କରିବା ପାଇଁ ଟ୍ରାକ୍ଟର ଓ ମିକ ମଧ୍ୟ ମନା, ଗାଁରେ ଦୋକାନରୁ କିଣି ପାରିବେନି କୌଣସି ସାମଗ୍ରୀ, ମନ୍ଦିରରେ ଭଗବାନଙ୍କ ଦର୍ଶନ ମଧ୍ୟ କରିପାରିବେ ନାହିଁ ଏହି ବାସନ୍ଦ ପରିବାର। ଗ୍ରାମର କୌଣସି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ନାହିଁ। ପରିବାର ସହିତ ଯିଏ ବି ସମ୍ପର୍କ ରଖିବ ତାଙ୍କୁ ସମାନ ଦଣ୍ଡ ଭୋଗିବାକୁ ପଡିବ। ଦୀର୍ଘ ଦିନ ଧରି ଏଭଳି ଅନେକ ନିର୍ଯାତନାକୁ ସହି ନ କରି ପାରି ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରୁନି। ତେବେ ବାସନ୍ଦ ପରିବାର ଥାନାର ଦ୍ୱାରସ୍ଥ ହେବା ଜାଣି ଏହାକୁ ପ୍ରତିବାଦ କରୁଛନ୍ତି କଥାକଥିତ ଗ୍ରାମ ମୁଖିଆ ଓ ତାଙ୍କର ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ। ଏହାପରେ ଆହୁରି ଆକ୍ରୋଶର ଶିକାର ହୋଇଥିଲେ

### ପ୍ରଶାସନର ଦ୍ୱାରସ୍ଥ ହେଲେ ପରିବାର ବର୍ଗ

ପୀଡ଼ିତ ପରିବାର। ଏପରିକି ଏନେଇ କୌଣସି ସ୍ଥାନରେ ଅଭିଯୋଗ କଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ, ଯାହାକୁ ନେଇ ମନରେ ଭୟ ଓ ଆତଙ୍କିତ ହୋଇ ରହିଥିବା ବେଳେ ଥାନାରେ ଅଭିଯୋଗ ପରେ ଏହାର ପୁନରାବୃତ୍ତି



ହେବାର ଆଶଙ୍କା ରହିଛି। ଯାହାକୁ ନେଇ ନିଜକୁ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି ପୀଡିତ ପରିବାର। ଆଜି ମଧ୍ୟ ଏହି ପୀଡ଼ିତ ପରିବାର ନିଜକୁ ଅସୁରକ୍ଷିତ ମଣିବା ଏବଂ ସମାଜରୁ ଏପରି ବାସନ୍ଦ ହୋଇଥିବାକୁ ନେଇ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଆଉ ପ୍ରଶାସନକୁ ମଧ୍ୟ ସବୁ କଥା ବଖାଣି କହିଥିଲେ। ହେଲେ ପ୍ରଶାସନ ମଧ୍ୟ କିଛି ଦିନ ପରେ ଶୁଣାଣି କରିବ ବୋଲି କହି ପଠେଇଦେଇଥିବାର ପୀଡ଼ିତ ପରିବାର କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଆଧୁନିକ ବିଜ୍ଞାନ ଯୁଗରେ ମଣିଷ ଚନ୍ଦ୍ରରେ ପାଦ ଥାପିଲାଣି କିନ୍ତୁ ସମାଜରେ ଏମିତି ବି ଲୋକ ଅଛନ୍ତି କୁତ୍ସିତ ପରମ୍ପରାକୁ ପ୍ରଶ୍ରୟ ଦେଇ ଲୋକଙ୍କୁ ଭୟଭୀତ କରି ରଖିବା ସହ ନିର୍ଯାତନା ଦେଉଛନ୍ତି। ସାଧାରଣ ଲୋକଙ୍କ ସମାଜରେ ସ୍ୱଚ୍ଛନ୍ଦରେ ବଞ୍ଚିବା ଅଧିକାର କ୍ଷୁର୍ଣ୍ଣ କରୁଛନ୍ତି, ଯାହା ଆଇନଗତ ଏକ ଗୁରୁତ୍ତର ଅପରାଧ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏଭଳି ଘଟଣା ବାରମ୍ବାର ନଜରକୁ ଆସୁଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଅନତି ଦୁରରେ ଥିବା ଏହି ଗ୍ରାମରେ ସାମାଜିକ ବାସନ୍ଦ ଭଳି ଏହି ଘଟଣା ସାମାଜିକ ସୁରକ୍ଷା ବିଭାଗୀୟ କର୍ମଚାରୀଙ୍କ ନଜରକୁ ଆସିଲା ନାହିଁ କିପରି ? ନା ସେମାନେ ବି ଏହି ପ୍ରଭାବଶାଳି ଲୋକଙ୍କ ଚାପରେ ପଡି ଜାଣିଶୁଣି ସବୁ ଚୁପ୍ । ସରକାରଙ୍କ ଏତେ ସବୁ ପଦକ୍ଷେପ ଓ ସଚେତନତା ଏଠି ଫେଲ୍ ମାରିଛି । ଘଟଣାକୁ ଭିଆଇଥିବା ବ୍ୟକ୍ତି ମାନେ ଆଇନକୁ ହାତକୁ ନେବା ପାଇଁ ସାହାସ ପାଉଛନ୍ତି କେଉଁଠୁ । ଘଟଣା ସାମ୍ନାକୁ ଆସିବା ପରେ ପରିବାରକୁ ସୁରକ୍ଷା ଯୋଗାଇଦେବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଶା କରାଯାଉଛି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।

## ହାପିନେସ୍‌କୁ ହାଏ; ଟେନସନ୍‌କୁ ବାଏବାଏ



ବେଲଗୁଣ୍ଠା, ୬।୭ (ସମିସ): ବେଲଗୁଣ୍ଠା ବ୍ଲକ୍ ଗୋବରା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମାଜ କଲ୍ୟାଣ ପାଇଁ ହାପିନେସ୍‌କୁ ହାଏ, ଟେନସନ୍‌କୁ ବାଏ ବାଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଯାଜ୍ଞସେନୀ ଭଉଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଆନ୍ତର୍ଜାତୀୟ ବକ୍ତା ଡ ଶକ୍ତିରାଜ୍ ଭାଇ ଯୋଗ ଦେଇ ମନକୁ ଚାପମୁକ୍ତ କରିବା ପାଇଁ ସେ ବିଭିନ୍ନ ପ୍ରକାର ଗୀତ ଶୁଣାଇଥିଲେ। ଅନ୍ୟତମ ଅତିଥି ରୂପେ ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ଉପସ୍ଥିତ ରହି ଅନୁଷ୍ଠାନର ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଦ୍ୱିତିକୃଷ୍ଣ ସାହୁ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ବିଶ୍ୱ ଭାରତୀ ଅଧ୍ୟକ୍ଷ କୁଞ୍ଜ ବିହାରୀ ନାୟକ, ଏସ୍ ରାମେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ।

## ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ




ବ୍ରହ୍ମପୁର, ୬।୭ (ସମିସ): ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ପକ୍ଷରୁ ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ ଅବସରରେ "ଛାତ୍ର ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଗଞ୍ଜାମ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ବି. ସୋମନାଥ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଜେପି ଓଡ଼ିଶାର ବରିଷ୍ଠ ନେତା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଗଞ୍ଜାମ ଜିଲ୍ଲା ବିଜେପିର ସଭାପତି ସରୋଜ ସାବତ, ଯୁବମୋର୍ଚ୍ଚା ଓଡ଼ିଶାର ରାଜ୍ୟ ଉପସଭାପତି ତୁତୁନ ପାତ୍ର, ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସୌଭାଗ୍ୟ ମହାନ୍ତି, ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟ ବେବର୍ତ୍ତା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ସାମନ୍ତରାୟ, ସିଦ୍ଧାନ୍ତ ଗଙ୍ଗଦେବ ଓ କାର୍ଯ୍ୟକ୍ରମ ସଂଯୋଜକ ସୁମିତ ପାତ୍ର, ସହ ସଂଯୋଜକ ଗୋପୀନାଥ ମହାରଣା, ସୁମନ ରାଉଳ ଓ ଆଲୋକ ସାହୁ, ରାମ ବାବୁ, ବିକ୍ରମ ପାଣିଗ୍ରାହୀ, ଆକାଶ ଗୌଡ଼, ସୁନୀଲ ଦୋରା, ଶକ୍ତି ପଟ୍ଟନାୟକ, ଶୀତଲ ଜେନା, ଶ୍ରୀଧର ପାଳ ପ୍ରମୁଖଙ୍କ ସହ ବହୁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ପ୍ରଦୀପ ନାୟକ, ସୂର୍ଯ୍ୟ ନାରାୟଣ ଦାସ, ଶିବ ଶଙ୍କର ନାୟକ, ସବିତା ସୁଆର, ବନମାଳୀ ସେଠୀ, ବଦ୍ରି ନାୟକ ଓ ଆଲୋକ କୁମାର ସାହୁ ଉପସ୍ଥିତ ଥିଲେ।

## ମୋହନା ପ୍ରେସ୍ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ




ମୋହନା, ୭।୭ (ସମିସ): ୭୭ ତମ ବନ ମହୋତ୍ସବ ଅବସରରେ ଗଜପତି ଜିଲ୍ଲା ମୋହନା ପ୍ରେସ କ୍ଲବ ପକ୍ଷରୁ ବୃକ୍ଷ ରୋପଣ କରାଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଗଛର ଆବଶ୍ୟକତା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଭିକାରି ଚରଣ ବେହେରା, ସାହିତ୍ୟ ଘର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ବିଷୋୟୀ, ଉପଦେଷ୍ଟା ମଧୁସୂଦନ ପାଢ଼ୀ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଆରତି ପାଢ଼ୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶରତ ମଲ୍ଲିକ, ବନପାଳ ଲକ୍ଷ୍ମୀକାନ୍ତ ପାତ୍ର, ବନରକ୍ଷୀ ଗାୟତ୍ରୀ ପ୍ରଧାନ, ସୌଦାମିନୀ ପଟ୍ଟନାୟକ, ହିଲଟପ କଲେଜ ଅଧ୍ୟକ୍ଷ ଏସ. ରମେଶ, ପ୍ରେସ କ୍ଲବ ଆଇନ ପରାମର୍ଶଦାତା ସୀମାଞ୍ଚଳ କାର୍ଜି ପ୍ରମୁଖ ଯୋଗଦେଇଥିଲେ। ମୋହନା ପ୍ରେସ୍ କ୍ଲବ ସଭାପତି ସୁମନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ-ସଭାପତି ଅଂଶୁମାନ ପଣ୍ଡା, ସମ୍ପାଦକ ବାବୁଲା ସେଠି, ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ପଞ୍ଚାନନ ଦାସ, ୟୁ ରାଜେନ୍ଦ୍ର ଦୋରା ଓ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିବାହିତାଙ୍କୁ ଦ୍ୱିତୀୟ ବିବାହ ପରେ ଧୋକା

### ବିବାହିତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ୍

ଦିଗପହଣ୍ଡି, ୬।୭ (ସମିସ): ଦିଗପହଣ୍ଡି ବ୍ଲକ ଅଧିନ ଏକ ଗାଁ ରେ ରହୁଥିବା ଜଣେ ବିବାହିତା(୩୦) ଙ୍କୁ ପ୍ରେମ କରି ଦ୍ୱିତୀୟ ବିବାହ କରିବା ପରେ କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ଏକ ଗାଁ ର ଶିବଶଙ୍କର ନାୟକ(୨୮) ତାଙ୍କୁ ଧୋକା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୨୮୨/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା -୬୯/୩(୫) ଏବଂ ଆଇଟି ଆକ୍ଟ ର ଧାରା-୬୭(ଏ) ଅନୁଯାୟୀ ମକଦ୍ଦମା ରୁଜୁ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତା ଓ ଅଭିଯୁକ୍ତ ଙ୍କ ଡାକ୍ତରୀ ମାଇନା କରାଇଥିଲେ। ଥାନାରେ ଜଣେ ମହିଳା ପୋଲିସ ଅଧିକାରୀ ପୀଡ଼ିତା ଙ୍କ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତଙ୍କୁ ସୋମବାର ରାତି ପ୍ରାୟ ୮ ଟାରେ କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ମହିଳା ଙ୍କ ବାପ ଘର ଗୋଳନ୍ଥରା ଥାନା ଅଧିନ ଏକ ଗାଁରେ। ସେ ସେଠାରେ ରହୁଥିବା ବେଳେ ଶିବଶଙ୍କର ଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଶିବଶଙ୍କର ତାଙ୍କୁ ଦ୍ୱିତୀୟ ବିବାହ କରି ସ୍ତ୍ରୀର ମର୍ଯ୍ୟାଦା ଦେବାର ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଶାରିରୀକ ସମ୍ପର୍କ ରଖିଥିଲେ। ମହିଳା ଜଣକ ତାଙ୍କୁ ବିବାହ କରିବାକୁ କହିବାରୁ ଶିବଶଙ୍କର ମହିଳାଙ୍କୁ ଦିଗପହଣ୍ଡି ବ୍ଲକ ଶ୍ରୀ ଉଜ୍ଜଳେଶ୍ୱର ଶୈବପୀଠକୁ ଡାକି ନେଇ ଗାନ୍ଧର୍ବ ରୀତିରେ ଫୁଲମାଳ ପିନ୍ଧାଇ ବିବାହ କରିଥିଲେ। ଉଭୟେ ସ୍ୱାମୀ ସ୍ତ୍ରୀ ଭାବେ ଏକତ୍ର ରହୁଥିଲେ। ଏହି ସମୟରେ ମହିଳାଙ୍କ ଅଜାଣତରେ ଶିବଶଙ୍କର ତାଙ୍କ ମୋବାଇଲ ଫୋନ ରେ ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭିଡ଼ିଓ ଉତ୍ତୋଳନ କରି ପାଖରେ ରଖିଥିଲେ। ଶିବଶଙ୍କର ଙ୍କ ପ୍ରଥମ ସ୍ତ୍ରୀ ଅନ୍ୟ ଜଣେ ମହିଳା ଙ୍କ ସହ ତାଙ୍କ ସ୍ୱାମୀ ଙ୍କ ଆପତ୍ତିଜନକ ଫଟୋ ଭିଡିଓ ଦେଖିବା ପରେ ସେଗୁଡ଼ିକୁ ଶ୍ୱଶୁର ଘର ଲୋକଙ୍କ ମୋବାଇଲ ହ୍ୱାଟସ୍ ଅପ୍ ଗୁଡ଼ିକୁ ଭାଇରାଲ କରି ଦେଇଥିଲେ। ଶିବଶଙ୍କର ଏହା ଜାଣିବା ପରେ ବ୍ୟତିବ୍ୟସ୍ତ ହୋଇ ପୀଡ଼ିତାଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରିଦେଇଥିଲେ। ଫଳରେ ପୀଡ଼ିତା ଉପାୟଶୂନ୍ୟ ହୋଇ ଶୁକ୍ରବାର ଦିଗପହଣ୍ଡି ଥାନାରେ ପହଞ୍ଚି ଶିବଶଙ୍କରଙ୍କ ବିରୋଧରେ ଏତଲା ଦେଇଥିଲେ।

## ଲଗାଣ ବର୍ଷାଜନିତ କ୍ଷୟକ୍ଷତି ଅନୁଧ୍ୟାନ କଲେ ବିଡିଓ



ରାଇକିଆ, ୬।୭ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ମଣ୍ଡାକିଆ ଗ୍ରାମ ପାଞ୍ଚାୟତ ସଭାଗୃହରେ ବିଡିଓ ସବ୍ୟସାଚୀ ସାହୁଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବିଭିନ୍ନ ୱାର୍ଡରୁ ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତକରଣସମସ୍ୟା, ଗୃହ ଯୋଗାଣ , ଭତ୍ତା, ସ୍କୁଲ ଗୃହ ମରାମତି ଇତ୍ୟାଦି ଅଭିଯୋଗ ଗୁଡ଼ିକର ଶୁଣାଣୀ କରି ଏହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦ?ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଜଳନ୍ଧର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବଣ୍ଟି ଚୌଧୁରୀ, ଜି ପି ଡି ଓ ମହେଶ ପଟ୍ଟନାୟକ, ଏପିଓ କେଦାର ପଣ୍ଡା, ବିଏସଏସ ଓ ରାମକୃଷ୍ଣ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ମଣ୍ଡାକିଆ ପିଇଓ ସୁଦିପା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ବିଡ଼ିଓ ବର୍ଷାଜନିତ କ୍ଷୟକ୍ଷତି ଆକଳନ କରିବା ସହ ଭାଙ୍ଗିଯାଇଥିବା ଘର ସବୁ ବୁଲି ଦେଖିଥିଲେ । ଏବଂ ଅଙ୍ଗନୱାଡି କେନ୍ଦ୍ର ଓ ମଣ୍ଡାକିଆ ହାଇସ୍କୁଲ୍ ଖେଳ ପଡ଼ିଆ ଉନ୍ନତିକରଣ ପାଇଁ ଅନୁଧ୍ୟାନ କରିଥିଲେ।

## ଅର୍ଦ୍ଧନିର୍ମିତ ପୋଲରେ ଫସିଲା ୨୨ ଚକିଆ କଣ୍ଟେନର୍

ତୁମୁଡିବନ୍ଧ, ୬।୭ (ସମିସ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଠାରୁ ଦୁର୍ଗାପଙ୍ଗା ରାସ୍ତାରେ ଥିବା ଏକାଧିକ ପୋଲ ରହିଥିବା ବେଳେ କୌଣସି ପୋଲ ଅର୍ଦ୍ଧ ନିର୍ମିତ ନିମ୍ନମାନର କାମ କରି ଛାଡି ଦେବା ଫଳରେ ବର୍ତ୍ତମାନ ଲଗାଣ ବର୍ଷା ପାଣି ଚାଲୁଛି। ଫଳରେ ଟ୍ରକ ବସ ଫସି ଦୀର୍ଘ ସମୟ ରୋଡ଼ ଜାମ ହେଉଛି। ତେବେ ଏହିସବୁ ଘଟଣା ଦୁର୍ଘଟଣା ହେଉଥିଲେ ମଧ୍ୟରେ କୋଟଗଡ଼ ଏବଂ ତୁମୁଡିବନ୍ଧ ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ଯନ୍ତ୍ରୀ ପ୍ରାଦୁମ୍ନ ବିଶ୍ୱାଳ ଏହି ଠିକା ସଂସ୍ଥାକୁ କୌଣସି ପ୍ରକାର ତାଗିଦ କରୁନାହାନ୍ତି ଯାହାରୀ ଫଳରେ ଠିକାଦାର ନିଜ ମନ ମୁତାବକ କାମ କରିଆସୁଛନ୍ତି। ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ଠିକାଦାର ଏପରି ଖାମଖିଆଲି ଭାବେ କାମ କରୁଥିବା ଯୋଗୁଁ ଅର୍ଦ୍ଧ ନିର୍ମିତ ରାସ୍ତା ଓ ପୋଲେ ଦେଇ ଯାତାୟାତ କରୁଥିବାବେଳେ ଗାଡି ଚାଳକ ମାନେ ନାହି ନ ଥିବା ଅବସ୍ଥାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ସିଧାସଳଖ ଭାବେ କନ୍ଧମାଳ, ରାୟଗଡା ଓ କଳାହାଣ୍ଡି ଜିଲ୍ଲାକୁ ସଂଯୋଗ କରୁଛି। ସାଧାରଣ ଲୋକ ନିଜର ବହୁ ଗୁରୁତ୍ୱପୂର୍ଣ କାର୍ଯ୍ୟ ନେଇ ସରକାରୀ କାର୍ଯ୍ୟାଳୟକୁ ଯାଉଛନ୍ତି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଓ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକେ ବିପଦ ସଂକୁଳ ଅର୍ଦ୍ଧନିର୍ମିତ ରାସ୍ତାରେ ଯାଉଛନ୍ତି। ତେବେ ପୂର୍ବ ଦିନରେ ତୁମୁଡିବନ୍ଧ ସ୍ଥିତ ଆମ୍ବେଦକର

### ଦୀର୍ଘ ସମୟ ଧରି ରାସ୍ତା ଜାମ

ଛକ ପାଖରେ ଥିବା ଅର୍ଦ୍ଧନିର୍ମିତ ପୋଲରେ ଏକ କଣ୍ଟେନର ଫସିଯାଇ ଦୀର୍ଘ ଘଣ୍ଟା ଧରି କୋଟଗଡ଼ ଏବଂ ମୁନିଗୁଡା ରାସ୍ତା ସମ୍ପୂର୍ଣ ଜାମ ରହି ଯାତାୟାତ ବିଚ୍ଛିର୍ଣ୍ଣ ହୋଇ ଯାତ୍ରୀ ବାହି ବସ ଓ ମାଲ ବୋଝେଇ ଟ୍ରକ ପିକପ ସବୁ ବହୁ ସମୟ ଧରି ଅଟକ ରହିଥିଲା। ଏତେ ସବୁ ଘଟଣା ଘଟିବାପରେ ମଧ୍ୟ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ନିଦ ଭାଙ୍ଗିନାହିଁ ଆଜି ତୁମୁଡିବନ୍ଧ ଠାରୁ କୋଟଗଡ ଯିବା ମଝିରେ ଭଲିଆଣି ନିକଟସ୍ଥ କଦଳୀ ବଗିଚା ଠାରେ ଏକ ଅର୍ଦ୍ଧନିର୍ମିତ ପୋଲରେ ଏକ ୨୨ଚକିଆ ଟ୍ୟାଙ୍କର ବୋଝେଇ ଟ୍ରକ ସମ୍ପୂର୍ଣ୍ଣ ଭାବେ ଫସିଯିବା ଫଳରେ ଦୀର୍ଘ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଦୁଇପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା।

## ଛତ୍ରପୁର ଉପ କାରାଗାରରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଛତ୍ରପୁର, ୬/୭ (ସମିସ): ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଉପ କାରାଗାର (ଜେଲ) ଠାରେ ଆଜି ସରକାରୀ ଉପଖଣ୍ଡ ଚିକିତ୍ସାଳୟ ଏବଂ ହିନ୍ଦୁସ୍ତାନ ଫେମିଲି ପ୍ଲାନିଙ୍ଗ ପ୍ରମୋଶନ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମସ୍ତ ଅନ୍ତେବାସୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଛତ୍ରପୁର ଉପ କାରାଗାରର ଅଧୀକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ମେଡିକାଲ ଟିମ୍ ଯଥା ପରାମର୍ଶଦାତା ସାନୁଜ କୁମାର ପଟ୍ଟନାୟକ, ବରିଷ୍ଠ ଯକ୍ଷ୍ମା ନିରୀକ୍ଷକ ପ୍ରଭାତ କୁମାର ସାହୁ, ଜିଲ୍ଲା ସହାୟକ ପ୍ରଦୀପ କୁମାର ପଟ୍ଟନାୟକ, ଏଲ୍ ଟି ପଦ୍ମନାଭ ଗନ୍ତାୟତ, ଶୁଭମ୍ ନାୟକ, ପ୍ରଦିପ କୁମାର ଓଁକାର, ଏମ୍.ଆର୍.ଏ ବାସୁଦେବ ଗୌଡ଼, ଜେଲ ଫାର୍ମାସିଷ୍ଟ ଦିବ୍ୟ ପଣ୍ଡା, ଟିବି ଚାମ୍ପିୟନ ମୁନା ବେହେରା, ସ୍ୱେଚ୍ଛାସେବୀ ଅମ୍ବିକା ପ୍ରସାଦ ଚୌଧୁରୀ ଉପସ୍ଥିତ ରହି ଏହି ଶିବିର ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କୁ ଗଣଶିକ୍ଷକ ସଙ୍ଘର ସ୍ମାରକ ପତ୍ର



ଫିରିଙ୍ଗିଆ, ୬।୭ (ସମିସ): କନ୍ଧମାଳ ଜିଲାରେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଗଣ ଶିକ୍ଷକ ବର୍ତମାନ ଅବହେଳିତ ଅବସ୍ଥାରେ ଥିବା ବେଳେ ସରକାର ବିଭିନ୍ନ ପ୍ରତିଶୃତି ଦେଇ ଓ ସରକାରଙ୍କ ନିୟମ ପାଳନ କରୁନାହାନ୍ତି। ଯାହାଦ୍ୱାରା ସ୍ୱଳ୍ପ ଦରମା ପରିବାର ଚଳାଇବା କଷ୍ଟ ସାଧ୍ୟ ହୋଇପଡିଛି। ଯାହାକୁ ନେଇ ଗଣଶିକ୍ଷକ ସଂଘ ଅସନ୍ତୋଷ ପ୍ରକାଶ ପାଇଛି। ଗଣ ଶିକ୍ଷକମାନେ ସରକାରଙ୍କ ଦ୍ୱାରା ଶିକ୍ଷାଦାନ ସହିତ ସରକାର ଇଲେକ୍ସନ ଡ୍ୟୁଟି, ବିଏଲଓ ଏସଆଇଆର ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଏବଂ ଓଟିଇଟି ପାସ କରିଥିବା ଗଣ ଶିକ୍ଷକ ନିୟମିତ ହେବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ପରିସ୍ଥିତି ରେ କିଛି ଗଣ ଶିକ୍ଷକ ଅଳ୍ପ ଦିନ ମଧ୍ୟରେ ଚାକିରିରୁ ଅବସର ନେବାର ଅଛି କିନ୍ତୁ ଖଟି ଖଟି ସ୍ୱଳ୍ପ ଦରମା ରେ ଗଣ ଶିକ୍ଷକ ଙ୍କ ପିଲା ଛୁଆ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଅନ୍ୟପଟେ ତୁରନ୍ତ ସରକାର ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ନିୟମିତ କରିବା ପାଇଁ ଦାବି ନେଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଂଘ ତରଫରୁ ଲିଖତ ଦାବି ପତ୍ର ପ୍ରଦାନ କରାଯାଇଛି।

## ବର୍ଷାରେ ପାହାଡ଼ରୁ ମାଟି ଆସି ପଶିଲା ସ୍କୁଲରେ

### ନିଜେ କୋଡ଼ି ଧରି ସ୍କୁଲ୍ ସଫାକଲେ ଶିକ୍ଷକ



ଫିରିଙ୍ଗିଆ, ୬।୭ (ସମିସ): କନ୍ଧମାଳ ଜିଲ୍ଲା ଲଗାଣ ବର୍ଷା ରେସାରା କନ୍ଧମାଳ ବେହାଲ, ତାର ପ୍ରଭାବ ବିଭିନ୍ନ ଜାଗାରେ ଦେଖୀବାକୁ ମିଳିଛି ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତର କାତାକେରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଅତ୍ୟଧିକ ବର୍ଷା ଯୋଗୁଁ କାତାକେରି ସ୍କୁଲର ଶ୍ରେଣୀ ଗୃହରେ ପାହାଡ଼ରୁ ପାଣି ଆସି ପଶିଚି, ଯାହାଦ୍ୱାରା ଶ୍ରେଣୀ ଗୃହଗୁଡ଼ିକରେ ମାଟି ଭର୍ତ୍ତି ହୋଇଥିବାରୁ ଶିକ୍ଷକମାନେ ଓ ପ୍ରଧାନ ଶିକ୍ଷକ ରାଧାନାଥ ସାହୁ ସୋମବାର ସ୍କୁଲ ଯାଇ ଦେଖିଲା ପରେ ସ୍କୁଲରେ ନିଜେ କୋଡ଼ି କୋଦାଳ ସାହାଯ୍ୟରେ ମାଟି ବାହାର କରି ସଫେଇ କାର୍ଯ୍ୟ କରି ଥିଲେ। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଅଛି ସ୍କୁଲିରେ ପାଚେରି ନ ଥିବାରୁ ସ୍କୁଲରେ, ସାପ, କଙ୍କଡ଼ା ବିଛା ସହିତ ଅନେକ ପ୍ରକାର ବିଷଧର ଜୀବଜନ୍ତୁ ବିଦ୍ୟାଳୟ ଭିତରେ ପାହାଡ଼ରୁ ଭାସି ଆସି ସ୍କୁଲ ଭିତରେ ପଶୁଛନ୍ତି। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ଗ୍ରାମବାସୀ ବାରମ୍ବାର ଜିଲ୍ଲା ପ୍ରଶାସନଙ୍କୁ ଏହାର ସମାଧାନ ପାଇଁ ପୂର୍ବରୁ ବହୁ ବାର୍ ଜଣାଇଥିଲେ ମଧ୍ୟ କୌଣସି ସମାଧାନର ବ୍ୟବସ୍ଥା କରାଯାଇ ନାହିଁ। ତୁରନ୍ତ ଏହାର ସ୍ଥାୟୀ ସମାଧାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ, ଗୋଷ୍ଠି ଶିକ୍ଷା ଅଧିକାରୀ, ଫୁଲବାଣୀ, ସରପଞ୍ଚ କଟ୍ରିଙ୍ଗିଆ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ତୁରନ୍ତ ପଦକ୍ଷେପ ନେବାପାଇଁ ସଭାପତି ଓ ଗ୍ରାମ ଅନୁରୋଧ କରିଛନ୍ତି।

## ବର୍ଷାରେ କଳିଙ୍ଗା ଘାଟି ବନ୍ଦ ଭୟ, ବାହାରିନି ବିକଳ୍ପ ରାସ୍ତା

ଜି ଉଦୟଗିରି, ୬।୭ (ସମିସ)

ଗଞ୍ଜାମ ସହିତ କନ୍ଧମାଳ ଏବଂ ପଶ୍ଚିମ ଓଡିଶାକୁ ସଂଯୋଗ କରୁଥିବା ପ୍ରମୁଖ ଜାତୀୟ ରାଜପଥ କଳିଙ୍ଗା ଘାଟି ଦେଇ ଯାଇଥିବା ବେଳେ ବର୍ଷା ଆସିଲେ ଯାତାୟତରେ ଅନିଶ୍ଚିତତା ଦେଖାଦେଇଥାଏ। ଗତ ବର୍ଷା ଏହି ଘାଟିରେ ଭୂସ୍ଖଳନ ହେବା ପରେ ଯାତାୟାତ ବନ୍ଦ ହୋଇଯାଇଥିବା ବେଳେ ସ୍ୱାଭାବିକ ହେବାକୁ

### ଆଶା ଆଶଙ୍କାରେ ଯାତାୟାତ

ବହୁ ସମୟ ଲାଗିଥିଲା। ଘାଟି ରାସ୍ତା ସ୍ୱାଭାବିକ ସିନା ହୋଇଗଲା କିନ୍ତୁ ତାର ସ୍ଥାୟୀ ସମାଧାନ କରାଗଲାନି। କିମ୍ବା ବିକଳ୍ପ ରାସ୍ତା କଥା ଚିନ୍ତା କରାଗଲାନି। ଏବେ ପୁଣି ଥରେ ବର୍ଷା ଆସିଲେ



କଳିଙ୍ଗା ଘାଟି ସମସ୍ତ ଙ୍କ ଚିନ୍ତା ବଢ଼ାଇ ଥାଏ । ଏବେ ତିନି ଦିନ ଧରି ହୋଇଥିବା ଲଗାଣ ବର୍ଷା ପରେ ଲୋକଙ୍କ ମଧ୍ୟରେ ଘାଟି ରାସ୍ତାକୁ ନେଇ ବିଭିର୍ନ କଳ୍ପନା ଜଳ୍ପନା ମନରେ ଉଙ୍କି ମାରିଥିବା ବେଳେ ସେମିତି କିଛି ହୋଇନି। କିନ୍ତୁ ଏବେ ମଧ୍ୟ ସେମିତି ଉପର ମୁଣ୍ଡରେ ବଡ ବଡ଼ ପଥର ଝୁଲୁ ଥିବା ବେଳେ ବଡ ବର୍ଷାକୁ ସମସ୍ତଙ୍କ ଭୟ ରହିଛି। ବର୍ଷା ହେଲେ ଯାତ୍ରୀ ନା ନା ଆଶା ଆଶଙ୍କା ମଧ୍ୟରେ ଯାତାୟାତ କରିଥାନ୍ତି। ରାସ୍ତା ସ୍ୱାଭାବିକ ହେବା ପରେ ସ୍ଥାୟୀ ସମାଧାନ ପାଇଁ କୌଣସି କାମ କିମ୍ବା ପ୍ରଚେଷ୍ଟା ହୋଇନଥିବା ଦେଖିବାକୁ ମିଳିଥିବା ବେଳେ ବିଭାଗ କିମ୍ବା ସରକାର କେତେ ଗୁରୁତ୍ୱ ଦେଉଛନ୍ତି ଏଥିରୁ ଅନୁମେୟ। ଗତ ଭୂସ୍ଖଳନରେ ବହୁ ଲୋକ ରୋଜଗାର ହରେଇଥିବା ବେଳେ କନ୍ଧମାଳ ଜିଲ୍ଲା ର ବ୍ୟବସାୟ ପ୍ରଭାବିତ ହୋଇଥିଲା। ଏହି ଭଳି ଗୁରୁତ୍ୱପୂର୍ଣ ଯାତାୟାତ ଜାତୀୟ ରାଜପଥକୁ ଗୁରୁତ୍ୱ ନା ଦେବା ଦୁଃଖର ବିଷୟ ବୋଲି ଲୋକେ କହୁଥିବା ବେଳେ ଏବେ ବି ବେଳ ଥାଉ ଥାଉ ଏହାର ବିକଳ୍ପ ରାସ୍ତା ସହିତ ସ୍ଥାୟୀ ସମାଧାନ ଦିଗରେ ସରକାର ଶୀଘ୍ର ଯୋଜନା କରି କାମ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

### କଣ୍ଟା ସାଗର ବନ୍ଧ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମ୍ନମାନ ଅଭିଯୋଗ

# କାର୍ଯ୍ୟ ଆରମ୍ଭରୁ ଭାଙ୍ଗିଲା ଗାର୍ଡ ୱାଲ୍

ରାୟଗଡ଼ (ଗଜପତି) ୬।୭ (ସମିସ):

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାର ମୁଖ୍ୟରାସ୍ତା କଡ଼ରେ ଥିବା ଐତିହାସିକ 'କଣ୍ଟା ସାଗର ବନ୍ଧ'ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅତି ନିମ୍ନମାନ ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ହିଁ ନିର୍ମାଣାଧୀନ ଗାର୍ଡ ୱାଲ (ସୁରକ୍ଷା ପ୍ରାଚୀର) ଭାଙ୍ଗିଯାଇଥିବାରୁ କାମର ସ୍ଥାୟିତ୍ୱ ଓ ନିର୍ମାଣରେ ଦୁର୍ନୀତିର ଗନ୍ଧ ବାରି ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ସଦର ମହକୁମା ଓ ରାସ୍ତା କଡରେ ଏହି ପ୍ରକାର କାର୍ଯ୍ୟ ହେଉଥିବାରୁ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ଉପରେ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ସୂଚନାଯୋଗ୍ୟ ଯେ, ରାୟଗଡ଼ ସଦର ମହକୁମାର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏହି ପୁରାତନ ବନ୍ଧର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ ମୋଟା ଅଙ୍କର ଅନୁଦାନ ମଞ୍ଜୁର କରାଯାଇଛି। ବନ୍ଧ ଚାରିପାଖର ସୁରକ୍ଷା ତଥା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତେବେ ଅଭିଯୋଗ ମୁତାବକ, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଦୀପ ତଳେ ଅନ୍ଧାର ଭଳି ସାମଗ୍ରୀ ମାପରେ ସମ୍ପୂର୍ଣ୍ଣ ଅନିୟମିତତା କରାଯାଇଥିବା ଅନୁମାନ ହେଉଛି। ଫଳରେ ସାମାନ୍ୟ ପରିସ୍ଥିତିରେ ହିଁ ନିର୍ମାଣାଧୀନ ଗାର୍ଡ ୱାଲଟି ଭାଙ୍ଗି ମାଟିରେ ମିଶିଯାଇଛି। ଗାର୍ଡ ୱାଲ ଭାଙ୍ଗିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷର ଦେଖାଦେଇଛି। ସରକାରୀ ଅର୍ଥକୁ ଏଠାରେ ପାଣି ଭଳି ଖର୍ଚ୍ଚ କରାଯାଉଛି କିନ୍ତୁ ତଦାରଖ କରିବାକୁ କେହି ନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କାମ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ କେଉଁ ଆଧାରରେ ଏହାକୁ ଗ୍ରୀନ୍ ସିଗନାଲ ଦେଉଥିଲେ ଏବଂ କେଉଁ ପରିସ୍ଥିତିରେ ଏଭଳି ନିମ୍ନମାନର କାମକୁ ପ୍ରଶ୍ରୟ ଦିଆଗଲା ତାହାକୁ ନେଇ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଲୋକଙ୍କ କହିବା କଥା ଯେ, ଯନ୍ତ୍ରୀଙ୍କ ଉପସ୍ଥିତି ଓ ଉପଯୁକ୍ତ ତଦାରଖ ଅଭାବରୁ ହିଁ ଠିକାଦାର ନିଜ ମନମୁଖୀ କାର୍ଯ୍ୟ କରିଛନ୍ତି। କଣ୍ଟା ସାଗର ବନ୍ଧ ଆମ ଅଞ୍ଚଳର ଏକ ପ୍ରମୁଖ ପରିଚୟ। ଏହାର ସୌନ୍ଦର୍ଯ୍ୟକରଣ ନାଁରେ ଚାଲିଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦୋଷୀ ଠିକାଦାର ଏବଂ କାର୍ଯ୍ୟରେ ଅବହେଳା କରିଥିବା ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଚେତ୍ ଆଗାମୀ ଦିନରେ ବ୍ଲକ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ସମ୍ପର୍କରେ ବିଭାଗୀୟ ସମ୍ପୃକ୍ତ ଯନ୍ତ୍ରୀ ବିଲାସିନି ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି ଯେ, ଗାର୍ଡ ୱାଲ ପାର୍ଶ୍ୱରେ ଅଧିକ ମାଟି ପଡ଼ିଥିବା ବେଳେ ତାହା ସଠିକ୍ ଭାବେ ଦବି ନ ଥିଲା। ଫଳରେ ଲଗାଣ ବର୍ଷା ଯୋଗୁଁ ମାଟି ଭାର ସମ୍ଭାଳି ନପାରି ପ୍ରାଚୀରଟି ଭାଙ୍ଗି ଯାଇଛି। ଏହା ସହ ନିମ୍ନମାନର କାମ ହୋଇଥିବା ଅଭିଯୋଗକୁ ସେ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଘଟଣାର ସରଜମିନ ତଦନ୍ତ କରିବାକୁ ଦାବି ଜୋର ଧରିଛି।

## ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

ପାରଳାଖେମୁଣ୍ଡି,୬।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ କେ.ସୀତାପୁର ଗ୍ରାମପଞ୍ଚାୟତର ମିନିଗାଁଗୁଡା ଗ୍ରାମ୍ୟ ରାସ୍ତାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏବଂ ପ୍ରକୃତ ଜମିମାଲିକଙ୍କ ମଧ୍ୟରେ ତିକ୍ତତା ବଢ଼ିଚାଲିଛି। ଗତ ଦୁଇ ଦିନ ପୂର୍ବେ ଗ୍ରାମକୁ ରାସ୍ତା ନଥିବା ଏବଂ ଏନେଇ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଶୁଣୁ



ସେପଟେ ଏହି ଆଦିବାସୀ ଗ୍ରାମକୁ ଆଜି ପର୍ଯ୍ୟନ୍ତ ପକ୍କା ସଡକଟିଏ ହୋଇପାରୁନାହିଁ। ଏହି ରାସ୍ତା ସମ୍ପର୍କେ ସ୍ଥାନୀୟ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ନିଦାବିଷ୍ଟୁ ସାଜି ଥିବା ବେଳେ ରାସ୍ତା ନିର୍ମାଣକୁ ସମର୍ଥନକାରୀ ନଥିବାରୁ ଶେଷରେ ଏହି ଗ୍ରାମ୍ୟରାସ୍ତାକୁ ମିନିଗୁଡାଗାଁବାସୀ ଏକତ୍ରିତ ହୋଇ ମାଟି ପକାଇଥିଲେ। ତେବେ ମାଟି ପକାଯିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କିଛି ବେସରକାରୀ ଜମି ତଥା ବ୍ୟକ୍ତିଗତ ଜମିରେ ମାଟିପକାଇ ସମତଳ କରିଦିଆଯାଇଥିବା ଅଭିଯୋଗ ହୋଇଛି। ସୋମବାର ଏନେଇ ଜମିମାଲିକମାନେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ଆମ୍ଭର ବ୍ୟକ୍ତିଗତ ଜମି ଉପରେ ଅନଧିକୃତ ଜବରଦଖଲ ଏବଂ ରାସ୍ତା ନିର୍ମାଣ କରାଯାଉଛି। ତେବେ ଆମ୍ଭ ଅଜାଣତରେ କେ. ସୀତାପୁର ସରପଞ୍ଚ କେ. ତେଜେଶ୍ୱର ରାଓ ଏବଂ ସହଯୋଗୀଙ୍କ ସହିତ ଜେସିବି ସାହାଯ୍ୟରେ ଜମିରେ ପ୍ରବେଶ କରି ଏବଂ କୌଣସି ପୂର୍ବ ସୂଚନା ବିନା ଜମିକୁ ସମତଳ କରି, ଆମ ଅଜାଣତରେ ଆମର ବ୍ୟକ୍ତିଗତ ଜମି ଉପରେ ରାସ୍ତା ନିର୍ମାଣ କରିଛନ୍ତି। ଯାହା ଅତ୍ୟନ୍ତ ବେଆଇନ ଏବଂ ଆଇନ ବିରୁଦ୍ଧ ଅଟେ ବୋଲି ପ୍ରଶାସନକୁ ଜଣାଇଥିଲେ। ଏହା ସହ ସ୍ଥାନୀୟ ପ୍ରଶାସନ ତଥା ବିଡିଓଙ୍କ ଅଜାଣତରେ ସେ ଆଇନକୁ ନିଜ ହାତରେ ନେଇ ପଥର ପକାଇ ନିର୍ମାଣ କରିଛନ୍ତି।

## ଡ୍ରେନ୍ ନିର୍ମାଣ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, ୬।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡ଼ା ପଞ୍ଚାୟତ ଅନ୍ତର୍ଗତ ପାଟିକୋଟା ଗ୍ରାମରେ ଡ୍ରେନ ନିର୍ମାଣ ପାଇଁ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଚାଲୁ ରହିଥିବା ଜଣଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ପାଟିକୋଟା ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନ ନିକଟରେ ଗୁହାରିକରିଥିଲେ। ଗ୍ରାମରେ ଥିବା ପଲ୍ଲୀସଭା ମଣ୍ଡପ ପଛପଟ ସାହିର ଡ୍ରେନେଜ୍ ବ୍ୟବସ୍ଥା ଅତ୍ୟନ୍ତ କ୍ଷତିଗ୍ରସ୍ତ ଓ ଅବୋରଧ ଅବସ୍ଥାରେ ରହିଅଛି। ଫଳରେ ରାସ୍ତାରେ ମଇଳା ପାଣି ପ୍ରବାହିତ ହେବା ସହ ଦୁର୍ଗନ୍ଧ ହେଉଅଛି। ଯାହାକି ଗ୍ରାମରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଅଛି। ଫଳରେ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ରହିଅଛି।



ଗ୍ରାମର ପିଲା ଓ ବୃଦ୍ଧ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଅଛନ୍ତି। ବର୍ଷା ହେଲେ ଏଠାରେ ପାଣି ଜମି ରହୁଥିବାରୁ ଏହା ସହ ଗ୍ରାମର ଅନ୍ୟ ଏକ ଡ୍ରେନ୍ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ତଟରେ ନିର୍ମାଣ କରିବା ପାଇଁ ମଧ୍ୟ ଦାବି କରିଛନ୍ତି।

## କଳିଙ୍ଗା ସିଲ୍ଭିକଲଚର ରିସର୍ଚ୍ଚ ଗାର୍ଡେନ୍ ରାସ୍ତା ଶୋଚନୀୟ



ଜି ଉଦୟଗିରି,୬।୭ (ସମିସ ): କନ୍ଧମାଳ ଜିଲ୍ଲାର ଜି .ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗାରେ ଅବସ୍ଥିତ ସିଲ୍ଭିକଲଚର ରିସର୍ଚ୍ଚ ଗାର୍ଡେନ୍ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବନ ଗବେଷଣା କେନ୍ଦ୍ର ହୋଇଥିଲେ ମଧ୍ୟ ଏହାକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ବର୍ଷା ଦିନରେ ରାସ୍ତାରେ ବଡ଼ବଡ଼ ଖାଲ ଓ ପାଣି ଜମି ରହୁଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ ଏହି ରାସ୍ତା ଦେଇ ବନ ବିଭାଗର କର୍ମଚାରୀ, ଗବେଷକ, ଛାତ୍ରଛାତ୍ରୀ ଓ ପର୍ଯ୍ୟଟକମାନେ ଯାତାୟାତ କରୁଛନ୍ତି। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁର୍ଘଟଣାର ଆଶଙ୍କା ସବୁବେଳେ ଲାଗି ରହିଛି। ବିଶେଷକରି ବର୍ଷା ଋତୁରେ ଦୁଇଚକିଆ ଯାନ ଚାଳକମାନେ ସର୍ବାଧିକ ହଇରାଣ ହେଉଛନ୍ତି।ଏତେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଗବେଷଣା କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାର ଏପରି ବେହାଲ ଚିତ୍ର ପ୍ରଶାସନର ଅବହେଳାକୁ ପଦାରେ ପକାଇଛି ବୋଲି ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ, ଉକ୍ତ ରାସ୍ତାର ଶୀଘ୍ର ମରାମତି କିମ୍ବା ପକ୍କା ନିର୍ମାଣ କରାଯାଇ ସିଲ୍ଭିକଲଚର ରିସର୍ଚ୍ଚ ଗାର୍ଡେନ୍‌କୁ ସୁଗମ ଯାତାୟାତ ବ୍ୟବସ୍ଥା ସହ ଯୋଡ଼ାଯାଉ। ଏହାଦ୍ୱାରା କେବଳ ଗବେଷଣା କାର୍ଯ୍ୟ ସୁବିଧାଜନକ ହେବ ନୁହେଁ, ବରଂ ପର୍ଯ୍ୟଟନର ବିକାଶ ସହ ସ୍ଥାନୀୟ ଅଞ୍ଚଳର ଉନ୍ନତି ମଧ୍ୟ ସମ୍ଭବ ହେବ। ତେଣୁ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଏହା ଶୀଘ୍ର ନିର୍ମାଣ କରିବାକୁ ଦାବି ହୋଇଛି।

## କନ୍ଧମାଳରେ ଲଗାଣ ବର୍ଷା; ରିଲିଫ ବାଣ୍ଟିଲା ଫିରିଙ୍ଗିଆ ପୋଲିସ

ଫିରିଙ୍ଗିଆ,୬।୭ (ସମିସ): କନ୍ଧମାଳ ଜିଲ୍ଲାରେ ଜିଲ୍ଲାରେ ଦୀର୍ଘ ୫ ଦିନ ହେଲା ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିବା ବେଳେ ବର୍ଷା ପାଇଁ ଅସହାୟ ଅବସ୍ଥାରେ ପଡି ରହିଥିବା ଗରିବ ଲୋକ ମାନଙ୍କ ପାଖକୁ ପହଞ୍ଚି ରିଲିଫ ବଣ୍ଟନ କରିଛି ଫିରିଙ୍ଗିଆ ଥାନା ପୁଲିସ। ଜିଲ୍ଲାରେ ୬ ଦିନ ହେଲା ଲଗାଣ ବର୍ଷା ଲାଗି ରହିଥିବା ବେଳେ ଏହି ଲଗାଣ ବର୍ଷା ପ୍ରଭାବରେ କେଉଁଠି ରାସ୍ତାଘାଟ ଭାଙ୍ଗି ଯାଇଛି ତ ଆଉ କେଉଁଠି ମାଟି ଘର ସବୁ ଭୁଶୁଡି ପଡିଛି ଓ ବର୍ତ୍ତମାନ ହେଲା ଅନେକ ଲୋକଙ୍କ ଘରେ ଚୁଲି ମଧ୍ୟ ଜଳି ପାରିନାହିଁ ଓ ବର୍ଷା ପାଇଁ ଲୋକଙ୍କୁ ଘରୁ ବାହାରିବା କଷ୍ଟ ସାଧ ହୋଇପଡିଥିବା ବେଳେ ଅନେକ ଲୋକ ଅସହାୟ ଅବସ୍ଥାରେ ମଧ୍ୟ ରହିଛନ୍ତି।



ଅନେକ ଜାଗାରେ ଲୋକେ ଅସହାୟ ଅବସ୍ଥାରେ ସରକାରୀ ସହାୟତାକୁ ଅପେକ୍ଷା କରି ପଡିରହିଥିବା ବେଳେ କନ୍ଧମାଳ ଜିଲ୍ଲାର ଏଭଳି ଜାଗା ରହିଛି ଯେଉଁ ଜାଗାକୁ ପ୍ରଶାସନ ମଧ୍ୟ ବର୍ତ୍ତମାନ ସୁଦ୍ଧା ପହଞ୍ଚି ପାରିନାହିଁ। ଏହି ପରିପେକ୍ଷୀରେ ଥାନା ଅଧିକାରୀ ମୁରଲୀ ଧର ସାହୁ ତାଙ୍କ ସହକର୍ମୀ ମାନଙ୍କୁ ନେଇ ଥାନା ଅଧିନରେ ଥିବା ବଣ ପାହାଡ଼ ଘେରା ଉପାନ୍ତ ଅଞ୍ଚଳରେ ନଦୀ ନାଳ ପାର ହୋଇ କିଲୋମିଟର କିଲୋମିଟର ଚାଲିଚାଲି ଯାଇ ଅସହାୟ ଲୋକଙ୍କୁ ଚୁଡା କଦଳୀ ଚିନି ବିସ୍କୁଟ ମହମବତୀ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ତେବେ ଥାନା ଅଧିକାରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ଥାନାରେ କାର୍ଯ୍ୟରତ ଏସଆଇ ଦୀପକ କୁମାର ରାଉତ, ଅଜୟ କୁମାର ସାହୁ, ଏଏସଆଇ ପ୍ରିୟରଂଜନ ନାୟକ, ଏଏସଆଇ ବିଜୟ କୁମାର ନାୟକ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ଓ ସ୍ଥାନୀୟ ଗଣମାଧମ ପ୍ରତିନିଧିମାନେ ମଧ୍ୟ ସାମିଲ ଥିଲେ। ପ୍ରଥମ ଦିନରେ ପ୍ରାୟ ଶହେରୁ ଅଧିକ ଲୋକଙ୍କୁ ରିଲିଫ ବଣ୍ଟା ଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଜାରିରହିବ ବୋଲି କହିଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଛାତ୍ର ସମ୍ମିଳନୀ

କାଶୀନଗର,୬।୭ (ସମିସ): ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ଏକ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚାର ଜିଲ୍ଲା ସଭାପତି ବିଶ୍ୱଜିତ ବିଷୋୟୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ କୋରାପୁଟରୁ ଆସିଥିବା ବରିଷ୍ଠ ବିଜେପି ନେତା କାଳୀରାମ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଉପରେ ଆଲୋକପାତ କରିଥିଲେ। କାଶୀନଗର ମଣ୍ଡଳ ସଭାପତି ଭି. ଚଲପତି, ଜିଲ୍ଲା ସାଧାରଣ ସମ୍ପାଦକ ବଡ କୁମାର ଓ ବିଜୟ କୁମାର, ଜିଲ୍ଲା ଉପସଭାପତି ନରେଶ ପାଲାକା ପ୍ରମୁଖ ମଞ୍ଚାସୀନ ଥିଲେ।

### ● ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗର ଚଢ଼ଉ

## କାର୍ ସହ ୨୩ କିଲୋ ଗଞ୍ଜେଇ ଜବତ; ବିହାରୀ ଯୁବକ ଗିରଫ

ଫିରିଙ୍ଗିଆ,୬।୭ (ସମିସ): କନ୍ଧମାଳ ଜିଲ୍ଲା ସଦର ଥାନା ଅଞ୍ଚଳରେ ଅବକାରୀ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ଫୁଲବାଣୀ ଅଞ୍ଚଳରୁ ବିହାରକୁ କାର୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଚଢ଼ଉ କରି ଏହାକୁ ପଣ୍ଡ କରିଛି ଅବକାରୀ ସଦର୍ ସ୍କ୍ୱାଡ୍। ମିଳିଥିବା ସୂଚନା ଅନୁସାରେ ସଦର ଥାନା ଅନ୍ତର୍ଗତ ସୁଡ୍‌ରେଙ୍ଗୁ ପଞ୍ଚାୟତର ଗୁଦାରୀ ଗାଁ ଦେଇ ଏକ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। କନ୍ଧମାଳ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗୁଦାରୀ ଗାଁ ନିକଟରେ ସନ୍ଦେହଜନକ ଭାବେ ଗତି କରୁଥିବା ଏକ ଦାମୀ ଗାଡି ବାହାର ରାଜ୍ୟର ଏକ ଧଳା ରଙ୍ଗର କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କାର୍ ଭିତରୁ ଗଞ୍ଜେଇ ମିଳିଥିଲା। ଅବକାରୀ ଟିମ ଗାଡ଼ି ସହ ପ୍ରାୟ ୨୩ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ଜଣକ ବିହାର ରାଜ୍ୟର ଗୁଲାବ ବାବୁରେନ୍ ବୋଲି ଚିହ୍ନଟ ହୋଇଛନ୍ତି। ଏହି ବେଆଇନ କାରବାର ନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନମ୍ବର ୩୧/୨୬-୨୭ ରେ ଏକ ମାମଲା ରୁଜୁ କରାଯାଇଛି। ଗୁଲାବଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଚୋରା ଚାଲାଣ ର୍‌ୟାକେଟ୍ ପଛରେ ଆଉ କାହାର ହାତ ରହିଛି, ସେ ନେଇ ଅବକାରୀ ବିଭାଗ ଅଧିକ ତଦନ୍ତ ଜାରି ରଖିଛି। ଅବକାରୀ ବିଭାଗର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ କରାଯାଇଛି।



## ୧୦ରୁ ସମୂହ ଛୁଟିରେ ରହିବେ ଯୋଗାଣ ସହାୟକ!

ପାରଳାଖେମୁଣ୍ଡି,୬।୭ (ସମିସ): ଯୋଗାଣ ସହାୟକଙ୍କ ଦାବି ପୂରଣ ନ ହେଲେ ଚଳିତ ମାସ ୧୦ ତାରିଖରୁ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ହୋଇଥିବାର ଜଣାପଡିଛି। ସୋମବାର ଏନେଇ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାରେ କାର୍ଯ୍ୟରତ ଯୋଗାଣ ସହାୟକ ମାନେ ଏକତ୍ରିତ ଭାବେ ପହଞ୍ଚି ଜିଲ୍ଲା ପ୍ରଶାସନକୁ ଦାବି ପୁରଣ ଏବଂ ସମୂହ ଛୁଟି ନିଷ୍ପତ୍ତି ସମ୍ପର୍କେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ, ଗଜପତି ଜିଲ୍ଲାର ଯୋଗାଣ ସହାୟକମାନେ ଚଉଦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସରକାର ଅଣଦେଖା କରିଚାଲିଛନ୍ତି। ସମାନ କାମକୁ ସମାନ ଦରମା ତଥା ଚାକିରି ରେଗୁଲାର କରିବା ସମ୍ପର୍କରେ ବିଭିନ୍ନ ସମୟରେ ଦାବି କରିଆସୁଥିଲେ ମଧ୍ୟ ସୁଫଳ ମିଳୁନି। ଦାବି ସମ୍ପର୍କିତ ସ୍ମାରକପତ୍ର ବାରମ୍ବାର ଆମେ ରାଜ୍ୟ ସରକାର ଏବଂ ପ୍ରଶାସନକୁ ଏକ ଲିଖିତ ଭାବେ ଜଣାଯାଉଛି। ସେପଟେ ଦିନକୁ ଦିନ ସରକାରଙ୍କ ବିଭିନ୍ନ ଯୋଜନାର ଦାୟିତ୍ୱ ମଧ୍ୟ ଆମ୍ଭଙ୍କୁ ହସ୍ତାନ୍ତର କରାଯାଉଛି। ତେବେ ସମସ୍ତ ଦାୟିତ୍ୱ ତଥା କାର୍ଯ୍ୟ ନିଷ୍ଠାର ସହ କରିଆସୁଛୁ। ବୃହତ୍ତର ଜନସ୍ୱାର୍ଥକୁ ବିଚାରକୁ ନେଇ, ସମସ୍ତ ଯୋଗଣା ସହାୟକ ସର୍ବସମ୍ମତିକ୍ରମେ ଜୁଲାଇ ଏବଂ ଅଗଷ୍ଟ



୨୦୨୬ ମାସ ପାଇଁ ବଣ୍ଟନ ନକରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଚଳିତ ମାସ ଏବଂ ଆଗାମୀ ମାସର ରାସନ ବଣ୍ଟନ ପାଇଁ କୌଣସି ଚାପ ନ ପକାଇବା ପାଇଁ ଅନୁରୋଧ କରିଛନ୍ତି। ଯଦି ଆଗାମୀ ଦିନରେ ଦାବି ପୂରଣ ନହୁଏ ତେବେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କହିଛନ୍ତି।

## ବୋରୱେଲ୍ ନାଁରେ ୩୫୦ ଚାଷୀଙ୍କ ଟଙ୍କା ହଡ଼ପ; ମୁଖ୍ୟ ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,୬।୭ (ସମିସ): ଚାଷୀଙ୍କ ଜଳସେଚନ ସମସ୍ୟାକୁ ପୁଞ୍ଜି କରି ଚାଲିଥିଲା ସୁପରିକଳ୍ପିତ ଠକେଇ। କମ୍ ଖର୍ଚ୍ଚରେ ସରକାରୀ ସହାୟତାରେ ବୋରୱେଲ୍ କରାଇଦେବାର ପ୍ରତିଶ୍ରୁତି ଦେଇ ନୂଆଗଡ଼ ଓ ଆର୍. ଉଦୟଗିରି ବ୍ଲକର ୩୫୦ରୁ ଅଧିକ ଚାଷୀଙ୍କଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଥିଲା। ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ନା ବୋରୱେଲ୍ ହେଲା, ନା ଟଙ୍କା ଫେରିଲା। ଶେଷରେ ଠକେଇର ପର୍ଦ୍ଦାଫାସ ହେବା ପରେ ପୁଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳତା ହାସଲ କରିଛି। ସୂଚନା ମୁତାବକ ତବରଡ଼ା ଗ୍ରାମର ରଘୁନାଥ ବେହେରଦଳାଇଙ୍କ ଅଭିଯୋଗ ଆଧାରରେ ଆର୍. ଉଦୟଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୪ ମସିହାରେ ଅଭିଯୁକ୍ତମାନେ ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନର ସିଏସ୍ଆର୍ ପ୍ରକଳ୍ପ ସହ ଜଡ଼ିତ ବୋଲି ପରିଚୟ ଦେଇ ଗାଁ ଗାଁ ବୁଲିଥିଲେ। କେନ୍ଦ୍ର ସରକାର ଅଧିକାଂଶ ଖର୍ଚ୍ଚ ବହନ କରିବେ ବୋଲି କହି ପ୍ରତ୍ୟେକ



ଚାଷୀଙ୍କଠାରୁ ୧୧ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା। ଶତାଧିକ ଚାଷୀଙ୍କଠାରୁ ଟଙ୍କା ଆଦାୟ ପରେ ଅଭିଯୁକ୍ତମାନେ ଆଉ ଦେଖା ଦେଇନଥିଲେ। ଦୀର୍ଘଦିନ ଧରି ଚାଷୀମାନେ ବୋରୱେଲ୍ ଆଶାରେ ଅପେକ୍ଷା କରି ଶେଷରେ ଠକେଇର ଶିକାର ହୋଇଥିବା ଜାଣି ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳର ସନ୍ଦୀପ ପଟ୍ଟନାୟକ (୪୧)ଙ୍କୁ ପୋଲିସ ଗିରଫ କରି ଅଦାଲତରେ ହାଜର କରିଥିବା ବେଳେ ତାଙ୍କୁ ୮ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଏହି ଠକେଇ ଚକ୍ରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଏବଂ ଆଦାୟ ହୋଇଥିବା ଟଙ୍କା କେଉଁଠି ଖର୍ଚ୍ଚ ହୋଇଛି, ସେ ଦିଗରେ ପୋଲିସ ତଦନ୍ତ ଜାରି ରଖିଛି। ଚାଷୀଙ୍କ ଭରସାକୁ ପୁଞ୍ଜି କରି ଏଭଳି ସଂଗଠିତ ଠକେଇ କିପରି ଦୀର୍ଘ ଦୁଇ ବର୍ଷ ଧରି ଚାଲିଲା ଏବଂ ସମ୍ପୃକ୍ତ ସଂସ୍ଥାର ସତ୍ୟତା ଯାଞ୍ଚ ନକରି ଏତେ ବଡ଼ ଅର୍ଥ କାରବାର କିପରି ହେଲା, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି। ତେବେ ଏହି ଘଟଣାର ତଦନ୍ତ ଜାରି ରହିଥିବା, ଏଥିରେ ଅନ୍ୟକେହି କେହି ସମ୍ପୃକ୍ତି ଥିବା ଆଦି ସମସ୍ତ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଥିବାର ଆର୍.ଉଦୟଗିରି ଉପଖଣ୍ଡ ଅଧୀକ୍ଷକ ରାକେଶ ସାହୁ ସୂଚନା ପ୍ରଦାନ କରିଛନ୍ତି।

## ରେଳ ଷ୍ଟେସନ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

କାଶୀନଗର, ୬।୭ (ସମିସ): ଗଜପତି ଜିଲ୍ଲାର କାଶୀନଗର ରେଳ ଷ୍ଟେସନ ନିକଟସ୍ଥ ରେଳଧାରଣା ପାଖରୁ ରବିବାର ଜଣେ ୨୦ ବର୍ଷୀୟ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବକ ଜଣକ କାଶୀନଗର ସହରର ୩ ନମ୍ବର ୱାର୍ଡର ବାସିନ୍ଦା ବି. ଦିଲ୍ଲୀପ (୨୦) ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ଲାଗି ରହିଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଦିଲ୍ଲୀପ ଗତ ଶୁକ୍ରବାର ସକାଳୁ ଘରୁ ବାହାରିଥିଲେ ଏବଂ ପରବର୍ତ୍ତୀ ସମୟରେ ନିଖୋଜ ହୋଇଯାଇଥିଲେ। ପରିବାର ସଦସ୍ୟମାନେ ତାଙ୍କୁ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ କୌଣସି ସନ୍ଧାନ ନ ମିଳିବାରୁ ରବିବାର କାଶୀନଗର ଥାନାରେ ଏକ ଲିଖିତ ଏତଲା ଦାଖଲ କରିଥିଲେ। ଏହାର କିଛି ସମୟ ପରେ ରବିବାର ସନ୍ଧ୍ୟାରେ କାଶୀନଗର ରେଳ ଷ୍ଟେସନ ନିକଟସ୍ଥ ରେଳଧାରଣା ପାଖରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଦିଲ୍ଲୀପଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହଟି ଦିଲ୍ଲୀପଙ୍କର ବୋଲି ଚିହ୍ନଟ କରିଥିଲେ। ଏହାପରେ ସଙ୍ଗେସଙ୍ଗେ କାଶୀନଗର ଥାନାକୁ ସୂଚନା ଦିଆଯାଇଥିଲା। ଖବର ପାଇ କାଶୀନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ସୂଚନା ଅନୁଯାୟୀ, ଘଟଣାସ୍ଥଳ ରେଳବାଇ ସୀମା ମଧ୍ୟରେ ରହିଛି କି ନାହିଁ, ତାହା ନେଇ ଉଭୟ କାଶୀନଗର ପୁଲିସ ଓ ରେଳବାଇ ପୁଲିସ ଯାଞ୍ଚ କରିଥିଲେ। ମୃତଦେହ ରେଳବାଇ ସର୍କିଲ୍ ଭିତରେ ନଥିବା ନେଇ ଜଣାପଡ଼ିବ ପରେ କାଶୀନଗର ପୁଲିସ ଶବକୁ ଜବତ କରିଥିଲେ। ବର୍ତ୍ତମାନ ଏହି ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଉଛି। ଏହା ଦୁର୍ଘଟଣା, ଆତ୍ମହତ୍ୟା କିମ୍ବା ଅନ୍ୟ କୌଣସି କାରଣଜନିତ ଘଟଣା ତାହା ସ୍ପଷ୍ଟ ହୋଇନାହିଁ। ସବଇନ୍‌ସେକ୍ଟର ପଞ୍ଚାନନ ବେହେରା ଉକ୍ତ ଘଟଣାର ତଦନ୍ତ କରୁଥିବା



ବେଳେ ପୁଲିସ ପକ୍ଷରୁ ଘଟଣାସ୍ଥଳରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଉଥିବା ସହ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଉଛି। ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୁଲିସ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଏହି ସନ୍ଦେହଜନକ ମୃତ୍ୟୁ ଘଟଣା କାଶୀନଗର ଅଞ୍ଚଳରେ ଶୋକର ଛାୟା ଖେଳାଇଥିବା ବେଳେ ପରିବାର ଲୋକେ ନିରପେକ୍ଷ ଓ ନିଷ୍ପକ୍ଷ ତଦନ୍ତ ଦାବି କରିଛନ୍ତି। ପୁଲିସ ପକ୍ଷରୁ ମଧ୍ୟ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର କାନ୍ଥ

## ଜରି ପାଲ ଟାଣି ଚଳୁଛନ୍ତି ଅସହାୟ ବିଧବା ମହିଳା

ଫିରିଙ୍ଗିଆ,୬।୭ (ସମିସ):

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ଦୋଳପଦା ସାହିର ଗୋଲାପି ପ୍ରଧାନ ବୟସ ୪୫ ବର୍ଷ। ପାଞ୍ଚରୁ ୬ ଦିନ ଧରି ଲଗାଣ ବର୍ଷାରେ ଘର କାନ୍ଥ ଭୁଶୁଡି ପଡିବାରୁ ବହୁ ଅସୁବିଧାରେ ଜରି ପାଲ ଟାଣି ବଡ଼ କଷ୍ଟରେ ଜୀବନ ବିତାଉଛନ୍ତି। ଗୋଲାପି ପ୍ରଧାନଙ୍କ ପରିବାର କହିଲେ ଗୋଲାପି ଓ ତାଙ୍କ ପୁଅ। ଗତ ୨୨ ବର୍ଷ ହେବ ସ୍ୱାମୀ ଦେହାନ୍ତ ପରେ ଭଙ୍ଗା ଦଦରା ଘରେ ଦୁଇ ଜଣ ସଦସ୍ୟ ମାଟି ଭଙ୍ଗାରୁଜା ଘରେ ଚଳି ଆସୁଥିଲେ କିନ୍ତୁ ଲଗାଣ ବର୍ଷାରେ ବର୍ଷା ଲାଗି ରହିବାରୁ ଘରର ଗୋଟିଏ କାନ୍ଥ ଭାଙ୍ଗି ଯାଇଥିବା ବେଳେ ଘରେ ନଥିବାରୁ ଜୀବନ ବଞ୍ଚି ଯାଇଛି। ବର୍ତ୍ତମାନ ଏକୁଟିଆ ଥିବାବେଳେ ଘର କାନ୍ଥ ଭାଙ୍ଗି ଯିବାରୁ ସରକାରଙ୍କ ଦ୍ୱାରା କୌଣସି ସାହାଯ୍ୟ କିମ୍ବା ସହାୟତା ଆଶା କରିଛନ୍ତି



ଗୋଲାପି। ବଡ଼ କଷ୍ଟରେ ପାଲ ଖଣ୍ଡିଏ କିଣି ଘରେ ଘୋଡାଇ ଅସହାୟ ଅବସ୍ଥାରେ ଚଳୁଛନ୍ତି କ୍ଷ ଗୋଟାଏ ପଟେ ଘର କାଳେ ଭାଙ୍ଗିଯିବା ଭୟ ଓ ଅନ୍ୟପଟେ ଅଭାବୀ ଗୋଲାପି ପ୍ରଧାନଙ୍କୁ ଅସହାୟ କରିପକାଇଛି। ପୂର୍ବରୁ ସ୍ୱାମୀ ଥିବା ସମୟରୁ ଆବାସ ଗୃହ ଖଣ୍ଡିଏ ଯୋଗାଇଦେବାକୁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଘର ଖଣ୍ଡିଏ ମିଳି ପାରିନାହିଁ। ବର୍ତ୍ତମାନ ଭଙ୍ଗା ମାଟି ଖଣ୍ଡିଆ ଘରେ ବିତୁଛି।

### ଆବାସ ଗୃହ ଯୋଗାଇଦେବାକୁ ଦାବି କଲେ ଗୋଲାପୀ ଓ ଗ୍ରାମବାସୀ

ଦିନ କଥା ଛାଡ଼ ରାତିରେ ମଧ୍ୟ ନିଦ ନାହିଁ କେତେବେଳେ ଘର ଭାଙ୍ଗି ଯିବ ସେହି ଚିନ୍ତାରେ ପରିବାର। ବର୍ଷାରେ ଘର ଭିତରେ ପାଣି ଜମି ଯାଉଛି। ଅସହାୟକୁ ଦୃଷ୍ଟିରେ ଦେଇ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ସହ ତୁରନ୍ତ ଆବାସ ଘର ଖଣ୍ଡିଏ ଯୋଗାଇ ଦେବାକୁ ନିଜେ ଗୋଲାପି ପ୍ରଧାନ ଓ ଗ୍ରାମବାସୀ ଦାବି କରିଛନ୍ତି।

# ବିସ୍ଫୋରକ ସାମଗ୍ରୀ ଚୋରା କାରବାର ବେଳେ ମାଡ଼ି ବସିଲା ପୁଲିସ, ୩ ଗିରଫ

ଖୋର୍ଦ୍ଧା,୬।୭(ସମିସ): ଖୋର୍ଦ୍ଧାରେ ଦୀର୍ଘ ବର୍ଷ ବ୍ୟବଧାନ ପରେ ପୁଣି ଆରମ୍ଭ ହୋଇଛି ପାହାଡ ବିସ୍ଫୋରଣ ପାଇଁ ଯୋଜନା। ସମସ୍ତ ପାହାଡ, କ୍ରସର ବନ୍ଦ ଥିବା ବେଳେ ବେଆଇନ ଭାବେ ଜିଲାଟିନ୍ ଏବଂ ଡିଟନେଟର ଆଣି ମୁଣ୍ଡିଆ ଫଟାଇବାକୁ ମସୁଧା ଚାଲୁଥିଲା। ସଦର ଥାନା ପୁଲିସ ବିଶ୍ୱସ୍ତ

- ୬.୮୦ ଲକ୍ଷ ଟଙ୍କା ସହ ଜିଲାଟିନ ଷ୍ଟିକ୍ ଓ ଡିଟୋନେଟର ଜବତ
- ପୁଣି ପାହାଡ ବିସ୍ଫୋରଣ ପାଇଁ ହେଉଥିଲା ଡିଲ୍

ସୂତ୍ରରୁ ଖବର ପାଇ ଏକ ବଡ଼ ଧରଣର ଚଢ଼ଉ କରି ବେଆଇନ ବିସ୍ଫୋରକ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ପଳାଶପିଠିଆ ଗ୍ରାମର ବିଶ୍ୱନାଥ କହଁର ଓରଫ ବିଶ୍ୱ, ଗଞ୍ଜାମ ଜିଲ୍ଲା ଜକରାର ଫିଟୁ ପ୍ରଧାନ (୩୩) ଏବଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଗଡନିଆଁଳ ର ରବିନାରାୟଣ ଖଟେଇ ଓରଫ ରବି (୩୪)। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ ୧୦୦ଟି ଡିଟୋନେଟର, ୨୦୦ଟି ଜିଲାଟିନ ଷ୍ଟିକ୍, ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ୩ଟି ସ୍ମାର୍ଟ ଫୋନ୍, ୨ଟି ମୋଟରସାଇକେଲ ଏବଂ ଗୋଟିଏ ଅଶୋକ ଲେଲାଣ୍ଡ ଗାଡ଼ି ଜବତ କରାଯାଇଛି ବୋଲି ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିତ୍ ପରଶୋତ୍ତମ ଦାସ କହିଛନ୍ତି।

ଏସ୍‌ପିଙ୍କ କହିବା ଅନୁସାରେ, ସଦର ଥାନା ଅନ୍ତର୍ଗତ



ଟାପଙ୍ଗ ସବୁଜ କୃତ୍ରିମ ହ୍ରଦ ନିକଟ ପାହାଡ ଅଞ୍ଚଳରେ କିଛି ବ୍ୟକ୍ତି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର କରୁଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ସେମାନଙ୍କୁ ଧରିବା ଲାଗି ପରମାର ସ୍ମିତ୍ ପରଶୋତ୍ତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ.ଡି.ପି.ଓ ପଙ୍କଜ କୁମାର ମାଝୀ ଓ ସଦର ଥାନା ଆଇ.ଆଇ.ସି ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏ.ଏସ.ଆଇ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଗୁପ୍ତ ସୂଚନା ଆଧାରରେ ଗତ ରବିବାର ସନ୍ଧ୍ୟା ପ୍ରାୟ ୭.୧୫ଟାରେ ଏହି ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବିଶ୍ୱ ଠାରୁ ଗୋଟିଏ ମୋଟରସାଇକେଲ୍ ଓ ଗୋଟିଏ ମୋବାଇଲ, ଫିଟୁ ନିକଟରୁ ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ଅଶୋକ ଲେଲାଣ୍ଡ ଗାଡ଼ି, ଏବଂ ରବି ନିକଟରୁ ଗୋଟିଏ ମୋବାଇଲ ଓ ଏକ ମୋଟରସାଇକେଲ୍ ଜବତ କରିଥିଲା ପୁଲିସ। ଢେଙ୍କାନାଳ ଅଞ୍ଚଳରୁ ଏହି ବିସ୍ଫୋରକ ସାମଗ୍ରୀ ସବୁ ଅଣାଯାଇ ଏଠାରେ ବିଭିନ୍ନ ପାହାଡ ବିସ୍ଫୋରଣ ପାଇଁ ଯୋଗାଇ ଦେବାକୁ ବଡ ଧରଣର ଡିଲ୍ ଚାଲୁଥିଲା ବୋଲି ପ୍ରାଥମିକ ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଏସ୍‌ପି କହିଥିଲେ। ଅଧିକ ଲାଭ ଆଶାରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ବିକ୍ରି ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ଏହି ଘଟଣାରେ ଖୋର୍ଦ୍ଧା ସଦର ଥାନା କେସ୍ ନଂ-୩୦୯/୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୮/୬୧(୨) ଏବଂ ବିସ୍ଫୋରକ ପଦାର୍ଥ ଆଇନ, ୧୯୦୮ର ଧାରା ୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏତେ ପରିମାଣର ଡେଟୋନେଟର ଓ ଜେଲାଟିନ ଷ୍ଟିକ୍ କେଉଁଠାରୁ ଆସିଥିଲା, କାହାକୁ ବିକ୍ରି କରିବା ପାଇଁ ଚୁକ୍ତି ହୋଇଥିଲା, ଏବଂ ଏହି କାରବାର ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ଦିଗରେ ପୁଲିସ ତଦନ୍ତ ଚଳାଇଛି। ସେହିପରି ଏତେ ପରିମାଣ ର ଟଙ୍କା ଜବତ ପରେ ବେଆଇନ ବିସ୍ଫୋରଣ ସାମଗ୍ରୀ କାରବାର ପାଇଁ ଅର୍ଥ ଯୋଗାଉଥିବା କିଙ୍ଗ ପିନ କିଏ ସେ ସମ୍ପର୍କରେ ପୁଲିସ ତଦନ୍ତ କରି ମୁଖ୍ୟ ଆସାମୀକୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ବେଆଇନ୍ ବିସ୍ଫୋରଣ ପରେ କେବଳ ପାହାଡ ନୁହେଁ, ଆଖପାଖରେ ଥିବା ଅନେକ କୋଠାଘର ମଧ୍ୟ ଫାଟି କ୍ଷତିଗ୍ରସ୍ତ ହୁଏ। ପୁଲିସ ଏହି ଘଟଣାର ତଦନ୍ତ କରି ଖୁବ୍ ଶୀଘ୍ର ରାକେଟକୁ ଧରିବାରେ ସଫଳ ହେବ ବୋଲି ଏସ୍‌ପି ଶ୍ରୀ ଦାସ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଉପନିରୀକ୍ଷକ ସୁଜାତା ପଲେଇ କରୁଛନ୍ତି।

### ବୈତରଣୀରେ ବନ୍ୟା ସ୍ଥିତି

# ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ



ଭୁବନେଶ୍ୱର,୬।୭(ସମିସ): ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଏବଂ ସେ ପ୍ରଭାବରୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା।

**ଚାଷଜମିର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ସମୀକ୍ଷା ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ଅଛି। କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। କୌଣସି ଜଣେ ଲୋକକୁ ମଧ୍ୟ ସ୍ଥାନାନ୍ତରଣ କିମ୍ବା ସହାୟତା ଆବଶ୍ୟକ ଥିଲେ ତାହାକୁ ଗୁରୁତ୍ୱର ସହିତ ଦୃଷ୍ଟିରେ ରଖି ସହଯୋଗ ଯୋଗାଇ ଦେବାକୁ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଲଗାଣ ବର୍ଷା ପ୍ରଭାବରେ କିଛି ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି ବୋଲି ମନ୍ତ୍ରୀ କହିଥିବା ବେଳେ ଜିଲ୍ଲାପ୍ରଶାସନକୁ ତାହାର ସର୍ଭେ ଏବଂ କ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କ୍ଷୟକ୍ଷତିର ୨୪ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଭଦ୍ରକ ସହରରେ ବୁଲିଲା ବୁଲ୍‌ଡୋଜର

# ମାଟିରେ ମିଶିଲା ୫୦ରୁ ଅଧିକ କୋଠା ଓ ଅସ୍ଥାୟୀ ଘର

ଭଦ୍ରକ,୬।୭(ସମିସ): ଭଦ୍ରକ ସହରରେ ପୁଣି ବୁଲିଲା ବୁଲ୍‌ଡୋଜର। ସହରାଞ୍ଚଳର ୭ ନମ୍ବର ୱାର୍ଡ ଅଧୀନ ମାଠସାହି ହନୁମାନ ମନ୍ଦିର ନିକଟରେ ଦୀର୍ଘ ବର୍ଷ ହେବ ସରକାରୀ ଜମିରେ ରହିଥିବା କୋଠାଘର, ଆଜ୍‌ବେଷ୍ଟସ ଘର ଓ ଦୋକାନ ଘର ସହ ଅସ୍ଥାୟୀ ଘରଗୁଡ଼ିକୁ ସୋମବାର ପ୍ରଶାସନ ଓ ପୁଲିସ ମିଳିତଭାବେ ଜେସିବି ଲଗାଇ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ସହର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମଠସାହି ମୌଜାର ଖାତା ନମ୍ବର-୮୯୭ରେ ୧୬୨୨ ପ୍ଲଟ୍‌ରେ ଥିବା ପ୍ରାୟ ୧ଏକର ପତିତ କିସମ ସରାକରୀ ଜମିରେ ଦୀର୍ଘ ବର୍ଷ ହେବ ଜବରଦଖଲ କରି ୫୦ରୁ ଅଧିକ ବ୍ୟକ୍ତି କୋଠାଘର, ଦୋକାନ ଘର ଓ ଅସ୍ଥାୟୀ ଘର କରି ରହୁଥିଲେ। ତେବେ ଜବରଦଖଲ ଯୋଗୁଁ ବିଭିନ୍ନ ସମସ୍ୟା ଉପୁଜିବା ସହ



ସମ୍ପୃକ୍ତ ଅଞ୍ଚଳରେ ଡ୍ରଗ୍ସ କାରବାରଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଥିଲା। ପରେ ପ୍ରଶାସନ ପକ୍ଷରୁ ଏହାର ଉଚ୍ଛେଦ ଲାଗି ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ଉଚ୍ଛେଦ ବେଳେ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସ୍‌ନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ବିକାଶ ଦାସ, ଡିଏସ୍‌ପି ଅନିରୁଦ୍ଧ ମୁଦୁଲି, ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ଇନ୍ସପେକ୍ଟର ଦୟାନିଧି ଦାସ, ଭଦ୍ରକ ସଦର ଆର୍‌ଆଇ ଭଦ୍ରକ ସୌମ୍ୟ ସାମନ୍ତ, ଚରମ୍ପା ଆର୍‌ଆଇ ମନୋରମା ଧଳ, ବେକା ଆର୍‌ଆଇ ମଧୁସ୍ମିତା ସାହୁ, ସାତଭଉଣୀ ଆର୍‌ଆଇ ଗୌତମ ମଲ୍ଲିକ ଓ ସର୍ଭେୟର ସୁବାସ ପଲେଇ ପ୍ରମୁଖ ପୁଲିସ ଅଧିକାରୀ ତଥା ଫୋର୍ସ ସହ ପୌର କର୍ମଚାରୀମାନେ ସାମିଲ୍ ଥିଲେ।

## ଶିଶୁ ବାଟିକାରେ ନିଯୁକ୍ତ ହେବେ ୭,୨୩୪ ଶିକ୍ଷକ

ଭୁବନେଶ୍ୱର, ୬/୭ (ସମିସ) : ରାଜ୍ୟର ପ୍ରାୟ ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲିଛି। ଏସବୁ ଶ୍ରେଣୀରେ ଶିଶୁଙ୍କ ଯତ୍ନ ନେବା ପାଇଁ ପୂର୍ବରୁ ଶିଶୁ ସେବିକା ନିଯୁକ୍ତ ହୋଇଥିବା ବେଳେ ଏବେ ସେମାନଙ୍କୁ ଶିକ୍ଷାଦାନ ପାଇଁ ୭ ହଜାର ୨୩୪ଜଣ ଶିକ୍ଷକ ନିଯୁକ୍ତି ହେବେ। ଏହାକୁ ଅର୍ଥ ବିଭାଗ ପକ୍ଷ୍ୟରୁ ଅନୁମୋଦନ ମିଳିଥିବା ବେଳେ ଖୁବ୍ ଶୀଘ୍ର ନିଯୁକ୍ତି ନେଇ ଆଶା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମୋଟ ୭ ହଜାର ୨୩୪ଟି ଶିକ୍ଷକ ପଦ ପାଇଁ ଅର୍ଥ ବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ପ୍ରତି ଶିକ୍ଷକଙ୍କୁ ମାସିକ ୨୬ ହଜାର ୨୦୦ ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯିବ। ଏଥିପାଇଁ ସମଗ୍ର ଶିକ୍ଷା ପାଣ୍ଠିରୁ ବାର୍ଷିକ ୨୨୭ କୋଟି ୪୩ ଲକ୍ଷ ୬୯ ହଜାର ୬୦୦ ଟଙ୍କା ଖର୍ଚ୍ଚ ହେବ। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଶିଶୁମାନଙ୍କ ବୌଦ୍ଧିକ ବିକାଶ ସହିତ ସେମାନଙ୍କ ପାଠପଢ଼ାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏହି ନୂତନ ପଦ ସୃଷ୍ଟି କରିଛନ୍ତି। ଖୁବଶୀଘ୍ର ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ମଧ୍ୟ ଆଶା ପ୍ରକାଶ ପାଇଛି

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ; ପ୍ରଧାନଶିକ୍ଷକ ଥାନାରେ ଅଟକ

ବାରିକପୁର,୬।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ଶୁକଦେବ ଜେନା ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ନାମରେ ଗୁରୁତର ଅଭିଯୋଗ ଆସିଛି। ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ଜନୈକ ଶିକ୍ଷୟିତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ସହିତ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ପ୍ରଧାନଶିକ୍ଷକ ଯୌନ ଶୋଷଣ ଭଳି ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଶିକ୍ଷୟିତ୍ରୀ ଜଣକ ବାରମ୍ବାର ଏହାକୁ ପ୍ରତିରୋଧ କରିଥିଲେ। ଏହାସତ୍ତ୍ୱେ ପ୍ରଧାନଶିକ୍ଷକ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣୁ ନ ଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଜଣକ ଅତିଷ୍ଠ ହୋଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସମେତ ସ୍ଥାନୀୟ ଥାନାରେ ଗତ ୩୦ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୫ଦିନ ପରେ ପୁଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ପାଇ ସ୍ଥାନୀୟ ୨୦୦ରୁ ଅଧିକ ମହିଳା ସ୍କୁଲ ପ୍ରାଙ୍ଗଣରେ ପହଞ୍ଚିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ମହିଳାମାନେ ବିଭିନ୍ନ ନାରାବାଜି ଦେଇଥିଲେ। ପରିସ୍ଥିତିକୁ ଆୟତ କରିବା ପାଇଁ ପୁଲିସ ନାକେଦମ୍ ହୋଇଥିଲା। କିଛି ସମୟ ପରେ ପୁଲିସ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ଏନେଇ ପୁଲିସ ଉପଖଣ୍ଡ ଅଧିକାରୀଙ୍କ ମତାମତ ନେବାରୁ ଅଭିଯୋଗକୁ ନେଇ ସମ୍ପୃକ୍ତ ଶିକ୍ଷକ ଏବେ ପୁଲିସ ହେପାଜତରେ ଥିବାବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଅଭିଭାବକଙ୍କ ସମେତ ପଞ୍ଚାୟତବାସୀ ତୀବ୍ର ବିରୋଧ କରୁଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କା ଜେଲ୍‌ରେ...

ଯେ, ଘଟଣାର କାରଣ ଓ ପରିସ୍ଥିତିର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭିକ ତଦନ୍ତ ହୋଇଥିବା ବେଳେ, ଆଜି ପରିସ୍ଥିତି ସ୍ୱାଭାବିକ ରହିଛି।ଏହି ଘଟଣା ପରେ ଶ୍ରୀଲଙ୍କାର କାରାଗାରଗୁଡ଼ିକର ଅତ୍ୟଧିକ ଭିଡ଼, ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତା ଏବଂ କାରାଗାର ଭିତରେ ବେଆଇନ ମାଦକ ଚକ୍ରର ପ୍ରଭାବ ପୁଣିଥରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଆବେଦନ ଖାରଜ...

ଡିଭିଜନ ହାଇକୋର୍ଟ ସଞ୍ଜୟ ଭଣ୍ଡାରୀ ମାମଲାର ଉଦାହରଣ ଦେଇ ନୀରବ ମୋଦୀ କରିଥିବା ପୁନଃ ଶୁଣାଣି ଆବେଦନକୁ ଖାରଜ କରିଦେଇଥିଲେ। ଭାରତ ଗଲେ ତାଙ୍କୁ ନିର୍ଯାତନା ଦିଆଯିବ ବୋଲି ନୀରବ ଯୁକ୍ତି ବାଢ଼ିଥିଲେ, କିନ୍ତୁ ସିବିଆଇ ଅଧିକାରୀମାନେ କୋର୍ଟରେ ଏହି ଦାବିକୁ ଭୁଲ୍ ପ୍ରମାଣିତ କରିଥିଲେ। ବର୍ତ୍ତମାନ ସମସ୍ତ ଆଇନଗତ ବାଧା ଦୂର ହୋଇଥିବାରୁ ବ୍ରିଟେନ କର୍ତ୍ତୃପକ୍ଷ ତାଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ଏବଂ ଯେକୌଣସି ସମୟରେ ତାଙ୍କୁ ଭାରତ ଅଣାଯାଇପାରେ ବୋଲି କୁହାଯାଉଛି।

### ବଢୁଛି ଏସ୍‌ଆଇଆର୍...

କରୁନାହାନ୍ତି। ଏହାର ବଦଳରେ ସେମାନେ ବିଭିନ୍ନ କମ୍ୟୁନିଟି ହଲ୍, ଧର୍ମାନୁଷ୍ଠାନ ଏବଂ ନିଜ ବାସଭବନରେ ବସି ଭୋଟର ଫର୍ମ ପୂରଣ କରୁଛନ୍ତି। ଏଥିପାଇଁ ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପ୍ ମଧ୍ୟ ଖୋଲାଯାଇଛି। ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ କଂଗ୍ରେସ ପକ୍ଷରୁ ଶିବିରମାନ ଆୟୋଜନ କରୁଥିବା ବିରୋଧୀ ଦଳ ଦାବି କରିଛନ୍ତି। ଅପରପକ୍ଷରେ, ଉପମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ନିର୍ବାଚନ ପ୍ରକ୍ରିୟାରେ କୌଣସି ହସ୍ତକ୍ଷେପ କରୁନାହାନ୍ତି। ସରକାରୀ ସ୍ତରରେ ଭୋଟର ସଚେତନତା ବ୍ୟାପକ କରାଯାଉଥିବାରୁ ବିରୋଧୀ ଦଳ ଭୟଭୀତ ହୋଇପଡ଼ିଛନ୍ତି।

### ଓଡ଼ିଶାରେ ନିର୍ବାଚନମଣ୍ଡଳୀ...

ମୟୂରଭଞ୍ଜରେ ୧୧୧୨୬୭, ଯାଜପୁରରେ ୧୦୫୦୧୪, ବଲାଙ୍ଗୀରରେ ୯୯୨୫୮, ବାଲେଶ୍ୱରରେ ୯୩୬୪୯, ପୁରୀରେ ୮୫୧୬୨, ସୁନ୍ଦରଗଡ଼ରେ ୮୪୬୯୨, ବରଗଡ଼ରେ ୭୪୪୦୫ ଜଣଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। କଳାହାଣ୍ଡିରେ ୭୪୫୪୬ ଜଣଙ୍କ ନାମ ବାଦ ଦିଆଯାଇଥିବା ବେଳେ ଭଦ୍ରକରେ ୬୮୩୩୭, ଖୋର୍ଦ୍ଧାରେ ୬୬୬୬୯, ଜଗତସିଂହପୁରରେ ୬୪୯୫୬, କେନ୍ଦୁଝରରେ ୬୪୪୦୯, କୋରାପୁଟରେ ୬୨୨୯୦, କେନ୍ଦ୍ରାପଡାରେ ୬୦୨୪୦, ଢେଙ୍କାନାଳରେ ୫୮୫୫୪, ନୟାଗଡରେ ୫୬୭୦୫, ସମ୍ବଲପୁରରେ ୫୬୮୦୧, ରାୟଗଡାରେ ୪୫୪୯୩, ନବରଙ୍ଗପୁରରେ ୪୫୭୫୭, ଅନୁଗୋଳରେ ୪୪୮୮୨, କନ୍ଧମାଳରେ ୩୮୯୯୯ ଓ ଗଜପତିରେ ୩୧୩୫୬ ଜଣଙ୍କର ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି।

ଭୋଟର ତାଲିକାରେ ନାମ ବାଦ୍ ଯିବାକୁ ନେଇ ଅନେକ ଲୋକଙ୍କ ମନରେ ଛନକା ପଶିଛି। ବିଭିନ୍ନ ଜିଲ୍ଲାରେ ଏ ନେଇ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଢେଙ୍କାନାଳରେ ଜଣେ ଭୋଟର କହିଛନ୍ତି ଯେ ମୋର ଦୁଇଜଣ ପିଲା ତଥା ସ୍ତ୍ରୀଙ୍କର ଚିଠା ଭୋଟର ତାଲିକାରେ ନାମ ଆସିଛି। ମାତ୍ର ମୋର ନାମ ନାହିଁ। ସେହିପରି ଅନ୍ୟଜଣେ ବ୍ୟକ୍ତିବିଶେଷ କହିଛନ୍ତି ଯେ ୧୯୭୪ ମସିହାରୁ ମୁଁ ଭୋଟ୍ ଦେଇ ଆସୁଛି। ମୋତେ ଆବାସ ଯୋଜନାରେ ଘର ସହ ଭତ୍ତା ମଧ୍ୟ ମିଳିଛି। ଏହାସତ୍ତ୍ୱେ ଭୋଟର ତାଲିକାରୁ ନାମ କଟିଛି। ଅପରପକ୍ଷେ କୌଣସି କାରଣରୁ ଯୋଗ୍ୟ ଭୋଟରଙ୍କ ନାମ କଟିଥିଲେ ଆପତ୍ତି, ଅଭିଯୋଗ କରାଗଲେ ସେମାନଙ୍କ ନାମ ପୁନର୍ବାର ନାମ ଭୋଟର ତାଲିକାରେ ସଂଯୋଗ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ। ଏପରିକି ପରିଗଣନା ଫର୍ମ ହାସଲ ପାଇଁ ବିଏଲଓମାନେ ଅତି କମରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଘରକୁ ୩ ଥର ଯାଇଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ ୨୦ ଲକ୍ଷ ୧୨ ହଜାରରୁ ଅଧିକ ପରିଗଣନା ଫର୍ମ ଫେରିନାହିଁ ବୋଲି ସେ କହିଛନ୍ତି।

### ହଟିଲେ ଚମ୍ପତ...

ଏବେ ଏଫ୍‌ଆଇଆର ହୋଇପାରେ ବୋଲି କୁହାଯାଉଛି। ଟ୍ରଷ୍ଟ ସେମାନଙ୍କ ଉପରେ ଏତେ କ୍ଷୁବ୍ଧ ଯେ ଆଜିର ବୈଠକକୁ ଆସିବା ଲାଗି ସେମାନଙ୍କୁ ଅନୁମତି ଦିଆଯାଇ ନଥିଲା। ବୈଠକ ପରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି ସାମ୍ବାଦିକମାନଙ୍କୁ କହିଲେ ଯେ ଚାନ୍ଦା ଚୋରି କୋଟି କୋଟି ରାମଭକ୍ତଙ୍କୁ ଆଘାତ ଦେଇଛି। ଏହି ଘଟଣା ଟ୍ରଷ୍ଟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ଏହାର ସମ୍ମାନ କ୍ଷୁଣ୍ଣ ହୋଇଛି। ତେଣୁ ଏଥିରେ ଯେଉଁଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କାହାକୁ ଛଡ଼ାଯିବ ନାହିଁ। ଏସଂପର୍କରେ ଗଠିତ ଏସ୍‌ଆଇଟିକୁ ଟ୍ରଷ୍ଟ ସବୁପ୍ରକାର ସହାୟତା ଓ ସହଯୋଗ ଦେବ। ଆସନ୍ତା ୨୨ ତାରିଖରେ ଟ୍ରଷ୍ଟର ଆଉ ଏକ ବୈଠକ ବସିବ ଏବଂ ଏଥିରେ ଏସଆଇଟିର ଚୂଡ଼ାନ୍ତ ରିପୋର୍ଟର ସମୀକ୍ଷା କରାଯିବ। ସେ ଆହୁରି କହିଲେ ଯେ ଭକ୍ତମାନେ ଦାନ କରିଥିବା ସମସ୍ତ ୨୮୦୦ ମୂଲ୍ୟବାନ ଉପହାର ସୁରକ୍ଷିତ ରହିଛି। ସେଥିମଧ୍ୟରୁ କିଛି ଉପହାର ସାମଗ୍ରୀକୁ ସାମ୍ବାଦିକମାନଙ୍କ ପାଇଁ ପ୍ରଦର୍ଶିତ ରାଯାଇଥିଲା। ଏଥିରେ ସୁନାର ରାମଚରିତ ମାନସ ଓ କିଛି ସୁନା ହାର ମଧ୍ୟ ରହିଛି।

### ପାଣ୍ଡିଆନଙ୍କ ସହଯୋଗ...

ଓଡ଼ିଶାର ସମ୍ମାନ ପୁଣିଥରେ ଆନ୍ତର୍ଜାତୀୟ ମଞ୍ଚରେ ବୃଦ୍ଧି କରିଛି। ଭେନେଜୁଏଲା କାମଚଳା ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜଙ୍କ ଆଗ୍ରହ ଓ ନିମନ୍ତ୍ରଣ କ୍ରମେ ନବୀନଙ୍କ ସହଯୋଗୀ ତଥା ତତ୍‌କାଳୀନ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଭେନେଜୁଏଲା ଗସ୍ତ କରିଛନ୍ତି। ସେଠାରେ ସେ ଭୂକମ୍ପ ପୀଡ଼ିତଙ୍କ ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ଭେନଜୁଏଲା ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି।

ଭୟାବହ ଭୂମିକମ୍ପରେ ଭେନଜୁଆଲା ଏକପ୍ରକାର ଧ୍ୱସ୍ତ ବିଧ୍ୱସ୍ତ ହୋଇଛି। ୩୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି ଓ ୫୦ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଏବେ ବି ଧ୍ୱସ୍ତସ୍ତୁପ ତଳୁ ଲୋକମାନଙ୍କୁ ଉଦ୍ଧାର କରାଯାଉଛି। ଏହି କ୍ରମରେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଓଡ଼ିଶାର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଭେନଜୁଆଲା ଆଗ୍ରହ ପ୍ରକାଶ କରିଛି। ୧୯୯୯ ମହାବାତ୍ୟାରୁ ଶିକ୍ଷା ନେଇ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ କ୍ଷେତ୍ରରେ ଏକ ସର୍ବଶ୍ରେଷ୍ଠ ମଡେଲ ପ୍ରସ୍ତୁତ କରି ପାରିଥିଲା। ନବୀନଙ୍କ ମାର୍ଗଦର୍ଶନରେ ୫-ଟି ସଚିବ ଭି. କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ଓଡ଼ିଶା ବିପର୍ଯ୍ୟୟ ମୁକାବିଲାରେ ଅକଳ୍ପନୀୟ ସଫଳତା ପାଇଥିଲେ। ବିପର୍ଯ୍ୟୟ ସମୟରେ ଓଡ଼ିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଏବଂ 'ଶୂନ୍ୟ ଜୀବନ ହାନି' ନୀତିକୁ ସାରା ବିଶ୍ୱ ଗ୍ରହଣ କରିଛି। ବିଶେଷକରି ଫାଇଲିନଠାରୁ ଆରମ୍ଭ କରି ଫନି, ହୁଡ୍‌ହୁଡ, ଅମ୍ଫନ, ଗୁଲାବ, ୟସ୍ ପରି ବାତ୍ୟା ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ମୁକାବିଲାରେ ପାରଦର୍ଶିତାକୁ ଦେଶ, ବିଦେଶରେ ଉଚ୍ଚ ପ୍ରଶଂସା ମିଳିଥିଲା। ଅତି ଭୟଙ୍କର ରେଳ ଦୁର୍ଘଟଣା ସମୟରେ ସରକାରଙ୍କ ତ୍ୱରିତ ପଦକ୍ଷେପ ଅନେକ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲଶ। ତେଣୁ ବିପର୍ଯ୍ୟୟ ମୁକାବିଲାର ପ୍ରସ୍ତୁତି ଓ ବିପର୍ଯ୍ୟୟ ପରେ ଏହାର ପରିଚାଳନାର ଅନୁଭବ ଓ ଅଭିଜ୍ଞତାକୁ ଶ୍ରୀ ପାଣ୍ଡିଆନ ଭେନଜୁଆଲାର ରାଷ୍ଟ୍ରପତି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାପୂର୍ବରୁ ଶ୍ରୀ ପାଣ୍ଡିଆନ ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତ ଏବଂ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଦଳ ସହିତ ଆଲୋଚନା କରିଥିଲେ। ଏଭଳି ଏକ ଆହ୍ୱାନପୂର୍ଣ୍ଣ ସମୟରେ ସେଠାରେ ସେବା ଯୋଗାଇ ଦେଉଥିବା ଭାରତୀୟ ସେନାର ଅତୁଳନୀୟ କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହିତ ଦିନରାତି ଏକ କରି ଲୋକଙ୍କ ଜୀବନ ବଞ୍ଚାଉଥିବା ଡାକ୍ତରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ତ୍ୟାଗକୁ ମଧ୍ୟ ସେ ପ୍ରଶଂସା ଜଣାଇଛନ୍ତି।

ଶ୍ରୀ ପାଣ୍ଡିଆନ ତାଙ୍କ ସାମାଜିକ ଗଣମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭେନେଜୁଏଲାର ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷଙ୍କ ଭେଟିଥିବା ସେ କହିଛନ୍ତି। ଏହି ଭୟଙ୍କର ଆହ୍ୱାନପୂର୍ଣ୍ଣ ସମୟରେ ଲୋକଙ୍କ ସହ ଛିଡ଼ା ହୋଇଥିବାରୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆନ୍ତରିକତାର ସହ ପ୍ରଶଂସା ସହ ପ୍ରଭାବିତ ଲୋକଙ୍କ ପାଇଁ ସେବା ଯୋଗାଇ ଦେଉଥିବା ଭାରତୀୟ ସେନା ଏବଂ ମେଡିକାଲ ଟିମକୁ ମଧ୍ୟ ସେ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଭେନଜୁଆଲା ପରି ଦେଶ ବିପର୍ଯ୍ୟୟ ପରିଚାଳନାର ଜ୍ଞାନ ସଂଗ୍ରହ ନିମନ୍ତେ ପାଣ୍ଡିଆନଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ସଫଳତା, ନିଷ୍ଠାପର ଉଦ୍ୟମ ତଥା ଅଧ୍ୟବସାୟ କେବେ ନିରର୍ଥକ ଯାଏ ନାହିଁ ବୋଲି ଅନେକ ମତ ପ୍ରକାଶ କରିଛନ୍ତି।

### କେବଳ ଅଧିକୃତ...

କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରଥଯାତ୍ରା କର୍ଡନ ପାସ୍ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଅନୁସାରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଇସ୍ୟୁ ନ କରିବାକୁ କହିଛନ୍ତି। କେବଳ ଶ୍ରୀମନ୍ଦିର ନୀତିକାନ୍ତି ସହ ଜଡ଼ିତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଆଉ କାହାକୁ ପାସ୍ ଦିଆଯିବ ନାହିଁ। ରଥଯାତ୍ରାର ସୁପରିଚାଳନା ପାଇଁ ସୋମବାର ଆୟୋଜିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବେନିୟମ ଭାବେ କର୍ଡନ ଅଞ୍ଚଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଶାଳୀନତାର ସହ ବୁଝାଇ ବାରଣ କରିବାକୁ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ସମର୍ପଣ ଓ ସମନ୍ୱୟର ମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସମର୍ପଣ ଭାବ ନେଇ ସବୁ ବିଭାଗକୁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡ଼ିଶା ତଥା ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସୁରକ୍ଷା ଓ ଭିଡ଼ ପରିଚାଳନା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା ହୋଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ। ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ୍ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍‌ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ୍‌ସାଇଟ୍ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡ଼ାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ-ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ, ସାଂସଦ ଓ ବିଧାୟକଗଣ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସହ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଅଧିକାରୀ ବୃନ୍ଦ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମଠାଧୀଶ, ସେବାୟତ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ଇସ୍ତଫା ଦେଲେ...

କାରଣକୁ ହଜମ କରିପାରୁ ନାହିଁ। ୨୫ ଦିନ ତଳେ ଇସ୍ତଫାପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ହେଁ ଏହାର ସୁରାକ କେହି ପାଇ ନ ଥିଲେ। ଏବେ ୨୫ ଦିନ ପରେ ତାହା ଲୋକଲୋଚନକୁ ଆସିଛି। ନିଜ ପରିବାର, ସମ୍ପର୍କୀୟ ଓ ବନ୍ଧୁମାନଙ୍କ ସହ ଆଲୋଚନା କରି ସେ ଏପରି ନିଷ୍ପତ୍ତି ନେଇଥିବା ଓ ଆଇପିଏସ୍ ଛାଡ଼ି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ମନସ୍ଥ କରିଥିବା ନିଜେ ଶ୍ରୀ ମୀନା କହିଛନ୍ତି। ଏହା ସହ ତାଙ୍କ ଇସ୍ତଫା ସହ କୌଣସି ଘଟଣା ସହ ନ ଯୋଡ଼ିବାକୁ ଶ୍ରୀ ମୀନାଙ୍କ ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି। ସମ୍ଭବତଃ କୌଣସି (!) ଘଟଣା ହିଁ ତାଙ୍କ ଇସ୍ତଫା ପଛର କାରଣ ହୋଇଥାଇପାରେ ବୋଲି ଅନେକ ମନେ କରୁଛନ୍ତି। ଶ୍ରୀ ମୀନା ୨୦୧୩ ବ୍ୟାଚର ଓଡ଼ିଶା କ୍ୟାଡ଼ର ଆଇପିଏସ୍। ଗଞ୍ଜାମରୁ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପରବର୍ତ୍ତି ସମୟରେ କଳାହାଣ୍ଡି ଏସ୍‌ଡିପିଓ, ଅନୁଗୁଳ ଓ ଗଞ୍ଜାମ ଏସ୍‌ପି ଭାବେ କାମ କରିଛନ୍ତି। ପରେ କଟକ ୟୁପିଡି ଡିସିପି ଓ ଗତବର୍ଷ ମାର୍ଚ୍ଚ ୫ରୁ ଭୁବନେଶ୍ୱର ଡ଼ିସିପି ଭାବରେ କାର୍ଯ୍ୟ କରୁଥିଲେ। ଯଦିଓ ସେ ଇସ୍ତଫାର କାରଣ ସେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଭାବେ ଦର୍ଶାଇଛନ୍ତି; ତଥାପି ଏହି ନିଷ୍ପତ୍ତି ଖୋଦ୍ ପୁଲିସ ବିଭାଗକୁ ବି ସନ୍ଦେହରେ ପକାଇଛି। ବୈଷୟିକ ଜ୍ଞାନକୌଶଳରେ ସେ ତାଙ୍କ ସମୟର ଅନ୍ୟତମ ଶ୍ରେଷ୍ଠ ଅଧିକାରୀ ରୂପେ ପରିଚିତ। ୨୦୨୫ରେ ଭୁବନେଶ୍ୱର ପୁଲିସ ଜିଲ୍ଲାରେ ରୁଜୁ ହୋଇଥିବା ୧୫୬୬୪ ମାମଲା ମଧ୍ୟରୁ ୧୪୪୯୭ ମାମଲାର ତଦନ୍ତ ଶେଷ ପଛରେ ତାଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସିସିଟିଏନ୍‌ରେ ମଧ୍ୟ ଫାଇନାଲ ଫର୍ମ ଅପଲୋଡ଼୍ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା ତାଙ୍କ ସମୟରେ ପ୍ରଗତି ଡ୍ୟାସବୋର୍ଡ଼୍‌ରେ ରାଜ୍ୟରେ ଭୁବନେଶ୍ୱର ପୁଲିସ ଜିଲ୍ଲା ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲା। ମାତ୍ର ଉଚ୍ଚ ପ୍ରଶାସନିକ ଚାପ, ସରକାରୀସ୍ତରରେ ଦୁର୍ବ୍ୟବହାର ଓ ସାଧାରଣରେ ସମାଲୋଚନା ଯୋଗୁଁ ସେ ଚାକିରି ଛାଡ଼ିଥିବା କୁହାଯାଉଛି।

### ବୈତରଣୀରେ ଛୋଟ...

ଘଣ୍ଟା ପ୍ରତି ୨୫ କିମି ବେଗରେ ଏହା ଗତି କରୁଥିବା ବେଳେ ଆଗାମୀ ୨୪ ଘଣ୍ଟାରେ ଏହି ଉତ୍ତରପଶ୍ଚିମ ଦିଗରେ ଝାଡ଼ଖଣ୍ଡ, ଉତ୍ତର ଛାତିଶଗଡ ପାର୍ଶ୍ୱବର୍ତ୍ତୀ ପୂର୍ବ ମଧ୍ୟପ୍ରଦେଶ ଦେଇ ଗତିକରିବା ସମ୍ଭାବନା ରହିଛି। ଏହି ଅବପାତ ପ୍ରଭାବରେ ସୋନପୁରରେ ସର୍ବାଧିକ ୩୨୮.୪ ମିମି ବର୍ଷା ହୋଇଥିବା ବେଳେ ହୀରାକୁଦରେ ୨୦୦.୨ ମିମି, ସମ୍ବଲପୁର ରେ ୧୯୩.୪ମିମି ରେକର୍ଡ କରାଯାଇଛି। ଅନ୍ୟପଟେ ରାଜ୍ୟରେ ଗତ ୪୮ ଘଣ୍ଟା ଧରି ମୌସୁମୀ ଅତ୍ୟଧିକ ସକ୍ରିୟ ରହିବା ଯୋଗୁଁ ଦୈନିକ ହାରାହାରି ବର୍ଷାଠାରୁ ୪ଗୁଣା କିମ୍ବା ଏହାଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଏଥିପାଇଁ ଜୁନ୍ ମାସର ୪୭ ପ୍ରତିଶତ ନିଅଣ୍ଟିଆ ଭରଣ ସହ, ୧ଜୁନରୁ ୬ ଜୁଲାଇ ସୁଦ୍ଧା ରାଜ୍ୟରେ ୩୨୩.୪ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୨୬୫.୮ ମିମି ତୁଳନାରେ ୨୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ବର୍ଷା ଯୋଗୁଁ ଏବେ ରାଜ୍ୟର ବିଭିନ୍ନ ନଦୀ ମଧ୍ୟ ଫୁଲିଛି। ବିଶେଷ କରି ବୈତରଣୀ ସମେତ ମହାନଦୀରେ ଜଳସ୍ତର ବୃଦ୍ଧି ହୋଇଛି। ଏମିତି କି ବୈତରଣୀରେ ଏକ ଛୋଟ ଧରଣର ବନ୍ୟା ଆସିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ସେ କହିଛନ୍ତି ଯେ ବୈତରଣୀ ଜଳସ୍ତର ବଢୁଥିବାରୁ ଛୋଟ ବନ୍ୟା ଆଶଙ୍କା ରହିଛି। ଏଥିରେ ଯାଜପୁର ଜିଲ୍ଲାର ତଳିଆ ଅଞ୍ଚଳ ପ୍ରଭାବିତ ହୋଇପାରେ। ସେହିପରି ଆଖୁଆପଦାରେ ଅପରାହ୍ନ ୪ ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ଟପିବାର ଆଶଙ୍କା ରହିଛି। ଏଥିପାଇଁ ବିଭିନ୍ନ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ରହିବାକୁ କୁହାଯାଇଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ସରକାର କହିଥିବା ବେଳେ ଭଦ୍ରକର ମଧ୍ୟ କିଛି ତଳିଆ ଅଞ୍ଚଳର ପ୍ରଭାବିତ ହେବା ଆଶଙ୍କା ରହିଛି।

### ୯ରେ ହୀରାକୁଦ...

ଜଳ ନିଷ୍କାସିତ ହେବ ବୋଲି ସ୍ଥିର ହୋଇଛି। ହୀରାକୁଦର ଜଳଭଣ୍ଡାର ଜଳସ୍ତରର ୬୦୪ ଫୁଟ ରହିଛି। ବର୍ତ୍ତମାନ ଅଧିକାଂଶ ଜଳାଶୟ ଖାଲି ରହିଥିବାରୁ ଏବେସୁଦ୍ଧା ବଡ଼ଧରଣର ବନ୍ୟା ହେବାର ସମ୍ଭାବନା ନାହିଁ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି।

### ଲଗାଣ ବର୍ଷାରେ...

ଜେମାର ମୃତ୍ୟୁ ହୋଇସାରିଥିଲା। ମୃତକଙ୍କ ବାପା ଗୋବିନ୍ଦ ମୁଣ୍ଡା କାମ କରିବା ପାଇଁ ବାସୁଦେବପୁର ଯାଇଥିଲେ। ଆଜି ସ୍ଥାନୀୟ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସରପଞ୍ଚ ଚମ୍ପାବତୀ ଟୁଡ୍ଡୁ, ସାତକୋଶିଆ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ କ୍ରମେ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅପରାହ୍ନରେ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

### ଶୋଇଥିବା କକାକୁ..

ଟାଙ୍ଗିଆରେ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ କାଶୀନାଥଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ତୁରନ୍ତ ପହଞ୍ଚି ମୃତଦେହ ଜବତ କରିଛି। ଥାନା ଏସ୍‌ଆଇ ମନୋଜ କୁମାର ବେହେରା ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତ ପୁତୁରା ଧେରେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ମାନ ସମ୍ମାନ ବୃଦ୍ଧି ପାଇବ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ହୋଇପାରେ ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ଅତିଥି ସତ୍କାର କରିପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଧୈର୍ଯ୍ୟ ରଖି ଚାଲନ୍ତୁ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ । ଦାନ ଧର୍ମ କରିବେ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ଯୋଜନା ମୁତାବକ କାର୍ଯ୍ୟ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ବ୍ୟବସାୟରେ ବାଧା ଆସିପାରେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

## ଆଜିର ଇତିହାସ

- ୧୬୫୬- ଅଷ୍ଟମ ଶିଖ୍ ଗୁରୁ ହରକିଶନ୍‌ଙ୍କ ଜନ୍ମ ।
- ୧୭୯୯- ମହାରାଜା ରଣଜିତ୍ ସିଂହ ଲାହୋର ଉପରେ କବ୍‌ଜା କଲେ ।
- ୧୯୧୬- ନ୍ୟୁଜିଲ୍ୟାଣ୍ଡରେ ଲେବର ପାର୍ଟିର ଗଠନ ।
- ୧୯୭୮- ସୋଲୋମୋନ ଦ୍ୱୀପ ସଂଯୁକ୍ତ ରାଷ୍ଟ୍ରରୁ ସ୍ୱାଧୀନ ହେଲା ।
- ୧୯୮୦- ଇରାନ୍‌ରେ ସିରିଆ ଆଇନ ଲାଗୁ ହେଲା ।
- ୧୯୯୬- ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ ।

## ସୁଜେନ ନେଇ ନାହାନ୍ତି ୪୦୦ କୋଟି

# ଭଉଣୀ ଖୋଲିଲେ ଗୁମର



ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ୍ ରୋଶନ ନିଜର ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ ଚର୍ଚ୍ଚାରେ ରହିଥାନ୍ତି । ସେ ସୁଜେନ ଖାନ୍‌ଙ୍କଠାରୁ ଅଲଗା ହେବା ପରେ ଏବେ ସବା ଆଜାଦଙ୍କୁ ଡେଟ୍ କରୁଛନ୍ତି । ଏବେ ହ୍ରିତିକ୍‌ଙ୍କ ଏକ ବ୍ୟକ୍ତିଗତ କଥା ସାମ୍ନାକୁ ଆସିଛି । ସେ ସୁଜେନଙ୍କୁ ବିବାହ କରିବାର ୧୪ ବର୍ଷ ପରେ ଏହି ସମ୍ପର୍କ ଭାଙ୍ଗିଯାଇଥିଲା । ଏହା ପରଠାରୁ ଅନେକ ଥର ଖବର ଆସିଛି ଯେ, ହ୍ରିତିକ୍ ସୁଜେନଙ୍କୁ ଛାଡ଼ପତ୍ର ପରେ ୪୦୦ କୋଟି ଟଙ୍କା ଭରଣପୋଷଣ ବାବଦରେ ଦେଇଥିଲେ । ହେଲେ ଏନେଇ ହ୍ରିତିକ୍ ଓ ସୁଜେନ କେବେବି କିଛି କହି ନାହାନ୍ତି । ଏବେ ବହୁ ବର୍ଷ ପରେ ସୁଜେନଙ୍କ ଭଉଣୀ ତଥା ଜୁଏଲାରୀ ଡିଜାଇନର୍ ଫରାହ ଅଲ୍ଲୀ ଖାନ୍ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାର ସମୟରେ ଏସମ୍ପର୍କରେ ବଡ଼ ଖୁଲାସା କରିଛନ୍ତି । ସେ କହିଛନ୍ତି ଯେ, 'ଏହି ଛାଡ଼ପତ୍ର ଆପୋଷ ବୁଝାମଣାରେ ହୋଇଥିଲା । ଏକଥା ଶୁଣି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ବହୁତ ହଙ୍ଗାମା ମଧ ହୋଇଥିଲା । ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଲୋକଙ୍କର ଭିନ୍ନ ଭିନ୍ନ ମତ ଥିଲା, କିନ୍ତୁ ମୋତେ ଲାଗୁଛି ଯେ, ସେ ଦୁହେଁ ଏହାକୁ ବହୁତ ଭଲ ଭାବରେ ସମ୍ଭାଳିଥିଲେ ।' ଏହାବାଦ୍ ସେ ସୁଜେନଙ୍କୁ ୪୦୦ କୋଟି ଭରଣପୋଷଣ ରାଶି ମିଳିବା ଉପରେ କହିଥିଲେ, 'ଗୋଟିଏ କଥା, ମୁଁ ଆଜି ବି ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି, ସେମାନଙ୍କ ମଧ୍ୟରେ କେବେ ବି ୪୦୦ କୋଟି ଟଙ୍କା ନେଇ କୌଣସି ପ୍ରକାରର ଆଲୋଚନା ହୋଇ ନ ଥିଲା । ଯେତେବେଳେ ବି ମୁଁ ଇଣ୍ଟରନେଟ୍‌ରେ ଲୋକମାନଙ୍କୁ କହୁଥିବାର ଦେଖେ ଯେ, ସୁଜେନଙ୍କୁ ୪୦୦ କୋଟି ଟଙ୍କା ମିଳିବାରୁ ସେ ଧନୀ ହୋଇଗଲେ, ସେତେବେଳେ ମୁଁ ବହୁତ ଦୁଃଖୀ ହୋଇଯାଏ ।' ଫରାହ ତାଙ୍କ ଭଉଣୀଙ୍କ ବିଷୟରେ କହିଛନ୍ତି ଯେ, ସେ କୌଣସି ଅର୍ଥ ନେଇନାହାଁନ୍ତି ଏବଂ ଟଙ୍କା ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନଙ୍କୁ ଶିକ୍ଷା ଦିଆଯାଇଛି । ଏହି କାରଣରୁ ଏବେବି ହ୍ରିତିକ୍‌ଙ୍କ ପରିବାର ସହ ସୁଜେନଙ୍କର ଭଲ ସମ୍ପର୍କ ରହିଛି ।, "ମୋ ଭଉଣୀ ଭଦ୍ର ଏବଂ ସେ ସମ୍ଭ୍ରାନ୍ତ ପରିବାରର । ହ୍ରିତିକ୍ ମଧ ଜଣେ ଭଲ ମଣିଷ । ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଭାବେ ଚାଲିପାରିଲାନି, ତେଣୁ ସେମାନେ ଅଲଗା ହୋଇଗଲେ । ଏହି ଛାଡ଼ପତ୍ରରେ କୌଣସି ଭରଣପୋଷଣ ଭତ୍ତା ସାମିଲ ନଥିଲା । ଏଭଳି ଖବର ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ ।' ଏଠାରେ ପ୍ରକାଶ ଥାଉ କି, ହ୍ରିତିକ୍ ଏବଂ ସୁଜେନ ୨୦୦୦ ମସିହାରେ ବିବାହ କରିଥିଲେ । ୨୦୧୪ରେ ଆଇନଗତ ଭାବେ ଛାଡ଼ପତ୍ର ନେଇଥିଲେ । ସେମାନେ ଅଲଗା ହେବା ପରେ ମଧ ନିଜ ଦୁଇ ପୁଅଙ୍କ ପାଇଁ ଭଲ ସମ୍ପର୍କ ବଜାୟ ରଖିଛନ୍ତି ।

## ଗିନିଜ୍ ବିଶ୍ୱ ରେକର୍ଡରେ ଭାରତୀୟ ବ୍ୟଞ୍ଜନ



ଭାରତରେ ଏମିତି ଅନେକ ସ୍ୱାଦିଷ୍ଟ ବ୍ୟଞ୍ଜନ ଅଛି, ଯାହା ତାହାର ଅନନ୍ୟ ସ୍ୱାଦ ଯୋଗୁଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି । କିଛି ବ୍ୟଞ୍ଜନ ତ ଏତେ ବଡ଼ ଆକାରରେ ପ୍ରସ୍ତୁତ କରାଯାଏ ଯେ, ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମଧ ସାମିଲ ହୋଇଛି । ଏହି କ୍ରମରେ ୨୦୦୮ ମସିହାରେ ବିରିୟାନିକୁ ନେଇ ଏକ ରେକର୍ଡ ହୋଇଥିଲା । ନୂଆଦିଲ୍ଲୀର ଜଣେ ସେଫ୍ ୧୪,୦୬୦ କେଜିର ବିରିୟାନି ପ୍ରସ୍ତୁତ କରି ରେକର୍ଡ କରିଥିଲେ । ଏଥିରେ ହଜାର ହଜାର କିଲୋର ଚାଉଳ, ଘିଅ ଏବଂ ମସଲା ଇତ୍ୟାଦି ବ୍ୟବହାର କରାଯାଇଥିଲା । ଖେଚୁଡ଼ିଠାରୁ ଅଧିକ ସରଳ ଖାଦ୍ୟ ଭାରତରେ ବୋଧହୁଏ ଆଉ କିଛି ନାହିଁ । ଏହା ମଧ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି । ୨୦୧୭ ମସିହାରେ ଦିଲ୍ଲୀରେ ଆୟୋଜିତ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ସେଫ୍ ସଞ୍ଜୀବ କପୁର ଅନ୍ୟ ୫୦ ଜଣ ରୋଷେୟାଙ୍କ ଦଳ ସହ ମିଶି ୯୧୮ କେଜିର ଖେଚୁଡ଼ି ପ୍ରସ୍ତୁତ କରି ରେକର୍ଡ କରିଥିଲେ । ଦକ୍ଷିଣ ଭାରତର ଲୋକପ୍ରିୟ ଖାଦ୍ୟ ଦୋସା ମଧ ଗିନିଜ୍ ରେକର୍ଡରେ ସାମିଲ ହୋଇଛି । ୨୦୧୪ ମସିହାରେ ହାଇଦ୍ରାବାଦରେ ୨୯ ଜଣ ସେଫ୍‌ଙ୍କର ଏକ ଦଳ ବିଶ୍ୱର ସବୁଠାରୁ ଲମ୍ବା ଦୋସା ପ୍ରସ୍ତୁତ କରିଥିଲେ । ଏହାର ଲମ୍ବ ୧୬.୬୮ ମିଟର ଅର୍ଥାତ୍ ୫୪ ଫୁଟ ଏବଂ ୮.୬୯ ଇଞ୍ଚ ଥିଲା । ସେହିଭଳି ୨୦୧୨ ମସିହା ସେପ୍ଟେମ୍ବର ମାସରେ ଗୁଜରାଟର ଜାମନଗରଠାରେ 'ଦଗଡୁ ସେଠ୍ ଗଣପତି ସାର୍ବଜନୀନ ମହୋତ୍ସବ' ସମୟରେ ବିଶ୍ୱର ସବୁଠାରୁ ବଡ଼ ରୁଟି ପ୍ରସ୍ତୁତ କରାଯାଇଥିଲା । ଏହାର ଓଜନ ୧୪୫ କେଜି ଥିଲା । ଏହାକୁ ଏକ ବିଶାଳକାୟ ତାୱାରେ ପ୍ରସ୍ତୁତ କରାଯାଇଥିଲା ।

## ସ୍ମାର୍ଟ ଟଏଲେଟ୍



ପରିଣତ ବୟସ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଶୌଚାଳୟ ଯିବାରେ ଅସୁବିଧା ହୋଇଥାଏ । ହେଲେ ଏବେ ଏହି ସମସ୍ୟାକୁ ଆଖି ଆଗରେ ରଖି ଚୀନ୍ ଏକ ସ୍ମାର୍ଟ ଶୌଚାଳୟ ପ୍ରସ୍ତୁତ କରିଛି । ଏହି ସ୍ମାର୍ଟ ଶୌଚାଳୟକୁ ସ୍ଥାନୀୟ କମ୍ପାନି ୟୁଏବାନ୍ ନିର୍ମାଣ କରିଛି । ଏହାର ନାଁ ରହିଛି ସାଓବାନ୍ । ଏହା ଏକ ଏଆଇ ଚାଳିତ ରୋବଟ୍ ଟଏଲେଟ୍ । ସ୍ମାର୍ଟ ଶୌଚାଳୟଟିକୁ ଏମିତି ଟେକ୍ନିକ୍‌ରେ ତିଆରି କରାଯାଇଛି ଯଦ୍ୱାରା ଲୋକଙ୍କୁ ଏହା ନିକଟକୁ ଯିବାକୁ ପଡ଼ିବନି । ବରଂ ଲୋକଙ୍କ ସୁବିଧାକୁ ଦୃଷ୍ଟି ଦେଇ ଶୌଚାଳୟଟି ଆପେ ଆପେ ବିଛଣା ପାଖରେ ପହଞ୍ଚିବ । ବିଶେଷକରି ଏହି ରୋବଟ୍ ଘରର ଦୁଆର ବନ୍ଧକୁ ଏଡ଼ାଇ ସ୍ୱତଃପ୍ରବୃତ୍ତ ଭାବେ ରୋଗୀଙ୍କ ନିକଟରେ ପହଞ୍ଚିଯିବ । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ ବ୍ୟବହାର କରାଯାଇ ସାରିବା ପରେ ଆପେଆପେ ସଫା ମଧ ହୋଇଯିବ । ଏହି ସ୍ମାର୍ଟ ଟେକ୍ନିକ୍ ଆସିବା ପରେ ବିଶେଷକରି ଚାଲିବା ବୁଲିବା ପାଇଁ ଅସମର୍ଥ ଲୋକ ଓ ରୋଗୀଙ୍କ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ଏହା ଏଆଇ ଦ୍ୱାରା ପରିଚାଳିତ ହେଉଥିବାରୁ ଘରର ଭିତରର ମାହୋଲ୍‌କୁ ବେଶ୍ ସହଜରେ ଜାଣିପାରେ । ଖାସ୍ ସେଥିପାଇଁ ଏହା ଘରର କୌଣସି ଆସବାବପତ୍ର ସହ ବାଡ଼େଇ ନହୋଇ ସିଧା ଲୋକଙ୍କ ପାଖରେ ପହଞ୍ଚିଯାଏ । ରୋବୋଟିକ୍ ଟଏଲେଟ୍‌ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାର ଅଟୋମେଟିକ୍ ଡିସପୋଜାଲ୍ ସିଷ୍ଟମ୍ । ଏହାକୁ ବ୍ୟବହାର କରିସାରିବା ପରେ, ଏହି ରୋବୋଟ୍ ଏହାର ଲିଡାର୍ ନେଭିଗେସନ୍ ସିଷ୍ଟମ୍ କୁ ପୁଣିଥରେ ଚାଲୁ କରିଥାଏ ଏବଂ ଘରେ ଥିବା ଏହାର ନିର୍ଦ୍ଦିଷ୍ଟ ଡକିଂ ଷ୍ଟେସନ୍‌କୁ ଯାଇ ଜମା ହୋଇଥିବା ମଇଳାକୁ ବାହାର କରିଦେଇଥାଏ । ରୋବୋଟିକ୍ ଟଏଲେଟର ଡକିଂ ଷ୍ଟେସନ୍ ସିଧାସଳଖ ଘରର ମଇଳା ପାଣି ପାଇପ୍ ଲାଇନ ସହିତ ସଂଯୁକ୍ତ ହୋଇଥାଏ । ଏହା ଟଏଲେଟ୍ ଭିତରର ମଇଳାକୁ ସିଧାସଳଖ ସିୱେଜ୍ ସିଷ୍ଟମ୍‌ରେ ଫ୍ଲଶ୍ କରିଦିଏ । ଏହାଦ୍ୱାରା ଘରର ପାଇପ୍ ଲାଇନରେ କୌଣସି ପ୍ରକାରର ଜାମ୍ ହେବାର ଆଶଙ୍କା ରହି ନ ଥାଏ । ଟଏଲେଟ୍‌ଟି ଖାଲି ହୋଇଯିବା ପରେ, ଏହା ନିଜକୁ ନିଜେ ସଫା କରିବା ଆରମ୍ଭ କରେ । ଘର ଭିତରେ ବ୍ୟବହାର ସମୟରେ ଦୁର୍ଗନ୍ଧ ନ ହେବା ପାଇଁ 'ଶାଓବାନ୍' ସ୍ମାର୍ଟ ଶୌଚାଳୟରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଦୁର୍ଗନ୍ଧରୋଧକ ପ୍ରଣାଳୀର ବ୍ୟବହାର କରାଯାଇଛି । ଏଥିରେ ଏକ ବିଶେଷ ଫୋମ୍ ସିଲ୍ଡ ଏବଂ ଚାରକୋଲ୍ ଫିଲ୍ଟର୍ ଲାଗିଥାଏ, ଯାହା କୌଣସି ବି ପ୍ରକାରର ଦୁର୍ଗନ୍ଧକୁ ବାହାରକୁ ବ୍ୟାପିବାରୁ ସମ୍ପୂର୍ଣ୍ଣ ରୂପେ ରୋକିଥାଏ । ବର୍ତ୍ତମାନ ଚୀନ୍ ବଜାରରେ ଏହି ଶୌଚାଳୟ ବିକ୍ରି ପାଇଁ ଉପଲବ୍ଧ ରହିଛି । ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୩ ଲକ୍ଷ ଟଙ୍କା ରଖାଯାଇଛି । ତେବେ ଚୀନ୍‌କୁ ଛାଡି ଅନ୍ୟ ଦେଶରେ ଏହି ଶୌଚାଳୟ କେବେ ଲଞ୍ଚ୍ କରାଯିବ ସେ ବିଷୟରେ କମ୍ପାନି ପକ୍ଷରୁ ସ୍ପଷ୍ଟ କିଛି କୁହାଯାଇ ନାହିଁ ।

## ବର୍ଷାଦିନେ ପନିପରିବା ତଳିଘରାର ଯତ୍ନ



**ଆମ ରାଜ୍ୟର ଅଧିକାଂଶ ଚାଷୀ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ । ଚାଷୀମାନେ ବର୍ଷାଦିନେ ପାଣିର ଉପଯୋଗ କରି ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଥାନ୍ତି । ଏହି ଦିନେ ପନିପରିବା ତଳିଘରାର ସଠିକ୍ ଯତ୍ନ ନେବା ଆବଶ୍ୟକ ।**

ଅନ୍ୟଋତୁ ତୁଳନାରେ ବର୍ଷାଦିନେ ପନିପରିବା ତଳିଘରାର ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ଏହି ସମୟରେ ତଳିଘରା ଲଗାଇବାକୁ ପ୍ରଥମେ ବିହନକୁ ଭଲ ଭାବେ ବିଶୋଧନ କରିବା ଉଚିତ । ତଳିଘରାର ଉଚ୍ଚତା ୬ ଇଞ୍ଚ ରଖିବା ଆବଶ୍ୟକ । ଅଧିକ ବର୍ଷାରୁ ପନିପରିବା ତଳିଘରାକୁ ସୁରକ୍ଷା ଦେବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘରା ଉପରେ ପଲିଥିନ୍ ଢାଙ୍କି ପାରିବେ । ତଳିଘରାରେ ମୂଳସଢ଼ା ରୋଗ ଲାଗିବାର ଆଶଙ୍କା ଅଧିକ ରହିଥାଏ । ଏହାର ନିରାକରଣ ପାଇଁ କାର୍ବେଣ୍ଡାଜିମ୍ କିମ୍ବା ମାଙ୍କୋଜେବ ପ୍ରୟୋଗ କରିପାରିବେ । ତଳିଘରାରେ ଅନ୍ୟାନ୍ୟ ରୋଗ ପୋକ ଦେଖିଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ସେହିପରି ତଳିଘରାରୁ ଅନାବନା ଘାସ ବାଛିବା ସହ ମାଟି ଯେପରି ଅଧିକ ଓଦା ବା କାଦୁଆ ନ ରହିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ପାଣିପାଗର ପୂର୍ବାନୁମାନ କରି ତଳିଘରାରେ ହାଲୁକା ଜଳସେଚନ କରିପାରିବେ ।

# ସୁବର୍ଣ୍ଣା



## ସଫଳ ଗେଣ୍ଡୁଫୁଲ ଚାଷୀ



ବର୍ତ୍ତମାନର ଚାକଚକ୍ୟ ସମାଜ ଓ ଡିଜିଟାଲ ଯୁଗରେ 'ଚାଷ କାମ ଯାହାର କେଡ଼େ ସୁଖ ତାହାର..', ଉକ୍ତିଟିକୁ ଖୁବ କମ୍ ପିଲା ଗ୍ରହଣ କରୁଛନ୍ତି । ହେଲେ ଏହାକୁ କାର୍ଯ୍ୟକାରୀ କରିଛନ୍ତି ଉତ୍ତରପ୍ରଦେଶ, ଗୋଣ୍ଡା ଜିଲ୍ଲାର ବିଜୟ କୁମାର । ସେ ଚାକିରି ପଛରେ ନ ଗୋଡ଼ାଇ, ନିଜ ଜମିରେ ଗେଣ୍ଡୁଫୁଲ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଯୁକ୍ତଦୁଇ ପଢା ସାରି ବିଜୟ ତାଙ୍କ ବନ୍ଧୁଙ୍କ ପାଖରୁ ଗେଣ୍ଡୁଫୁଲ ଚାଷ ସମ୍ପର୍କରେ ବୁଝିଥିଲେ । ପ୍ରଥମେ ଅଳ୍ପ ଜମିରେ ଏହି ଚାଷ ଆରମ୍ଭ କଲେ । ଗେଣ୍ଡୁଫୁଲ ଚାଷରୁ ଭଲ ଅମଳ ପାଇଁ ସେ ମାଟି ପରୀକ୍ଷା, ଉନ୍ନତ ବିହନ ଚୟନ, ସାର ପ୍ରୟୋଗ ଏବଂ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦେଇଥିଲେ । ଫସଲର ଉପଯୁକ୍ତ ଦେଖାଶୁଣା ଯୋଗୁଁ ଅଧିକ ଫୁଲ ଫୁଟିଥିଲା । ଏହାପରେ ବିଜୟ ଏକର ଜମିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କଲେ । ବର୍ତ୍ତମାନ ଏହି ଚାଷରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ବିଜୟ କୁହନ୍ତି, ବଜାରରେ ଗେଣ୍ଡୁଫୁଲ ଚାହିଦା ସବୁବେଳେ ରହିଥାଏ । ପୂଜାପାଠ, ବିବାହ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ସାଜସଜ୍ଜା ପାଇଁ ଗେଣ୍ଡୁ ଫୁଲର ଆବଶ୍ୟକତା ଅଧିକ । ପର୍ବପର୍ବାଣୀ ଏବଂ ବିବାହ ଋତୁରେ ଫୁଲର ମୂଲ୍ୟ ଅଧିକ ରହୁଥିବାରୁ ଚାଷୀମାନଙ୍କୁ ଏହା ଭଲ ଲାଭ ଦେଇଥାଏ । ବିଜୟ ଅମଳ ଗେଣ୍ଡୁ ଫୁଲକୁ ଅଯୋଧ୍ୟାକୁ ଯୋଗାଇଥାନ୍ତି । ତେଣୁ ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ଚାଷ କାର୍ଯ୍ୟରେ ମନୋନିବେଶ କରିଲେ ନିଶ୍ଚୟ ସଫଳ ପାଇପାରିବେ ବୋଲି ବିଜୟ କୁହନ୍ତି ।

## ଛେଳିଙ୍କୁ ସବୁଜ ଚାରା ଦେଉଥିଲେ...

**ଛେଳି ପାଳନ ଏକ ଭଲ ବ୍ୟବସାୟ । ଏଥିପାଇଁ କମ୍ ଖର୍ଚ୍ଚ ହୋଇଥାଏ । ଛେଳିର ଓଜନ ଓ ମାଂସବୃଦ୍ଧି ପାଇଁ ସବୁଜ ଚାରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ହେଲେ ବର୍ଷାଦିନେ ଛେଳିଙ୍କୁ ସବୁଜ ଚାରା ଦେଉଥିଲେ ସତର୍କ ରହିବା ଜରୁରି ।**



ବର୍ଷାଦିନେ ସବୁଜ ଚାରାରେ ଆର୍ଦ୍ରତା ଅଧିକ ରହୁଥିବାରୁ ଏହାକୁ ଖାଇବା ଦ୍ୱାରା ଛେଳିଙ୍କ ପେଟଜନିତ ସମସ୍ୟା ହୁଏ । ସେଥିପାଇଁ ଛେଳିଙ୍କୁ ବର୍ଷାଦିନେ ପିଜୁଳି, ନିମ୍ବ ଏବଂ ସଜନା ପତ୍ର ଖାଇବାକୁ ଦେଇପାରିବେ । ଏହି ପତ୍ରଗୁଡ଼ିକରେ ଭିଟାମିନ୍ ଏ, ସି, ବି୬, ବି କମ୍ପ୍ଲେକ୍ସ, ଇ, ଭିଟାମିନ୍ କେ ଆଦି ଥାଏ । ଏହି ପତ୍ରରୁ ପେଲେଟ୍‌ସ (ଗୋଲି)କୁ ଛେଳିଙ୍କୁ ଖାଇବାକୁ ଦିଆଯାଇ ପାରିବ । ଏହା ଛେଳିଙ୍କ ସ୍ୱାସ୍ଥ୍ୟବୃଦ୍ଧି ପାଇଁ ଲାଭଦାୟକ । ସେହିପରି ସଜନା, ପିଜୁଳିର କଞ୍ଚା ପତ୍ରକୁ ଶୁଖାଇ ଏହାକୁ ଗୁଣ୍ଡ କରି ବଟିକା ବନାଯାଏ । କଅଁଳିଆ ଡାଳକୁ ଛେଳିଙ୍କୁ ଖାଇବାକୁ ଦିଆଯାଏ । ସଜନା ପତ୍ରରୁ ତିଆରି ବଟିକା ଖାଇବା ଦ୍ୱାରା ଛେଳିଙ୍କ ପାଚନ ଶକ୍ତିରେ ସୁଧାର ଆସିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଛେଳିଙ୍କୁ ଏହି ପତ୍ରର ବଟିକା ଖୁଆଇବା ପୂର୍ବରୁ ସେମାନଙ୍କ ଖାଦ୍ୟ ତାଲିକାରେ ଧୀରେ ଧୀରେ କରି ଏହାକୁ ଅତିବେଶୀରେ ୩୦% ସାମିଲ କରିବା ଜରୁରି ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଆଗାମୀ ପାଞ୍ଚଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଚାଷୀଭାଇମାନଙ୍କୁ ସାର ଓ କୀଟନାଶକ ପ୍ରୟୋଗ କିଛିଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି ।
- ପରିପକ୍ୱ ପନିପରିବା ଓ ଫଳ ଯେପରି ଆମ୍ବ, ପଣସ, ଡାଳିମ୍ବ, ଲେମ୍ବୁ ଇତ୍ୟାଦିକୁ ଅମଳ କରିନିଅନ୍ତୁ ।
- ଖରିଫ ମକା/ ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଧାନ ତଳିଘରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
- ଆଖୁଗଛ ୪ରୁ୫ ମାସର ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢି ୨ରୁ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ ।
- ବର୍ତ୍ତମାନ ଅମୃତଭଣ୍ଡା, କାଜୁ, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ ।

## ବାଇଗଣ ଚାଷ ପାଇଁ ଉନ୍ନତ କିସମ

ବାଇଗଣ ଚାଷକରି ଅଧିକାଂଶ ଚାଷୀ ଲାଭବାନ ହୋଇପାରିଛନ୍ତି । କେଉଁ କିସମର ବାଇଗଣ ଚାଷ କଲେ ଲାଭ ମିଳିପାରିବ ସେନେଇ ଅନେକଙ୍କ ଦ୍ୱନ୍ଦ୍ୱ ଥାଏ । ତେବେ ବର୍ତ୍ତମାନ ବାଇଗଣ ଚାଷରେ ସଙ୍କର କିସମକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଏନେଇ ନିକଟସ୍ଥ କୃଷି ଭଣ୍ଡାରରୁ ସଙ୍କର କିମ୍ବା ଅଧିକ ଅମଳକ୍ଷମ ବାଇଗଣ ବିହନ ପାଇପାରିବେ । ଏହାକୁ ଦୃଷ୍ଟି ଦେଲେ ସଙ୍କର କିସମର ଭିଏନ୍‌ଆର୍-୨୧୨ ମଞ୍ଜି ୧୦ ଗ୍ରାମ୍‌କୁ ୧୮୦ ଟଙ୍କା, ଅର୍କା ଆନନ୍ଦ ୩୦ ଗ୍ରାମ୍‌କୁ ୩୫୦ରୁ ୪୮୦ ଟଙ୍କା, ଭିଏନ୍‌ଆର୍ ଉତ୍କଳ ୧୦ ଗ୍ରାମକୁ ୧୫୦ଟଙ୍କା, ଅକ୍ଷିତା ୧୦ଗ୍ରାମ୍‌କୁ ୨୨୦ ଟଙ୍କା ରହିଛି । ସେହିପରି ବାଇଗଣର ଅଧିକ ଅମଳକ୍ଷମ ବିହନ ଗ୍ରୀନ୍ ଲଙ୍ଗ ୧୦ଗ୍ରାମକୁ ୮୦ଟଙ୍କା, ବ୍ଲୁଷ୍ଟାର ୧୦ ଗ୍ରାମ୍ ବିହନକୁ ୮୦ ଟଙ୍କା ମୂଲ୍ୟ ରହିଛି ।

## କାକୁଡ଼ି ଚାଷ



ଆମ ରାଜ୍ୟରେ କାକୁଡ଼ି ଚାଷ ମୁଖ୍ୟତଃ ବର୍ଷା ଓ ଖରାଦିନେ ହୋଇଥାଏ । ତେବେ ଜୁଲାଇ ମାସ କାକୁଡ଼ି ଚାଷ ପାଇଁ ଉପଯୁକ୍ତ ସମୟ । ଏହି ଚାଷ ପାଇଁ ଉର୍ବର, ନିଗିଡ଼ା, ବାଲି ଦୋରସା ମୃତ୍ତିକା ସର୍ବୋତ୍ତମ । ଚାଷ ପାଇଁ ସର୍ବଦା ଉନ୍ନତ ରୋଗସହଣି କିସମ ଚୟନ କରାଯାଏ । ବର୍ଷାଦିନେ ଜମିରେ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରିବା ସହ ମନ୍ଦାରେ ଚାଷ କରିବା ଭଲ । ଏହି ଚାଷ ପାଇଁ ଏକର ପ୍ରତି ୧ରୁ ୧.୫ କି.ଗ୍ରା. ବିହନ ଦରକାର ହୁଏ । ଏକ କି.ଗ୍ରା. ବିହନକୁ ୨ଗ୍ରାମ୍ ଥିରାମ ଏବଂ ୧ ଗ୍ରାମ କାର୍ବେଣ୍ଡାଜିମ୍ (ବାଭିଷ୍ଟିନ) ପ୍ରୟୋଗ କରି ବିଶୋଧନ କରାଯାଇଥାଏ । ବିହନକୁ ଲଗାଇବା ପୂର୍ବରୁ ୬ରୁ ୧୨ଘଣ୍ଟା ଯାଏଁ ପାଣିରେ ବତୁରାଇ ଲଗାଇଲେ ଗଜା ଶୀଘ୍ର ହୋଇଥାଏ । ୧-୧.୫ ମିଟର ବ୍ୟବଧାନରେ ମନ୍ଦା କରି ଲଗାଯାଏ । ଏଥିପାଇଁ ନାଳୀ ଗୁଡ଼ିକୁ ୧-୧.୫ ବ୍ୟବଧାନରେ ରଖି ଗଛକୁ ଗଛ ୫୦ରୁ ୭୫ ସେମି ବ୍ୟବଧାନରେ ରଖି ମାଟିରେ ମାଡ଼ିବାକୁ ଦିଆଯାଏ । ମନ୍ଦା ପ୍ରଣାଳୀରେ ଗଭୀର ଗାତ ଖୋଳି ଏକରପ୍ରତି ୬ରୁ ୮ ଟନ୍ କମ୍ପୋଷ୍ଟ ଓ ମୂଳସାର ପ୍ରୟୋଗ କରି ବିହନ ଲଗାଯାଏ । ବର୍ଷା ଋତୁ ପାଇଁ ମନ୍ଦାଗୁଡ଼ିକୁ ମାଟି ଉପରେ ଲଗାଯାଇଥାଏ ଏବଂ ଲତା ଭାଡ଼ିରେ ମାଡ଼େ । ବିହନ ଲଗାଇବା ସମୟରେ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୦ କି.ଗ୍ରା. ଫସ୍‌ଫରସ୍ ଏବଂ ୩୦ କି.ଗ୍ରା. ପୋଟାସିୟମ ସାର ପ୍ରୟୋଗ କରାଯାଇଥାଏ । ସେହିପରି କାକୁଡ଼ି ଗଛ ବୃଦ୍ଧି ପାଇଁ ମଞ୍ଚାର ବନ୍ଦୋବସ୍ତ କରି ପାଣିପାଗର ପୂର୍ବାହ୍ନମାନ କରି ଜଳସେଚନ କରାଯାଏ । ତେବେ ବିହନ ଲଗାଇବାର ୪୫-୫୦ ଦିନରେ କାକୁଡ଼ି ଅମଳ ଆରମ୍ଭ ହୁଏ ।






# ପାଞ୍ଚ ଥର ଚାମ୍ପିଅନ ବ୍ରାଜିଲ ଓ ମେକ୍ସିକୋ ବିଦା

ମେକ୍ସିକୋ ସିଟି/ନ୍ୟୁୟର୍କ, ୬।୭ (ଏଜେନ୍ସି)

୫ଥରର ଚାମ୍ପିଅନ ବ୍ରାଜିଲ ଓ ଯୁଗ୍ମ ଆୟୋଜକ ମେକ୍ସିକୋ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହୋଇଛନ୍ତି । ଭାରତୀୟ ସମୟ ସୋମବାର ସକାଳେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲରେ ୧୯୬୬ର ଚାମ୍ପିଅନ ଇଂଲଣ୍ଡ ୩-୨ ଗୋଲରେ ଯୁଗ୍ମ ଆୟୋଜକ ମେକ୍ସିକୋକୁ ପରାସ୍ତ କରିଛି । ସେହିପରି ରବିବାର ରାତିରେ ଖେଳାଯାଇଥିବା ମୁକାବିଲାରେ ନରୱେ ୨-୧ ଗୋଲରେ କଳାତ୍ମକ ଫୁଟବଲ ଖେଳ ଲାଗି ଖ୍ୟାତି ଲାଭ କରିଥିବା ବ୍ରାଜିଲକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଆସନ୍ତା ୧୧ ତାରିଖ ରାତି ୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ୟୁରୋପ ମହାଦେଶର ଦୁଇ ଦଳ ଇଂଲଣ୍ଡ ଏବଂ ନରୱେ ମଧ୍ୟରେ ମୁକାବିଲା ହେବ ।

| 26 |
|---|
| ଫିଫା ବିଶ୍ୱକପ୍ |
| ରାଉଣ୍ଡ ୧୬ ବିଶ୍ୱକପ୍ ମୁକାବିଲା |
| ମଙ୍ଗଳବାର ରାତି |
| ଆର୍ଜେଣ୍ଟିନା- ଇଜିପ୍ଟ |
| ଆଟଲାଣ୍ଟା, ରାତି ୯ଟା ୩୦ |
| ମଙ୍ଗଳବାର ସକାଳ |
| ସ୍ୱିଜରଲାଣ୍ଡ-କଲମ୍ବିଆ |
| ଭାଙ୍କୋଭର, ରାତି ୧ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ-ନରୱେ ମୁକାବିଲା

ମେକ୍ସିକୋ ସିଟିର ଆଜତେକା ଷ୍ଟାଡିୟମ୍‌ରେ ସୋମବାର ମେକ୍ସିକୋ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲକୁ ଏଯାଏ ଖେଳାଯାଇଥିବା ବିଶ୍ୱକପ୍‌ରେ ସର୍ବଶ୍ରେଷ୍ଠ ମୁକାବିଲା ଭାବେ ବିବେଚନା କରାଯାଉଛି । ସମୁଦ୍ର ପତ୍ତନଠାରୁ ୭,୦୦୦ ଫୁଟରୁ ଉଚ୍ଚରେ ଏବଂ ଆୟୋଜକ ମେକ୍ସିକୋର ଘରୋଇ ମାଟିରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ଅସୁବିଧାର ସମ୍ମୁଖୀନ ହେବ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ଏହି ମୁକାବିଲାରେ ଉଭୟ ଦଳ ଏପରି ଖେଳିଥିଲେ ଯେ ସମର୍ଥକ ଓ ଦର୍ଶକ ଗୋଟିଏ ମୁହୂର୍ତ୍ତ ମ୍ୟାଚ୍ ଛାଡି ପାରି ନ ଥିଲେ । ଖେଳାଳିଙ୍କ ସମନ୍ୱୟ, ନିଖୁଣ ପାସ୍, ଯୋଜନାବଦ୍ଧ ଆକ୍ରମଣ, ଚତୁର ଡ୍ରିବଲିଂ ଏବଂ କାଉଣ୍ଟର ଆଟାକ୍ ଏହି ମ୍ୟାଚ୍‌ର ଗୁରୁତ୍ୱକୁ ବଢ଼ାଇଦେଇଥିଲା । ଖେଳର ପ୍ରଥମାର୍ଦ୍ଧର ୩୬ ଓ ୩୮ତମ ମିନିଟ୍‌ରେ ଜୁଡ୍ ବେଲିଂହାମ ମାତ୍ର ୯୬ ସେକେଣ୍ଡ ମଧ୍ୟରେ ୨ଟି ଗୋଲ ସ୍କୋର କରି ଇଂଲଣ୍ଡକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ । ୨ଟି ଗୋଲ ପଛରେ ଥିଲେ ମଧ୍ୟ ମେକ୍ସିକୋ ଚାପରେ ପଡ଼ି ନ ଥିଲା ଓ କାଉଣ୍ଟର ଆଟାକ୍ କରି ୪୨ତମ ମିନିଟ୍‌ରେ ଜୁଲିଆନ୍ କ୍ୱିନୋନ୍ସଙ୍କ ମାଧ୍ୟମରେ ଗୋଟିଏ ଗୋଲ ଶୁଝାଇଦେଇଥିଲା । ଦ୍ୱତୀୟାର୍ଦ୍ଧ ଖେଳ ଇଂଲଣ୍ଡ ଲାଗି ବିପଦକୁ ନିମନ୍ତ୍ରଣ କରିଥିଲା । ୫୪ତମ ମିନିଟ୍‌ରେ ବିପଜ୍ଜନକ ଫାଉଲ ମାରିଥିବାରୁ ଇଂଲଣ୍ଡର ଜାରେଲ କ୍ୱାନ୍‌ଶାଙ୍କୁ ରେଫରି ରେଡ୍‌କାର୍ଡ ଦେଖାଇଥିଲେ । ଫଳରେ ଅବଶିଷ୍ଟ ସମୟ ଇଂଲଣ୍ଡ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା । ସେହିପରି ୬୦ତମ ମିନିଟ୍‌ରେ ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ମେକ୍ସିକୋର ଜଣେ ଖେଳାଳି ନିଜ ଗୋଲପୋଷ୍ଟ ଏରିଆରେ ଇଂଲଣ୍ଡ ଖେଳାଳିଙ୍କୁ ଫାଉଲ ମାରିଥିଲେ । ଏଥିଲାଗି ଇଂଲଣ୍ଡକୁ ପେନାଲ୍ଟି ମିଳିଥିଲା ଓ ଏହାକୁ ହ୍ୟାରୀ କେନ୍ ଗୋଲରେ ପରିଣତ କରି ଦଳକୁ ୩-୧ରେ ଅଗ୍ରଣୀ କରାଇବା ସହ ଖେଳାଳି ଓ ସମର୍ଥକଙ୍କୁ ଆଶ୍ୱସ୍ତ କରିଥିଲେ । ଖେଳର ୬୯ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟିରୁ ମେକ୍ସିକୋର ରଲ ଜିମିନେଜ୍ ଗୋଲ ସ୍କୋର କରିବା ପରେ ଇଂଲଣ୍ଡର ଉତ୍ତେଜନା ବଢ଼ିଯାଇଥିଲା । କିନ୍ତୁ ଖେଳାଳିମାନେ ଧୈର୍ଯ୍ୟର ସହ ଅବଶିଷ୍ଟ ସମୟ ମେକ୍ସିକୋର ଆକ୍ରମଣକୁ ପ୍ରତିହତ କରିବା ସହ ଇଂଲଣ୍ଡ ଏହି ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ ।



## ୩୬ ବର୍ଷ ପରେ ପ୍ରି-କ୍ୱାର୍ଟରରୁ ବିଦା



ନ୍ୟୁୟର୍କର ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ରବିବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ନରୱେ ନିକଟରୁ ବ୍ରାଜିଲ ୨-୧ ଗୋଲରେ ହାରିଯାଇଥିଲା । ଏହି ପରାଜୟ ଯୋଗୁଁ ୧୯୯୦ ପରେ ପ୍ରଥମଥର ବ୍ରାଜିଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ବିଦା ହୋଇଥିଲା । ଏହି ମ୍ୟାଚ୍ ଜିତିବା ସହ ବ୍ରାଜିଲ ବିପକ୍ଷରେ ନରୱେର ଅପରାଜେୟ ରେକର୍ଡ ବଜାୟ ରହିଛି । ଅନ୍ତର୍ଜାତୀୟସ୍ତରରେ ଏହାକୁ ମିଶାଇ ଉଭୟଙ୍କ ମଧ୍ୟରେ ୫ଥର ମୁକାବିଲା ହୋଇଥିଲା । ଏହା ମଧ୍ୟରୁ ନରୱେ ୩ଟି ମ୍ୟାଚ୍ ଜିତିଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଥିଲା । ବିଜୟୀ ନରୱେ ପକ୍ଷରୁ ଏର୍ଲିଂ ହଲାଣ୍ଡ ୨ଟି ଯାକ ଗୋଲ ସ୍କୋର କରିଥିଲେ । ବ୍ରାଜିଲର ଷ୍ଟାର ଖେଳାଳି ନେମାର ପେନାଲ୍ଟିରୁ ଗୋଟିଏ ଗୋଲ ଶୁଝାଇଥିଲେ ।

ଏହି ମୁକାବିଲାରେ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ । ଏପରିକି ଖେଳ ପ୍ରଥମ ୧୫ ମିନିଟ୍‌ରେ ଉଭୟ ଦଳକୁ ମିଳିଥିବା ସୁଯୋଗ ହାତଛଡ଼ା ହୋଇଯାଇଥିଲା । ପ୍ରଥମେ ନରୱେ ବ୍ରାଜିଲ ପୋଷ୍ଟ ମଧ୍ୟରେ ଗୋଲ ସ୍କୋର କରିଥିଲା । ଏହା କିନ୍ତୁ ଅଫ୍‌ସାଇଡ ହୋଇଯାଇଥିଲା । ସେହିପରି ଏହା ପରେ ବ୍ରାଜିଲ ପାଇଥିବା ପେନାଲ୍ଟିକୁ ବ୍ରୁନୋ ଗୁଇମାରେସ ଗୋଲ ପୋଷ୍ଟକୁ ପଠାଇ ପାରି ନ ଥିଲେ । ସେ ମାରିଥିବା ସଟ୍‌କୁ ନରୱେ ଗୋଲରକ୍ଷକ ଅର୍ଜାନ ନାଇଲାଣ୍ଡ ଅଟକାଇ ଦେଇଥିଲେ । ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଯୋଜନାବଦ୍ଧ ଖେଳିଥିଲେ । ଯାହା ଫଳରେ ଖେଳ ଉପଭୋଗ୍ୟ ହୋଇଥିଲା । କିନ୍ତୁ ପ୍ରଥମ ଗୋଲ ସ୍କୋର ହେବାକୁ ୭୯ତମ ମିନିଟ୍ ଲାଗିଯାଇଥିଲା । ଏହି ସମୟରେ ପାଇଥିବା ସୁଯୋଗକୁ ଏର୍ଲିଂ ହଲାଣ୍ଡ ବ୍ରାଜିଲ ପୋଷ୍ଟକୁ ପଠାଇ ପ୍ରଥମ ଗୋଲ ସ୍କୋର କରିଥିଲେ । ଗୋଲ ଖାଇବା ପରେ ବ୍ରାଜିଲ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରି ୯୦ତମ ମିନିଟରେ ଦ୍ୱିତୀୟ ଗୋଲ ବରଣ କରିଥିଲା । ନରୱେର ହଲାଣ୍ଡ ମଧ୍ୟ ଏହି ଗୋଲ ସ୍କୋର କରିଥିଲେ । ବ୍ରାଜିଲ ଅନ୍ୟ ଉପାୟ ନ ପାଇ ତାହାର ଆହତ ତାରକା ଖେଳାଳି ନେମାରଙ୍କୁ ପଡ଼ିଆକୁ ଓହ୍ଲାଇଥିଲା । ଷ୍ଟପେଜ୍ ଟାଇମ୍‌ର ଶେଷ ମୁହୂର୍ତ୍ତରେ ପାଇଥିବା ପେନାଲ୍ଟିରୁ ଗୋଲ ଦେଇ ସେ ଗୋଟିଏ ଗୋଲ ଶୁଝାଇଥିଲେ । କିନ୍ତୁ ନେମାର ବ୍ରାଜିଲକୁ ପରାଜୟରୁ ରକ୍ଷା କରି ନ ପାରି ପଡ଼ିଆରେ କାନ୍ଦିଥିଲେ ।

## ଗୋଲ୍ଡେନ ବୁଟ୍ ରେସ୍‌ରେ ହଲାଣ୍ଡ

**ନ୍ୟୁୟର୍କ, ୬।୭ (ଏଜେନ୍ସି):** ବ୍ରାଜିଲ ବିପକ୍ଷରେ ଡବଲ ଗୋଲ ସ୍କୋର କରି ନରୱେର ସୁପରଷ୍ଟାର ଫରୱାର୍ଡ ଖେଳାଳି ଏର୍ଲିଂ ହଲାଣ୍ଡ ଚଳିତ ବିଶ୍ୱକପ୍‌ରେ ଗୋଲ୍ଡେନ ବୁଟ୍ ରେସ୍‌ରେ ସାମିଲ ହୋଇଛନ୍ତି । ଫ୍ରାନ୍ସ ଓ ଆର୍ଜେଣ୍ଟିନାର ଅଧିନାୟକ କିଲିଆନ୍ ଏମ୍‌ବାପେ ଓ ଲିଓନେଲ ମେସି ମଧ୍ୟ ଏହି ବିଶ୍ୱକପ୍‌ରେ ୭ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି । ୩ଜଣ ଖେଳାଳି ୭ଟି ଲେଖାଏଁ ଗୋଲ କରିଥିଲାବେଳେ ଦୁଇଟି ଗୋଲ ଦେବାରେ ଆସିଷ୍ଟ କରିଥିବାରୁ ଏମ୍‌ବାପେ ଏହି ପୁରସ୍କାର ଦୌଡ଼ରେ ପ୍ରଥମ ସ୍ଥାନରେ ରହିଛି । ସେହିପରି ମେକ୍ସିକୋ ବିପକ୍ଷରେ ଗୋଲ ଦେଇଥିବା ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍‌ଙ୍କ ଏହି ବିଶ୍ୱକପ୍‌ରେ ଗୋଲ ସଂଖ୍ୟା ୬ରେ ପହଞ୍ଚାଇଛନ୍ତି । ଏମାନଙ୍କ ପଛକୁ ଫ୍ରାନ୍ସର ଓଉସମାନେ ଡେମ୍ବେଲେ, ଇଜିପ୍ଟର ମିକେଲ ଓୟାରଜାବଲ, ବ୍ରାଜିଲର ଭିନିସିଅସ ଜୁନିଅର, ସେନେଗାଲର ଇସ୍‌ମାଇଲା ସର ୪ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି ।

## ନେମାର, ଓଚୋଆଙ୍କ ଅବସର



**ନ୍ୟୁୟର୍କ, ୬।୭ (ଏଜେନ୍ସି):** ନରୱେଠାରୁ ପରାଜିତ ହୋଇ ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରୁ ବିଦା ହେବା ପରେ ଏହାର ସୁପରଷ୍ଟାର ନେମାର ଅର୍ନ୍ତଜାତୀୟ ଫୁଟବଲ ଖେଳରୁ ଅବସର ଘୋଷଣା କରିଛନ୍ତି । ଜଣେ ଦକ୍ଷ ଫରୱାର୍ଡ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ସେ ବିଶ୍ୱକପ୍‌ରେ ବ୍ରାଜିଲର ଆବଶ୍ୟକ ବେଳେ କାମରେ ଆସି ନ ଥିଲେ । ସେ ନିଜ ଦେଶ ଲାଗି ୧୩୦ଟି ମ୍ୟାଚ୍ ଖେଳି ରେକର୍ଡ ୮୦ଟି ଗୋଲ ସ୍କୋର କରିଛନ୍ତି । ସେ ଥରେ ହେଲେ ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଟାଇଟଲ ଜିତିବାରେ ସଫଳ ହୋଇ ନ ଥିଲେ । କନ୍‌ଫେଡେରେସନ କପ୍ ଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଏହା ତାଙ୍କୁ ଖୁସି କରି ପାରି ନ ଥିଲା । ଅନ୍ୟ ପକ୍ଷରେ ଇଂଲଣ୍ଡ ନିକଟରୁ ହାରିଯିବା ପରେ ମେକ୍ସିକୋର ଦୀର୍ଘ ଦିନ ଧରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଥିବା ଗୋଲରକ୍ଷକ ଗୁଇଲେରମୋ ଓଚୋଆ ମଧ୍ୟ ଅର୍ନ୍ତଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି । ସେ ୨୩ ବର୍ଷ ଧରି ଜାତୀୟ ଦଳ ଓ କ୍ଲବ୍ ଫୁଟବଲ ଖେଳିଥିଲେ । ମେକ୍ସିକୋ ଗୋଲ ପୋଷ୍ଟରେ ସେ ପାହାଡ ପରି ଛିଡ଼ା ହୋଇଥିଲେ । ୪୦ ବର୍ଷୀୟ ଏହି କିଂବଦନ୍ତୀ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ବିଶ୍ୱର ମାତ୍ର ତୃତୀୟ ଖେଳାଳିଭାବେ ୬ଟି ବିଶ୍ୱକପ୍‌ରେ ଭାଗନେବାର ରେକର୍ଡ କରିଛନ୍ତି ।

### ଫିଫାକୁ ତୀବ୍ର ସମାଲୋଚନା

## ଟ୍ରମ୍ପଙ୍କ ଫୋନ୍ ପରେ ବାସନ୍ଦ ପ୍ରତ୍ୟାହାର

**ନ୍ୟୁୟର୍କ, ୬।୭ (ଏଜେନ୍ସି):** ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ଫିଫା ରେଡ୍‌କାର୍ଡ ବାସନ୍ଦ ପ୍ରତ୍ୟାହାର କରିନେଇଛି । ଏହା ଫଳରେ ସେ ମଙ୍ଗଳବାର ସକାଳେ ବେଲଜିୟମ ସହ ସିଆଟଲରେ ହେବାକୁ ଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ଭାଗ ନେଇପାରିବେ । କିନ୍ତୁ ରେଡ୍‌କାର୍ଡ ପାଇଥିବାରୁ ବର୍ଷକ ମଧ୍ୟରେ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବେ । ବୋସନିଆ ବିପକ୍ଷରେ ତାରିକ୍‌ଙ୍କୁ ଫାଉଲ ମାରିଥିବାରୁ ତାଙ୍କୁ ରେଫରି ରେଡକାର୍ଡ ଦେଖାଇଥିଲେ । କିନ୍ତୁ ଟିଭି ରିପ୍ଲେରେ ତାଙ୍କ ଫାଉଲ ମାରିବା ସ୍ପଷ୍ଟ ହୋଇ ନ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋନ୍ କରିବା ପରେ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିନିଆଯାଇଛି ବୋଲି ସମାଲୋଚକମାନେ ଅଭିଯୋଗ କରିଛନ୍ତି । ଫୋଲାରିନ୍‌ଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଥିଲା ତାହା ଫିଫା ପ୍ରତ୍ୟାହାର କରିନେଇଥିବାରୁ ରାଷ୍ଟ୍ରପତି ଟ୍ରମ୍ପ୍ ଧନ୍ୟବାଦ ଦେବା ପରେ ଏହି ସମାଲୋଚନା ହୋଇଛି ।

### କ’ଣ ଏହି ବିବାଦ

ଏହି ଘଟଣାର ପ୍ରଥମ ବିବାଦଟି ହେଲା, ରେଡ୍‌କାର୍ଡକୁ ନେଇ । ବୋସନିଆର ତାରିକ୍‌ଙ୍କ ଡ୍ରିବଲ କରିବାବେଳେ ଆମେରିକାର ତାରକା ଖେଳାଳି ଫୋଲାରିନ୍‌ଙ୍କ ଗୋଡ ତାଙ୍କ ପାଦ ଉପରେ ରହିଥିଲା । ଫଳରେ ରେଫରି ତାଙ୍କୁ ରେଡ୍‌କାର୍ଡ ଦେଇଥିଲେ । ଏହି ଘଟଣାରେ ମୋତେ ୟେଲୋ କାର୍ଡ ମିଳିବ ବୋଲି ଆଶଙ୍କା ଥିଲା, କିନ୍ତୁ ରେଡ୍‌କାର୍ଡ ଦେବା ଫଳରେ ମୋତେ ଆଶ୍ଚର୍ଯ୍ୟ କରିଥିଲା । ଦ୍ୱିତୀୟ ବିବାଦଟି ହେଲା, ଫିଫା ଖେଳ ନିୟମର ଧାରା ୨୭ ଅନୁଯାୟୀ ଫୋଲାରିନ୍‌ଙ୍କ ଉପରୁ ଏହି ବାସନ୍ଦ ପ୍ରତ୍ୟାହାର କରିବା । ଏହାକୁ ତୀବ୍ର ବିରୋଧ କରିଛି ରୟାଲ ବେଲଜିୟମ ଫୁଟବଲ ଆସୋସିଏସନ ଓ ୟୁରୋପୀୟ ୟୁନିଅନ୍ ଅଫ୍ ଫୁଟବଲ ଆସୋସିଏସନ ବା ୟୁଏଫା । ଏମାନଙ୍କ ମତରେ ଫିଫାର ଧାରା ୬୬.୪ରେ ଜଣେ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଲେ ସେ ପରବର୍ତ୍ତୀ ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ଚଳିତବର୍ଷର ଫିଫା ୱାର୍ଲ୍ଡକପ୍ ୨୦୨୬ କମ୍ପିଟିସନ ରେଗୁଲେସନରେ ମଧ୍ୟ ସମାନ କଥା ରହିଛି । ଫିଫା ଖେଳ ନିୟମର ଧାରା ୨୭ରେ ମଧ୍ୟ ଫିଫାର ନିୟମ ରହିଛି । କିନ୍ତୁ ଟ୍ରମ୍ପ ଫୋନ୍ କରିଥିବାରୁ ଏଭଳି ବିବାଦ ଅଧିକ ହୋଇଛି । ବିଶ୍ୱକପ୍ ହେଉ ଅବା ଅନ୍ୟ ଅନ୍ତର୍ଜାତୀୟ ମ୍ୟାଚ୍, ରେଡ୍‌କାର୍ଡ ଦିଆଯିବା ପରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ଫିଫା ଅନୁମତି ଦେବା ଏହା ପ୍ରଥମ ଘଟଣା ନୁହେଁ । ଚିଲିରେ ଅନୁଷ୍ଠିତ ୧୯୬୨ ଫିଫା ବିଶ୍ୱକପ୍‌ରେ ବ୍ରାଜିଲର ସେମିଫାଇନାଲ ବିଜୟରେ ଷ୍ଟାର ଖେଳାଳି ଗାରିଞ୍ଚାଙ୍କୁ ରେଡ୍‌କାର୍ଡ ମିଳିଥିଲା । କିନ୍ତୁ ଟୁର୍ଣ୍ଣାମେଣ୍ଟ ଶୃଙ୍ଖଳାଗତ କମିଟି ଏହାକୁ ବିଚାର କରି ବାସନ୍ଦ ପ୍ରତ୍ୟାହାର କରିଥିଲେ । ଗାରିଞ୍ଚା ଫାଇନାଲ ମ୍ୟାଚ୍ ଖେଳିଥିଲେ ଓ ବ୍ରାଜିଲ ଚାମ୍ପିଅନ ହୋଇଥିଲା ।

### ଆଜି ୩ୟ ଟି-୨୦

## ବିଜୟ ଲକ୍ଷ୍ୟରେ ଭାରତ

**ନଟିଂହାମ, ୬।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ । ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ରାତି ୧୦ଟାରେ ଏହି ମୁକାବିଲା ଆରମ୍ଭ ହେବ । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା । ସେହିଭଳି ଶନିବାର ମାଞ୍ଚେଷ୍ଟରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦କୁ ଘରୋଇ ଇଂଲଣ୍ଡ ୪ ୱିକେଟରେ ଜିତିଥିଲା । ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଇଂଲଣ୍ଡ ଏବେ ୧-୦ରେ ଅଗ୍ରଣୀ ରହିଛି । ମଙ୍ଗଳବାର ମ୍ୟାଚକୁ ଜିତି ହ୍ୟାରୀ ବ୍ରୁକ୍‌ଙ୍କ ଦଳ ସିରିଜ ଜିତିବା ଦିଗରେ ଆଉ ପାଦେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି । ତୃତୀୟ ଟି-୨୦ ଲାଗି ଇଂଲଣ୍ଡ ଦଳ କୌଣସି ପରିବର୍ତ୍ତନ କରିନାହିଁ । ଅପରପକ୍ଷରେ ନୂଆ ଅଧିନାୟକ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଚଳିତ ୟୁକେ ଗସ୍ତ ନୈରାଶ୍ୟଜନକ ରହିଛି । ଏହି ୟୁକେ ଗସ୍ତରେ ଭାରତ ପ୍ରଥମେ ୨-୦ରେ ଆୟର୍ଲାଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ଟି-୨୦ ସିରିଜ ହାରିଥିଲା । ଏହାପରେ ଇଂଲଣ୍ଡରେ ମଧ୍ୟ ଦଳ ଏହି ପରାଜୟଧାରାକୁ ବଜାୟ ରଖିଛି । ଫଳରେ ଏହି ଗସ୍ତରେ ଭାରତୀୟ ଦଳ ୪ଟି ମ୍ୟାଚ ଖେଳିସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରିନାହିଁ । ଯାହା ଅଧିନାୟକ ଆୟରଙ୍କ ନେତୃତ୍ୱ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା କରାଇଛି । ସିରିଜ ଉଜ୍ଜୀବିତ ରଖିବାକୁ ହେଲେ ତୃତୀୟ ଟି-୨୦ ମ୍ୟାଚରେ ଭାରତ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି । ପ୍ରତୀକ୍ଷିତ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ସୂର୍ଯ୍ୟବଂଶୀ ମାଞ୍ଚେଷ୍ଟରରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ବିଫଳ ହୋଇଥିଲେ ।

ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ହଟଷ୍ଟାର

## ଜିମ୍ବାୱେ ସିରିଜ୍‌ରୁ ସାମସନ ବାଦ୍



**ନୂଆଦିଲ୍ଲୀ, ୬।୭ (ଏଜେନ୍ସି):** ଜିମ୍ବାୱେ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ସୋମବାର ଭ୍ରମଣକାରୀ ଭାରତୀୟ ଦଳ ଘୋଷଣା କରାଯାଇଛି । ଚଳିତ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ବିଶେଷ କରି ବରିଷ୍ଠ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଜିମ୍ବାୱେ ଗସ୍ତରୁ ବାଦ୍ ଦିଆଯାଇଛି । ଟି-୨୦ ବିଶ୍ୱକପରେ ‘ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ’ ହୋଇଥିବା ସାମସନ ଚଳିତ ୟୁକେ ଗସ୍ତରେ ବେଶ୍ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି । ତିନୋଟି ଟି-୨୦ ମ୍ୟାଚରୁ ସେ ମୋଟ୍ ୬ ରନ କରିଛନ୍ତି । ଯେଉଁଥି ପାଇଁ ତାଙ୍କୁ ଜିମ୍ବାୱେ ସିରିଜରୁ ବାଦ୍ ଦିଆଯାଇଛି । ସେହିଭଳି ଇଂଲଣ୍ଡ ଗସ୍ତରେ ସାମିଲ ଥିବା ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ୍ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ଜିମ୍ବାୱେ ସିରିଜରେ ସ୍ଥାନ ମିଳିନି । ଅପରପକ୍ଷରେ ଯଶ ଠାକୁର ଓ ଅଶୋକ ଶର୍ମାଙ୍କୁ ପ୍ରଥମଥର ଲାଗି ଜାତୀୟ ଦଳରେ ସୁଯୋଗ ମିଳିଛି । ସେହିଭଳି ଅଭିଜ୍ଞ ରିଙ୍କୁ ସିଂ ମଧ୍ୟ ଦଳକୁ ଫେରିଛନ୍ତି । ପ୍ରଭସିମରନ ସିଂହ, ମୟଙ୍କ ଯାଦବ ଦୀର୍ଘ ବର୍ଷ ପରେ ଦଳକୁ ଫେରିଛନ୍ତି । ଜୁଲାଇ ୨୩, ୨୫ ଓ ୨୬ ତାରିଖରେ ଘରୋଇ ଜିମ୍ବାୱେ ବିପକ୍ଷରେ ଭାରତ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳିବ ।

**ଘୋଷିତ ଭାରତୀୟ ଦଳ:** ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଲକ ବର୍ମା (ଉପ-ଅଧିନାୟକ), ଇଶାନ କିଶାନ ଓ ପ୍ରଭସିମରନ ସିଂହ (ଉଭୟ ୱିକେଟକିପର), ଶିଭମ ଦୁବେ, ସୂୟାଂଶ ହେଡଗେ, ରିଙ୍କୁ ସିଂ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା ଓ ମୟଙ୍କ ଯାଦବ ।

## ଓଡ଼ିଶା ମହିଳା କାୟାକିଂ ଓ କାନୋଇଂ ଦଳ ରନର୍ସଅପ୍

**ଭୁବନେଶ୍ୱର, ୬।୭ (ସମିସ):** ବିଶାଖାପାଟନମରେ ଶେଷ ହୋଇଥିବା ଅସ୍ମିତା ଖେଲୋ ଇଣ୍ଡିଆ ଜୋନାଲ କାୟାକିଂ ଓ କାନୋଇଂ ଚାମ୍ପିଅନସିପ୍‌ରେ ଓଡ଼ିଶା ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୩୩ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୧୫ଟି ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭ଟି କାଂସ୍ୟ ପଦକ ସାମିଲ ରହିଛି । ଏଥିସହ ଓଡ଼ିଶା ମହିଳା ଦଳ ରନର୍ସଅପ୍ ହୋଇଛି । ସେହିଭଳି ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ମଧ୍ୟପ୍ରଦେଶ ଦଳ ଚାମ୍ପିଅନ ଓ କେରଳ ତୃତୀୟ ସ୍ଥାନ ହାସଲ କରିଛି ।




### ୱିମ୍ବଲଡନରୁ ସାବାଲେଙ୍କା ବିଦା

## କ୍ୱାର୍ଟରରେ ପାଓଲିନ୍, ଗଫ୍

ଲଣ୍ଡନ, ୬।୭ (ଏଜେନ୍ସି)



ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କାଙ୍କୁ ହରାଇ ନାଓମି ଓସାକା ଏଠାରେ ଚାଲିଥିବା ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ୭ମ ସିଡ୍ ଜାପାନ ତାରକା ଓସାକା ୬-୨, ୭-୬ (୭/୨) ସେଟରେ ଚାରିଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସାବାଲେଙ୍କାଙ୍କୁ ହରାଇଥିଲେ । ବିଜୟ ସହ ଓସାକା ତାଙ୍କ କ୍ୟାରିୟରରେ ପ୍ରଥମଥର ୱିମ୍ବଲଡନ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି । ସେହିଭଳି ମହିଳା ବିଭାଗର ଅନ୍ୟ ମ୍ୟାଚରେ କୋକୋ ଗଫ୍ ଓ ଯସ୍ମିନ ପାଓଲିନ ବିଜୟୀ ହୋଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛନ୍ତି । ଗଫ୍ ୪-୬, ୬-୩, ୬-୪ ସେଟରେ ବେଲିଣ୍ଡା ବେନସିକଙ୍କୁ ଏବଂ ୧୩ତମ ସିଡ୍ ପାଓଲିନ ୬-୪, ୪-୬ ଓ ୬-୩ ସେଟରେ ଫିଲିପାଇନ୍ସର ଆଲେକ୍ସଜାଣ୍ଡ୍ରା ଇଲାଙ୍କୁ ହରାଇଥିଲେ ।

ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ନୋଭାକ ଜୋକୋଭିଚ୍ ଓ ଇଟାଲୀର ଫ୍ଲାବିଓ କୋବୋଲି ମଧ୍ୟ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଟପ୍ ସିଡ୍ ସିନ୍ନର ୬-୩, ୭-୬ (୭/୦), ୬-୩ ସେଟରେ ଜାପାନର ସିନ୍ତାରୋ ମୋଚିଜୁକିଙ୍କୁ ହରାଇଥିଲେ ।

## ଅଷ୍ଟ୍ରେଲିଆକୁ ୨୪ତମ ଆଇସିସି ଟ୍ରଫି

**ଲଣ୍ଡନ, ୬।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡକୁ ୭ ୱିକେଟରେ ହରାଇ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଛି । ଏଥିସହ ଅଷ୍ଟ୍ରେଲିଆ ମହିଳା ଦଳ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ ଟାଇଟଲ୍ ଜିତିଛି । ଅଷ୍ଟ୍ରେଲିଆ ପୁରୁଷ ଓ ମହିଳା ଦଳର ଏହା ଓଭରଅଲ୍ ୨୪ତମ ଆଇସିସି ଟ୍ରଫି ରହିଛି । ଯେଉଁଥିରେ ମହିଳା ଦଳ ୭ଥର ଲେଖାଏ ଟି-୨୦ ଓ ଦିନିକିଆ ବିଶ୍ୱକପ ଜିତିଛି । ସେହିଭଳି ପୁରୁଷ ଦଳ ୬ଥର ଦିନିକିଆ ବିଶ୍ୱକପ୍ ଓ ଥରେ ଟି-୨୦ ବିଶ୍ୱକପରେ ଚାମ୍ପିଅନ ହୋଇଛି । ଏହାବାଦ୍ ଅଷ୍ଟ୍ରେଲିଆ ପୁରୁଷ ଦଳ ଦୁଇଥର ଚାମ୍ପିଅନ୍ସ ଟ୍ରଫି ଓ ଥରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଟ୍ରଫି ବିଜୟୀ ହୋଇଛି ।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS